

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ପ୍ରକାଶ ପାଇଛି ଏବର୍ଷର୍ ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଗୁରୁବାର ୧୧ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 11 NOVEMBER 2021
Vol.No. 32 ■ No. 287 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

## ଫଡନାଭିସଙ୍କ ଗୁମର ଖୋଲିଲେ ନବାବ ମଲ୍ଲିକ

ମୁମ୍ବାଇ,୧୦/୧୧ (ନି.ପ୍ର): ମହାରାଷ୍ଟ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଦେବେନ୍ଦ୍ର ଫଡନାଭିସଙ୍କ ଅସଲ ମୁଖା ଖୋଲିବାକୁ ଧମକ ଦେଇ 'ହାଇଡ୍ରୋଜେନ ବୋମା' ପକାଇବାକୁ କହିଥିବା ଏନସିପି ନେତା ନବାବ ମଲିକ ଆଜି ମୁହଁ ଖୋଲିଛନ୍ତି। ଗତକାଲି ଫଡନାଭିସ ସାମ୍ବାଦିକ ସମ୍ମିଳନୀ କରି ନବାବ ମଲିଙ୍କ ଲିଙ୍କ ଅଣ୍ଡରୱାର୍ଲ୍ଡ ସହ ରହିଥିବା ଅଭିଯୋଗ କରିଥିଲେ। ଏହାପରେ ନବାବ ମଲିକ ହାଇଡ୍ରୋଜେନ ବୋମା ପକାଇ ଫଡନାଭିସଙ୍କ ପ୍ରକୃତ ଗୁମର ଖୋଲିବେ କହିଥିଲେ। ଏହିକ୍ରମରେ ଆଜି ସେ ସାମ୍ବାଦିକ ସମ୍ମିଳନୀ କରି ଫଡନାଭିସଙ୍କ ସମ୍ପର୍କ ଅଣ୍ଡରୱାର୍ଲ୍ଡ ଡନ ଦାଉଦ ଇବ୍ରାହିମର ସହଯୋଗୀ ରିୟାଜ ଭାଟି ସହ ରହିଛି ବୋଲି କହିଛନ୍ତି। ନବାବ



ମଲିକ କହିଛନ୍ତି, "ରିୟାଚ ଭାଟି କିଏ? ସେ ନକଲି ପାସପୋର୍ଟ ଓ ଦାଉଦ ଇବ୍ରହିମ ସହ ସମ୍ପର୍କ ରଖିଥିବା ଘଟଣାରେ ଧରାପଡ଼ିଥିଲା। ହେଲେ ୨ ଦିନରେ ଖଲାସ ହୋଇଗଲା। ସେ ଗୋଟିଏ କାର୍ଯ୍ୟକ୍ରମରେ ଫଡନାଭିସଙ୍କ ସହ ରହିଥିଲା। ଏକାଧିକ ବିଜେପି କାର୍ଯ୍ୟକ୍ରମରେ ମଧ ତା'କୁ ଦେଖିବାକୁ ମିଳିଛି। ଆମେ ପ୍ରଧାନମନ୍ତ୍ରୀଙ୍କୁ ଏସବୁ ଭିତରକୁ ଟାଣିବାକୁ ଚାହୁଁନୁ। କିନ୍ତୁ ରିୟାଜ ଭାଟିର ଲିଙ୍କ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ରହିଛି। ଏପରି କି ସେ ପ୍ରଧାନମନ୍ତ୍ରୀଙ୍କ ସହ ମଧ ଫଟୋ ଉଠାଇଛି। ଥାନେରେ ଦେବେନ୍ଦ୍ର ଫଡନାଭିସଙ୍କ ଦ୍ୱାରା ନିଯୁକ୍ତ ପୁଲିସ୍ ଅଧିକାରୀଙ୍କୁ ଅଣ୍ଡରୱାର୍ଲ୍ଡ ଡନମାନେ ଫୋନ କରନ୍ତି। ସବୁ କିଛି ସେମାନଙ୍କ ଇସାରାରେ ହୁଏ।" ରାଜନୀତିକୁ ଦେବେନ୍ଦ୍ର ଫଡନାଭିସ ଅପରାଧିକରଣ କରିଛନ୍ତି ବୋଲି ମଧ ନବାବ ମଲିକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ନାଗପୁରର କୁଖ୍ୟାତ ଅପରାଧୀ ମୁନା ଯାଦବଙ୍କୁ ଫଡନାଭିସଙ୍କ ସରକାର ସମୟରେ କନଷ୍ଟ୍ରକସନ ବଡିର ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ବାଂଲାଦେଶୀଙ୍କ ଚୋରା ଚାଲାଣ କରୁଥିବା ହାଇଦର ଆଜମଙ୍କୁ ଫଡନାଭିସ ମୌଲାନା ଆଜାଦ ଫାଇନାନ୍ସ କର୍ପୋରେସନର ଅଧକ୍ଷ କରିଥିଲେ।" ଫଡନାଭିସ ରାଜ୍ୟରେ ନକଲି ନୋଟ ରାକେଟକୁ ଘଣ୍ଟା ଘୋଡ଼ାଇ ଚାଲିଥିଲେ ▶▶ପୃଷ୍ଠା ୭

## ଆୟବର୍ହିଭୂତ ସମ୍ପତି ଠୁଳ ମାମଲା : ଓପିଏଚଡବ୍ଲ୍ୟୁସି ଡେପୁଟି ମ୍ୟାନେଜର ପ୍ରତାପ ସାମଲ ଗିରଫ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଆୟବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କୋଟିପତି ଓଡ଼ିଶା ପୋଲିସ୍ ହାଉସିଂ ଆଣ୍ଡ ୱେଲଫେଆର୍ କର୍ପୋରେସନ (ଓପିଏଚଡବ୍ଲୁସି) ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଭିଜିଲାନ୍ସ ବିଭାଗ ପ୍ରତାପଙ୍କ ସମେତ ତାଙ୍କର ସ୍ତ୍ରୀ ସସ୍ମିତା ସାମଲଙ୍କ ନାଁରେ ମଧ୍ୟ ମାମଲା ରୁଜୁ ହୋଇଛି। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ପଚରାଉଚରା କରିଥିଲେ। କିନ୍ତୁ ସ୍ୱାମୀ-ସ୍ତ୍ରୀ ସନ୍ତୁଷ୍ଟମୂଳକ ଉତର ଦେଇପାରି ନଥିଲେ। ଭିଜିଲାନ୍ସ ବିଭାଗ ଗତକାଲି ପ୍ରତାପଙ୍କ ବିଭିନ୍ନ



ଠିକଣାରେ ଚଢ଼ଉ କରିଥିଲା। ପ୍ରତାପ ଓ ତାଙ୍କ ସ୍ତ୍ରୀ ନାଁରେ ଥିବା ସମ୍ପତିର ୧୪ କୋଟି ୮୭ ଲକ୍ଷ ୪୧ ହଜାର ୧୯୪ ଟଙ୍କା ଠାବ ହୋଇଛି। ଭିଜିଲାନ୍ସ ବିଭାଗ କହିଛି ପ୍ରତାପଙ୍କ ସମ୍ପତି ଆୟଠାରୁ ୧୦୨୧ ଗୁଣା ଅଧିକ। ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ବେଳେ ଘରୁ ୩୮.୧୨ ଲକ୍ଷ ଟଙ୍କା ଜବତ ହୋଇଛି। ପ୍ରତାପ ପଡ଼ୋଶୀ ଘର ଛାତକୁ ଫୋପାଡ଼ି ଦେଉଥିବା ୨୦ ଲକ୍ଷ ଟଙ୍କାର ବିଡ଼ା ବିଡ଼ା ନୋଟର ଏକ ପେଟି ଜବତ ହୋଇଛି। ସେହିଭଳି ପ୍ରତାପଙ୍କ ଘରୁ ଏଯାବତ ୧୮ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହାଛଡ଼ା ତାଙ୍କ ପତ୍ନୀ ▶▶ପୃଷ୍ଠା ୭

## ସଡକ ସୁରକ୍ଷା ପାଇଁ ତାଲିମ କାର୍ଯ୍ୟକ୍ରମ 'ରକ୍ଷକ'ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୦/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନର କନ୍‌ଭେନ୍‌ସନ ସେଂଟର ଠାରେ ସଡକ ସୁରକ୍ଷା ପାଇଁ ଏକ ଅଭିନବ ତାଲିମ କାର୍ଯ୍ୟକ୍ରମ 'ରକ୍ଷକ'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ୩୦ ହଜାର ପ୍ରଥମ ଜୀବନ ରକ୍ଷାକାରୀ (ଫାଷ୍ଟ ରେସପଣ୍ଡର) ତାଲିମ ପାଇବେ। ୩୦୦ ପ୍ରଶିକ୍ଷକ ରାଜ୍ୟର ୩୦ଟି ଜିଲ୍ଲାରେ ୩୦ ସପ୍ତାହ ପାଇଁ ତାଲିମ ପ୍ରଦାନ କରିବେ। ଏହାଦ୍ୱାରା ସଡକ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ସହାୟତା ଓ ଚିକିତ୍ସା ମିଳିପାରିବ ଓ ଅନେକ ଜୀବନ ବଂଚାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଡକ ଦୁର୍ଘଟଣା କେବଳ ଜଣେ ବ୍ୟକ୍ତି ବା ଗୋଟିଏ ପରିବାରର କ୍ଷତି ନୁହେଁ। ଏହା ସମାଜର କ୍ଷତି। ଅର୍ଥନୀତିର ମଧ ବଡ କ୍ଷତି। ତେଣୁ ଏହାକୁ ରୋକିବା ପାଇଁ ଆମେ ସମସ୍ତେ ଏକାଠି ହୋଇ କାମ କରିବା ଦରକାର। ଏ କ୍ଷେତ୍ରରେ ଡ୍ରାଇଭର ମାନଙ୍କର ଯେତିକି ଦାୟିତ୍ୱ, ସଡକ ବ୍ୟବହାର କରୁଥିବା ବ୍ୟକ୍ତିର ମଧ ସେତିକି ଦାୟିତ୍ୱ। ▶▶ପୃଷ୍ଠା ୭

## କରୋନା ବଟିକା ମଗାଇବ ଓଡ଼ିଶା

ଭୁବନେଶ୍ୱର,୧୦/୧୧ (ନି.ପ୍ର): କରୋନା ବିପକ୍ଷରେ ଲଢେଇ ପାଇଁ ୟୁକେରେ ପ୍ରସ୍ତୁତ ମୋଲନୁପିରାଭିର କ୍ୟାପସୁଲ୍ ମଗାଇବ ରାଜ୍ୟ । ମୋଲନୁପିରାଭିର ବଟିକା ୫୦% ମୃତ୍ୟୁ ରୋକୁଛି। ତେବେ ଡ୍ରଗ୍ସ କଂଟ୍ରୋଲରର ଅନୁମତି ମିଳିଲେ ଏହି କ୍ୟାପସୁଲ ମଗାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ୟୁରୋପୀୟ ଦେଶମାନଙ୍କରେ ସଂକ୍ରମଣ ଦ୍ରୁତ ଗତିରେ ବଢୁଛି । କଟକଣା କୋହଳ ଯୋଗୁଁ ସେଠାରେ ବଢୁଛି ସଂକ୍ରମଣ। ଏହି ସଂକ୍ରମଣ ବଢିବା ଆମ ପାଇଁ ଚିନ୍ତାର କାରଣ। ୨ରୁ ୩ମାସ ଆମକୁ ଆହୁରି ସଚେତନ ରହିବାକୁ ପଡ଼ିବ । କରୋନା କଟକଣା ମାନିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ।

## ପଲଙ୍କ ଉପରେ ରେଜେଇ, ଆଉ ରେଜେଇ ତଳେ ସାପ

ବାରିପଦା,୧୦/୧୧ (ନି.ପ୍ର): ପଲଙ୍କ ଉପରେ ରେଜେଇ। ଆଉ ରେଜେଇ ତଳେ ଶୋଇଥିଲା ସାପ। ଘର ମାଲିକ ଶୋଇବାକୁ ଗଲା ବେଳେ ସାପଙ୍କୁ ଦେଖି ଚମକି ପଡ଼ିଥିଲେ। ଆଉ ଅଳ୍ପକେ ବର୍ତ୍ତି ଗଲା ତାଙ୍କ ଜୀବନ। ଏପରି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାରେ। ବାରିପଦା ସହରର ଦେଉଳ ସାହି ଦୁର୍ଗା ହୋଟେଲ ସାମ୍ନାରେ ଏକ ଭଡ଼ା ଘରେ ରୁହନ୍ତି ସନ୍ତୋଷ ମହାନ୍ତି। ଗତ ଦୁଇ ଦିନ ହେଲା ସେ ଘରେ ନଥିଲେ। କୌଣସି କାମରେ ବାହାରକୁ ▶▶ପୃଷ୍ଠା ୭

## ବାଡ଼ମେରରେ ବସ୍-ଟ୍ରକ୍ ଦୁର୍ଘଟଣା : ୧୨ ଜୀବନ୍ତ ଦଗ୍ଧ, ୪୦ ଆହତ

ବାଡ଼ମେର,୧୦/୧୧ (ନି.ପ୍ର): ରାଜସ୍ଥାନର ବାଡ଼ମେର ଜିଲ୍ଲାରେ ଜୋଧପୁର-ବାଡ଼ମେର ନେସନାଲ୍ ହାଇୱେରେ ସଂସ୍କାର ସ୍କୁଲ ପାଖରେ ବୁଧବାର ସକାଳେ ବସ୍ ଏବଂ ଟର୍ବୋ ଟ୍ରକ୍‌ର ମୁହାଁମୁହିଁ ଧକ୍କାରେ ବସ୍‌ରେ ନିଆଁ ଲାଗିଯିବାରୁ ୧୨ଜଣ ଜୀବନ୍ତ ଦଗ୍ଧ ହେବା ସହିତ ୪୦ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଳ କଲରାଜ ମିଶ୍ର ତଥା ମୁଖ୍ୟମନ୍ତ୍ରୀ ଅଶୋକ ଗହଲୋତ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟଙ୍କୁ ଦୁଇଲକ୍ଷ ଲେଖାଏଁ ଏବଂ ଆହତଙ୍କୁ ୫୦ହଜାର ଲେଖାଏଁ ଆର୍ଥିକ ସହାୟତାର ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଗହଲୋତ ଆହତଙ୍କ



ଉନ୍ନତ ଚିକିତ୍ସାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣାରେ ପ୍ରଥମେ ୫ଜଣଙ୍କର ମୃତ୍ୟୁ ଖବର ଆସିଥିଲା, କିନ୍ତୁ ପରେ ଜିଲ୍ଲା କଲେକ୍ଟର ଲୋକବନ୍ଧୁ ଅନ୍ୟ ୭ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିଲେ। ଏଥିରେ ଏକ ଶିଶୁ ମଧ ଅଛି। ଦୁର୍ଘଟଣାରେ ଆହତ ୪୦ ଲୋକଙ୍କ ନିକଟବର୍ତୀ ନାହଟା ରାଜକୀୟ ହସ୍ପିଟାଲ ଏବଂ ଅନ୍ୟ ହସ୍ପିଟାଲରେ ଭର୍ତି କରାଯାଇଛି, ଯେଉଁଥିରେ ୧୩ ଜଣଙ୍କୁ ଜୋଧପୁର ରେଫର କରିଦିଆଯାଇଛି। ଦୁର୍ଘଟଣାର ସୂଚନା ମିଳିବା ପରେ ପଚପଦରା, ବାଲୋତରା ଏବଂ ରିଫାଇନରୀର ଫାୟର ବ୍ରିଗେଡ ଘଟଣାସ୍ଥଳରେ ପହଂଚିଥିଲେ। ତିନି ଦମକଳ ଅଧଘଂଟା ଅକ୍ଲାନ୍ତ ପରିଶ୍ରମରେ ଦୁଇ ଗାଡ଼ିରେ ଲାଗିଥିବା ନିଆଁ ଉପରେ ନିୟନ୍ତ୍ରଣ ପାଇଥିଲା। ପୋଲିସ୍ ଅନୁଯାୟୀ ଜୋଧପୁର-ବାଡ଼ମେର ନେସନାଲ୍ ହାଇୱେରେ ଭାଣ୍ଡିୟାବାସ ପାଖରେ ବସ୍ ଏବଂ ଟ୍ରକ୍‌ର ଧକ୍କା ପରେ ବସ୍‌ରେ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଭୀଷଣ ଥିଲା ଯେ କିଛି ମିନିଟ୍ ମଧରେ ସମ୍ପୂର୍ଣ୍ଣ ବସ୍ ଜଳି ନଷ୍ଟ ହୋଇଯାଇଥିଲା। ଆଖପାଖର ଲୋକମାନେ ବସ୍‌ରେ ଥିବା ଲୋକଙ୍କୁ ତଳକୁ ଓହ୍ଲାଇଥିଲେ। ଆହତ ଲୋକଙ୍କୁ ବାଲୋତରା ହସ୍ପିଟାଲ ପାଇଁ ପଠାଇଦିଆଯାଇଥିଲା। ଘଟଣାର ସୂଚନା ପାଇ ପଚପଦରା ବାଲୋତରା ପୋଲିସ୍ ଏବଂ ପ୍ରଶାସନର ଅଧିକାରୀ ଘଟଣାସ୍ଥଳରେ ପହଂଚିଥିଲେ।

## ଡିସେମ୍ବର ୩୧ରେ ଅବସର ନେବେ ଡିଜିପି ଅଭୟ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ନୂଆବର୍ଷରେ ଓଡ଼ିଶା ପାଇବ ନୂଆ ପୋଲିସ ଡିଜି। ଆସନ୍ତା ଡିସେମ୍ବର ୩୧ରେ ବର୍ତମାନର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଚାକିରିରୁ ଅବସର ନେବେ। ଅଭୟଙ୍କ ଅବସର ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ତେବେ ଅଭୟଙ୍କ ପରେ ରାଜ୍ୟର ପରବର୍ତୀ ଡିଜି କିଏ ହେବେ, ତା' ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପଟେ ନୂଆ ଡିଜିପି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପରବର୍ତୀ ଡିଜିପି ପାଇଁ ରାଜ୍ୟ ସରକାର ୧୨ ଜଣିଆ ତାଲିକା କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଛନ୍ତି। ସେଥିରେ ରହିଛି ପ୍ରଦୀପ କପୁର, ସୁନୀଲ କୁମାର ବଂଶଲ, ମନୋଜ ଛାବ୍ରା, ସନ୍ତୋଷ ଉପାଧ୍ୟାୟଙ୍କ ପରି ନାଁ। ସେମାନଙ୍କ



ଭିତରୁ ତିନି ଜଣଙ୍କୁ ୟୁପିଏସ୍‌ସି ବାଛିବେ। ସେମାନଙ୍କ ଭିତରୁ ଜଣଙ୍କୁ ରାଜ୍ୟ ସରକାର ଡିଜିପି ଦାୟିତ୍ୱ ଦେବେ। ସୂଚନାଯୋଗ୍ୟ, ୧୯୮୬ ବ୍ୟାଚ୍ ର ଆଇପିଏସ୍ ଅଧିକାରୀ ଶ୍ରୀ ଅଭୟ ୨୦୧୯ ଡିସେମ୍ବର ୯ ତାରିଖରେ ଓଡ଼ିଶା ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ହାଇଦ୍ରାବାଦ୍ ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାସନାଲ ପୋଲିସ ଏକାଡେମୀରେ ନିର୍ଦ୍ଦେଶକ ଥିଲେ। ଡିଜିପି ଅଭୟଙ୍କର କାର୍ଯ୍ୟକାଳ ୨୦୨୧ ମସିହା ଜୁନ୍ ପର୍ଯ୍ୟନ୍ତ ଥିଲା। ମାତ୍ର ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳ ୬ ମାସ ବଢ଼ାଇ ଥିଲେ।

## ୧୫ରୁ ଖୋଲିବ ଷଷ୍ଠ ଓ ସପ୍ତମ ଶ୍ରେଣୀ

### ସକାଳ ସାଢେ୯ରୁ ଗୋଟାଏ ଯାଏଁ ସ୍କୁଲ ଆସିବେ ପିଲା

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଆସନ୍ତା ନଭେମ୍ବର ୧୫ ତାରିଖରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ସ୍କୁଲ୍ ଖୋଲିବ । ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ସୂଚନା ଦେଇଛନ୍ତି। କୋଭିଡ୍ ଗାଇଡଲାଇନ ଆଧାରରେ ପାଠପଢ଼ା ହେବ। ଏହା ପୂର୍ବରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପାଇଁ ସ୍କୁଲରେ ପାଠପଢ଼ା ଜାରି ରହିଛି। ଆଉ ଦୀପାବଳି ପରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ସ୍କୁଲ ଖୋଲାଯାଇପାରେ ବୋଲି ସୂଚନା ମିଳିଥିଲା। ଶେଷରେ ଏହି ଦୁଇଟି ଶ୍ରେଣୀର ସ୍କୁଲ ଖୋଲିବାକୁ ମଧ ନିଷ୍ପତି ନିଆଯାଇଛି। ମନ୍ତ୍ରୀଙ୍କ ଘୋଷଣା ପରେ ବିଦ୍ୟାଳୟ ଓ



ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସୂଚନା ଅନୁଯାୟୀ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ର ଛାତ୍ରୀ ସକାଳ ସାଢେ ୯ଟାରୁ ଦିନ ୧ ଟା ପର୍ଯ୍ୟନ୍ତ ସ୍କୁଲ ଆସିବେ। ପିଲାମାନେ ଅଭିଭାବକଙ୍କ ଅନୁମତି ନେଇ ଅଫଲାଇନ୍ କ୍ଲାସ୍ କରିବେ। ଏହା ବ୍ୟତୀତ ଅନଲାଇନ୍ କ୍ଲାସ୍ ମଧ୍ୟ ଜାରି ରହିବ। ସ୍କୁଲ ସହ କୋଭିଡ୍ ଗାଇଡ୍ ଲାଇନ୍ ମାନି ହଷ୍ଟେଲ ମଧ୍ୟ ଖୋଲାଯିବ। ସ୍କୁଲ ଖୋଲିବା ପୂର୍ବରୁ ଜିଲ୍ଲା ଓ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରମୁଖ ସେଠାକୁ ଯାଇ ସ୍କୁଲ ପରିସରରେ ▶▶ପୃଷ୍ଠା ୭

## କୋହଲିଙ୍କ ଝିଅକୁ ଧମକ ଦେଇଥିବା ବ୍ୟକ୍ତି ଗିରଫ

ମୁମ୍ବାଇ,୧୦/୧୧ (ନି.ପ୍ର): ବନ୍ଧା ହେଲେ ଭାରତୀୟ କ୍ରିକେଟ ଟିମ୍‌ର ଅଧିନାୟକ ବିରାଟ କୋହଲିଙ୍କ ଝିଅକୁ ଦୁଷ୍କର୍ମ ଧମକ ଦେଇଥିବା ବ୍ୟକ୍ତି। ମୁମ୍ବାଇ ପୁଲିସ ଆଜି ଉକ୍ତ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାଁ ରାମନାଗେଶ ଅଲିବଥିନି। ତା' ବୟସ ୨୩ ବର୍ଷ। ହାଇଦ୍ରାବାଦରୁ ମୁମ୍ବାଇର ସାଇବର ସେଲ୍ ପୁଲିସ ରାମନାଗେଶକୁ ଗିରଫ କରିଥିବା ଜଣାପଡିଛି। ଅଭିଯୁକ୍ତ ରାମନାଗେଶ ପେଶାରେ ଜଣେ ସଫ୍ଟୱେଆର ଇଞ୍ଜିନିଅର। ସେ ପ୍ରଥମେ ଫୁଡ୍ ଡେଲିଭରୀ ଆପ୍ ପାଇଁ ସଫ୍ଟୱେଆର ତିଆରି କରିବା କାମ କରୁଥିଲା।

## ନଭେମ୍ବର ୧୨ ତାରିଖ ଓଡିଶା ବନ୍ଦ ନେଇ କଂଗ୍ରେସର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଆସନ୍ତା୧୨ ତାରିଖ ଓଡିଶା ବନ୍ଦ ଓ ୧୯ ତାରିଖ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ରେ ଓଡିଶା ବନ୍ଦ ର ରୂପରେଖ ଉପରେ ଆଲୋଚନା କରା ଯାଇଥିଲା । ସଭା ପରେ ଶ୍ରୀ ଦାଶ ଜିଲ୍ଲା କହିଥିଲେ ମମିତା ମେହର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ତଥା ଗୃହରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ସହ ତୁରନ୍ତ ଗିରଫ ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଓଡିଶା ବନ୍ଦ ଡାକରାକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ଭୁବନେଶ୍ୱରର ସବୁ ସ୍ଥାନରେ ଜୋରଦାର ଆନ୍ଦୋଳନ କରାଯିବ ପାଇଁ ନିଷ୍ପତି ନିଆଯାଇଛି । ୧୨ ତାରିଖ ସକାଳ ୬ ଘଟିକା ଠାରୁ ୧୨ ଘଟିକା ପର୍ଯ୍ୟନ୍ତ ୬ ଘଂଟିଆ ବନ୍ଦ ପାଳନ କରାଯିବ ବୋଲି ସେ କହିଥିଲେ। ମମିତାଙ୍କ ପରିବାରକୁ ନ୍ୟାୟ ଦେବାପାଇଁ ଓଡିଶା ବନ୍ଦ ଡାକାରକୁ ସଫଳ କରିବା ପାଇଁ ଉକ୍ତ ବୈଠକରେ ଯୋଗଦେଇଥିବା ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନି କୁମାର ମହାନ୍ତି, ସମ୍ପାଦକ ସୁବ୍ରତ ମହାପାତ୍ର ,ଜିଲ୍ଲା ମୁଖପାତ୍ର ସଞ୍ଜୀବ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦଶ , ଯାଶୀର ନୱାଜ,ମୋହନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ଆଶିଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ବା ଉପାଦେୟ ପରାମର୍ଶ ଦେବା ପରେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି।

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଡି. ପୁରନ୍ଦେଶ୍ୱରୀ

ବରଗଡ଼,୧୦/୧୧ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଓଡ଼ିଶା ବିଜେପି ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ। ସେ ମମିତା ମାମଲାରେ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହ ଗୃହ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବରଗଡ଼ ଗସ୍ତବେଳେ ଡି. ପୁରେନ୍ଦେଶ୍ୱରୀ କହିଛନ୍ତି, ପରୀ ଘଟଣା ମନରୁ ଲିଭି ନଥିବା ବେଳେ ଏବେ ମମିତା ଘଟଣା ସାମ୍ନା



କରିବାକୁ ପଡୁଛି। ମମିତାଙ୍କୁ ଯେଉଁଭଳି ନିର୍ମମ ଭାବେ ହତ୍ୟା କରାଗଲା, ତାକୁ କୌଣସି ମହିଳା ସହ୍ୟ କରିପାରିବେ ନାହିଁ। କେବଳ ମହିଳା ନୁହଁନ୍ତି, ମାନବଜାତି ମଧ ଏଭଳି ଘଟଣାକୁ ନିନ୍ଦା କରୁଛି। ତେବେ ସବୁଠାରୁ ଦୁଃଖର କଥା ହେଉଛି, ଗୋଟିଏ ପଟେ ମମିତାଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଛି ଏବଂ ଅନ୍ୟ ପଟେ ପ୍ରଶାସନର କାର୍ଯ୍ୟକ୍ରମରେ ଦିବ୍ୟଶଙ୍କରଙ୍କୁ ପାଖରେ ବସାଇ ବୈଠକ କରୁଛନ୍ତି ମୁଖ୍ୟମନ୍ତ୍ରୀ। ତେଣୁ ମୁଁ ଏଠାକାର ପ୍ରଶାସନକୁ ପଚାରିବାକୁ ଚାହୁଁଛି ଯେ ଆପଣ କ'ଣ ଭ୍ରଷ୍ଟାଚାରୀ, ହତ୍ୟାକାରୀ ନେତାଙ୍କୁ ସୁରକ୍ଷା ଦେଉଛନ୍ତି କି? ପୁରନ୍ଦେଶ୍ୱରୀ ଆହୁରି କହିଛନ୍ତି, ଆମ ଦଳ ହତ୍ୟାକାରୀ ନେତାଙ୍କ ବହିଷ୍କାର ଦାବି କରିଆସୁଛି। କିନ୍ତୁ ରାଜ୍ୟ ସରକାର ▶▶ପୃଷ୍ଠା ୭

# କୁରୁପଦା ବଧୂହତ୍ୟା ଘଟଣା : ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ,୧୦/୧୧ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର କୁରୁପଦା ଗ୍ରାମରେ ଗତ ୩ ତାରିଖରେ ଘଟିଥିବା ବଧୂହତ୍ୟା ଘଟଣାରେ ପୁଲିସ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ମଧ ଯୌତୁକ ଜିନିଷ ଜବତ ଓ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବା ଦାବି ନେଇ ଝିଅର ପରିବାର ଲୋକେ ସୋମବାର ଦିନ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଛନ୍ତି । ଏ ନେଇ ଝିଅର ବାପା ସନ୍ତୋଷ କୁମାର ପାଳ ଓ ମାଆ ସୁଷମାଙ୍କ ସମେତ ଭଉଣୀ ସୁଜାତା, ଲକ୍ଷ୍ମିପ୍ରୀୟା, ବିନି, ମନପ୍ରିୟା ପ୍ରମୁଖ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଗତ ମଇ ମାସରେ ସନ୍ତୋଷଙ୍କ ସାନଝିଅ ହୀରାବତି (୨୩)ଙ୍କ ସହିତ କୁରୁପଦା ଗ୍ରାମର ବିଦ୍ୟାଧର ସାମଲଙ୍କ ବଡ଼ପୁଅ ପ୍ରଭାତଙ୍କ ମନ୍ଦିରରେ ବୈଦିକ ରୀତିରେ ବାହାଘର ହୋଇଥିଲା । ବାହାଘରରେ ପୁଅ ଘରର ଦାବି ମୁତାବକ ଏକ ଲକ୍ଷ ଚାଳିଶ ହଜାର ଟଙ୍କା ସମେତ ସୁନା ଓ ରୁପାର ଅଳଙ୍କାର, ଘରୋଇ ଉପକରଣ ଓ ଅନ୍ୟାନ୍ୟ ଆସବାବପତ୍ର ପ୍ରଦାନ କରିଥିଲେ । କିନ୍ତୁ ବାହାଘର ପୂର୍ବରୁ ପୁଅ ଯାଜପୁର ରୋଡ଼ର ହୋଣ୍ଡା ସୋ ରୁମରେ ଚାକିରୀ କରୁଛି ବୋଲି ମିଛ କହି ବାହାଘର କରିଥିଲେ, ପ୍ରକୃତରେ ପୁଅ ଭୋଜିରେ ଖାଦ୍ୟ ପରସୁଥିବା କାର୍ଯ୍ୟ କରେ ବୋଲି ପଛରେ ଜାଣିପାରିଥିଲେ ବୋଲି ଅଭିଯୋଗ କରିଛନ୍ତି ମୃତ ହିରାବତୀର ପିତା ସନ୍ତୋଷ । ପୁଅର ରୋଜଗାର ବିଷୟରେ ହୀରାବତି ଜାଣିପାରିଥିବା ବେଳେ ତାହା କ୍ରମଶଃ ଫାଟ ସୃଷ୍ଟି କରିଥିଲା । ଏପରିକି ହୀରାବତି ଦେଢ ମାସର ଗର୍ଭବତୀ ଥିବା ବେଳେ ମଧ ତାର ଅଜାଣତରେ ତାକୁ ଔଷଧ ଦିଆଯାଇ ତାର ଗର୍ଭପାତ କରଯାଇଥିଲା । ଏପରିକି ଗର୍ଭପାତ ସମୟରେ ଅତ୍ୟଧିକ ରକ୍ତସ୍ରାବ ହେଉଥିଲେ ମଧ ତାକୁ ଡ଼ାକ୍ତରଖାନା ନିଆଯାଇନଥିଲା ବୋଲି ମୃତକଙ୍କର ଭଉଣୀ ମାନେ ପ୍ରକାଶ କରିଛନ୍ତି । ଏହାପରେ ଗତ ଅଗଷ୍ଟ ୩୦ ତାରିଖରେ ଶାଶୁ ତୁଳସୀ, ଗୋସେଇଁ ଶାଶୁ ସୁକୁଟି, ଶ୍ୱଶୁର ବିଦ୍ୟାଧର ଓ ସ୍ୱାମୀ ପ୍ରଭାତ ମିଶି ହୀରାବତିଙ୍କୁ ପ୍ରବଳ ମାଡ଼ ମାରିବାରୁ ହୀରାବତି ଥାନାରେ ଅଭିଯୋଗ କରିଥିଲେ । ପରେ ଉଭୟ ପକ୍ଷ ଭଦ୍ର ଲୋକଙ୍କ ସହାୟତାରେ ସମାଧାନ କରଯିବା ପରେ ସେ ଶାଶୁ ଘରକୁ ଫେରିଥିଲେ । ତେବେ ମାତ୍ର ଦୁଇ ମାସ ପରେ ୩ ତାରିଖ ଦିନ ହୀରାବତୀ ଫ୍ୟାନରେ ଫାଶୀ ଦେଇ ଆତ୍ମହତ୍ୟା କରିଛି ବୋଲି ଝିଅର ଶ୍ୱଶୁର ସନ୍ତୋଷଙ୍କୁ ଫୋନ କରିଥିଲେ ମାତ୍ର ସନ୍ତୋଷ ଆସି ଦେଖିବା ବେଳକୁ ତାଙ୍କ ଝିଅ ବିଛଣା ଉପରେ ପଡ଼ି ରହିଥିବା ବେଳେ ଫ୍ୟାନରେ କୌଣସି ଲୁଗା କି ଦଉଡ଼ି ଦେଖିବାକୁ ପାଇ ନଥିଲେ । ଏବଂ ଝିଅ ମୁଣ୍ଡରେ ପିନ୍ଧିଥିବା ସିନ୍ଦୁର ଲେସି ହୋଇଯାଇଥିଲା । ଫଳରେ ତାକୁ ତକିଆ ପକାଇ ଶ୍ୱାସ ରୁଦ୍ଧ କରି ମାରି ଦେବା ପରେ ଆତ୍ମହତ୍ୟାର ରୁପ ଦେବା ଲାଗି ଚେଷ୍ଟା କରୁଥିଲେ ବୋଲି ଝିଅର ପରିବାର ଲୋକେ ଅଭିଯୋଗ ଆଣିଥିଲେ, ଏବଂ ଘଟଣା ପରଠାରୁ ଉଭୟ ବାପ ପୁଅ ଘରୁ ଫେରାର୍ ଥିଲେ । ଏହାପରେ ସନ୍ତୋଷଙ୍କ ଅଭିଯୋଗ ଅନୁସାରେ ଏକ ହତ୍ୟା ମାମଲା ୨୮୯/୨୧ ଦଫା ୩୦୨,୩୦୪-ବି ଓ ୩୪ରେ ମୋକଦ୍ଦମା ରୁଜୁ କରି ପୁଲିସ ଉଭୟ ବାପ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ତୁଳସୀ, ଗୋସେଇଁ ଶାଶୁ ସୁକୁଟିଙ୍କୁ କେଉଁ କାରଣରୁ ଗିରଫ କରାଯାଉ ନାହିଁ ଅଥବା ତାଙ୍କର ଯୌତୁକ ସାମଗ୍ରୀକୁ କ'ଣ ପାଇଁ ପୁଲିସ ଜବତ କରୁନାହିଁ ଏ ନେଇ ପରିବାର ଲୋକେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବି କରିଛନ୍ତି ।

# ମୃତ ଶ୍ରମିକଙ୍କୁ କ୍ଷତିପୂରଣ ଦାବିରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡ଼ା,୧୦/୧୧ (ନି.ପ୍ର): ଓଡିଶା କନଷ୍ଟ୍ରକସନ୍ ୱାର୍କର୍ସ ୟୁନିୟନ ତରଫରୁ କେନ୍ଦ୍ରାପଡା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟ ଆଗରେ ଗଣ ବିକ୍ଷୋଭ ସହ ଧାରଣା ଦିଆଯାଇଛି । ମଙ୍ଗଳବାର ୟୁନିୟନର ଶତାଧିକ ସଦସ୍ୟ ଧାରଣା ଦେବା ସହ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି ମୃତ ଶ୍ରମିକ ପରିବାରକୁ କ୍ଷତିପୁରଣ ଦେବାକୁ ଦାବି ହୋଇଛି । ଅଭିଯୋଗ ମୁତାବକ କେନ୍ଦ୍ରାପଡାର ଶ୍ୟାମଗୁଡିଆ ଠାରେ ଦୀର୍ଘ ୪ବର୍ଷ ହେଲା ନିର୍ମାଣ କରା ଯାଉଥିବା ମାତୃଶିଶୁ ସ୍ୱତନ୍ତ୍ର ଚିକିତ୍ସାଳୟର ନିର୍ମାଣ କାର୍ଯ୍ୟ ଠିକାଦାର ସଂସ୍ଥା ଇଣ୍ଡିଆ ଇଂଜିନିୟର୍ସ ମାଧମରେ କରା ଯାଉଛି । ଏହି ସଂସ୍ଥା ସମସ୍ତ ସରକାରୀ ନିୟମ କାନୁନକୁ ଉଲଙ୍ଘନ କରି କାର୍ଯ୍ୟ କରୁଥିବାବେଳେ ନିଯୁକ୍ତ ମଜିସ୍ତ୍ରୀ ଓ ଶ୍ରମିକମାନଙ୍କୁ ହେଲମେଟ, ପାନୀୟଜଳ, ସେଫଟି ବେଲ୍ଟ ପ୍ରଭୃତି ନ ଯୋଗାଇ ଥିବାରୁ ଚଳିତ ବର୍ଷ ଜୁଲାଇ ୧୮ ତାରିଖରେ ଜିତୁ ବେସ୍ରା ନାମକ ଜଣେ ଶ୍ରମିକ ମୃତ୍ୟୁ ବରଣ କରିଥିଲେ । ଆଦିବାସୀ ସଂପ୍ରଦାୟର ଏହି ମୃତକଙ୍କର ୪ଟି ସନ୍ତାନ ସହ ପରିବାର ଆର୍ଥିକ ଅନଟନରେ ପଡି ରହିଛନ୍ତି । ପୂର୍ତ୍ତ ବିଭାଗ ପ୍ରିନ୍ସିପାଲ ଏମ୍ପ୍ଲୋୟର ହୋଇ ଥିବାରୁ ମୃତକ ପରିବାରକୁ ୨୦ ଲକ୍ଷ କ୍ଷତି ପୁରଣ ଦେବାପାଇଁ ଜଗତ ଜୀବନ ଦାସଙ୍କ ନେତୃତ୍ୱରେ ଉମେଶ ସିଂହ, ଧନେଶ୍ୱର ରାଉତ, ଗୟାଧର ଧଳ, ନୃସିଂହ ତରାଇ, ମାଧବ ଦାସ, ଲକ୍ଷ୍ମୀ ପଣ୍ଡା, ଉମେଶ ମଲିକ, ମହେଶ୍ୱର ପରିଡା, ସୁହାନା ବେଗମ, ଅକ୍ଷୟ ତରାଇ, ନିରାକାର ସାହୁ, ସ୍ନେହଲତା ଗାହାଣ ଉପସ୍ଥିତ ଥିଲେ ।

# ଆଇଏଫଏସ ର୍ୟାଙ୍କରଙ୍କୁ ସମ୍ବର୍ଦ୍ଧନା

କୋରେଇ,୧୦/୧୧ (ନି.ପ୍ର): କୋରେଇ ୟୁଥ୍ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ କୋରେଇ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଚଳିତ ବର୍ଷ ପ୍ରକାଶ ପାଇଥିବା ଆଇଏଫଏସରେ ତୁଳତି ପଂଚାୟତ ଇସଲାମପୁର ଗ୍ରାମର ମହମ୍ମଦ ଆଇ.ଜେଡ୍ ଖାନ୍‌ଙ୍କ ପୁଅ ମହମ୍ମଦ 'ତେହୁନ୍ ଅଜିଜ୍ ଖାନ୍ ସର୍ବଭାରତୀୟ ସ୍ତରରେ ଏକମାତ୍ର ଓଡିଆ ଭାବରେ ୨୪ ର୍ୟାଙ୍କ୍ ହାସଲ କରିଛନ୍ତି । ଏହି ପ୍ରରିପ୍ରେକ୍ଷୀରେ କୋରେଇ ଉଚ୍ଚ ବିଦ୍ୟାଳୟ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ଡ. ସୂର୍ଯ୍ୟମଣି ଖୁଂଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦଘାଟକ ଭାବେ ପୂର୍ବତନ ଡ. ସାଂସଦ ରାମଚନ୍ଦ୍ର ଖୁଂଟିଆ ଯୋଗ ଦେଇଥିଲେ । କୋରେଇ ୟୁଥ୍ କ୍ଲବର ସଭାପତି ସାହାବାଜ୍ ଖାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା ଓ ସାହିତ୍ୟିକ ରବି ହୁସେନ୍ ଗାନ୍ଧୀ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅଂଚଳର ବରିଷ୍ଠ ନାଗରିକ କ୍ରିଡାବିତ୍ ଫୁର୍‌କାନ୍ ହଜାରୀ ଓ ତୁଳତି ସରପଂଚ ଦୀପ୍ତିମୟୀ କୁଅଁର ଯୋଗ ଦେଇଥିଲେ । ତେବେ ମିଳିଥିବା ସଫଳତା ପାଇଁ ସେ ସମସ୍ତ ଶ୍ରେୟ ନିଜ ବାପା, ମା, ଗୁରୁ ତଥା ସହପାଠୀଙ୍କ ଦେଇଥିବା ବେଳେ କୋରେଇ ମାଟିର ବିକାଶ ପାଇଁ କାମ କରିବେ ବୋଲି କହିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁଥ୍ କ୍ଲବ୍ ପକ୍ଷରୁ ସେକ୍ ସାର୍ଫି ଉଲ୍ ହଜାରି, ତମଜିଦ୍ ମହମ୍ମଦ, ଜାହାଁବାଜ୍ ଖାନ୍, ଅମନ ଖାନ୍, ଇମ୍ରାନ୍ ଖାନ୍, ଅଜମଲ ଖାନ୍, ମୁଖତାର ଅଲ୍ଲୀ, ସାଦିକ ଖାନ୍, ଚନ୍ଦନ ଖାନଙ୍କ ସମେତ ରାକେଶ ମହାନ୍ତି, ମୁଜେବୁର୍ ରହେମାନ, ଜିତେନ୍ଦ୍ର ସିଂ, ଶ୍ରୀକାନ୍ତ ମହାନ୍ତି, ସେକ୍ କାଲିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଜାହାଁବାଜ୍ ଖାନ୍ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଟାଙ୍ଗିରେ ହାତୀ ପଲଙ୍କ ଆତଙ୍କ : ଏକର ଏକର ଜମିର ଧାନ ଦଳିଦେଲେ

ଖୋର୍ଦ୍ଧା,୧୦/୧୧ (ନି.ପ୍ର): ଖୋର୍ଦ୍ଧା ବନ ଖଣ୍ଡ ଟାଙ୍ଗୀ ରେଂଜରେ ଦିନକୁ ଦିନ ବଢିଚାଲିଛି ଜଙ୍ଗଲୀ ହାତୀ ପଲଙ୍କ ଆତଙ୍କ ରାଜ । ଦିନରେ ହାତୀ ପଲ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଖାଦ୍ୟ ଖାଇବା ଲୋଭରେ ଗାଁ ମୁହାଁ ହେଉଛନ୍ତି । ହାତୀ ପଲଙ୍କ ଉପଦ୍ରବ ଯୋଗୁଁ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଏପରିକି ଧନ ଜୀବନ ବି ହାନି ହେଉଛି । ଧାନଗଛରେ ଏବେ ଥୋଡ଼ ବାହାରୁ ଥିବାରୁ ହାତୀପଲଙ୍କ ଯୋଗୁଁ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହେଉଛି । ଗତକାଲି ରାତିରେ ଖୋର୍ଦ୍ଧା ବନ ଖଣ୍ଡ ଭୁଷଣ୍ଡପୁରରେ ୧୬ ଟି ଜଙ୍ଗଲୀ ହାତୀ ପଲ ଗାଁ ମୁହାଁ ହୋଇଥିବା ଦେଖିବାକୁ ମିଳିଛି । ଯାହାଦ୍ୱାରା ଏକର ଏକର ଧାନ ଫସଲ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି । ଖବର ପାଇ ଟାଙ୍ଗୀ ବନାଂଚଳ ରେଂଜର ର୍ବିନ୍ଦ୍ର ନାଥ ପଣ୍ଡାଙ୍କ ନିର୍ଦ୍ଦେଶରେ ବନ ବିଭାଗ କର୍ମଚାରୀମାନେ ହାତୀ ପଲଙ୍କ ଉପରେ କଡା ନଜର ରଖିଛନ୍ତି । ଏପରିକି ଅକ୍ଳାନ୍ତ ପରିଶ୍ରମ କରି ବନ କର୍ମଚାରୀମାନେ ହାତୀ ପଲକୁ ଜଙ୍ଗଲ ଭିତରକୁ ଘଉଡାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ହାତୀ ପାଦରେ ଫସଲ ନଷ୍ଟ ହେଉଥିବାରୁ ବନ ବିଭାଗ ଉପରେ ଚାଷୀମାନେ ଦୋଷ ଲଦିଛନ୍ତି । ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ କ୍ଷତି ପୂରଣ ପାଇବା ପାଇଁ ଦାବି କରିଛନ୍ତି ।

# କୋତଲାଙ୍ଗରେ ୧୦ରୁ ଉର୍ଦ୍ଧ୍ୱ କାଉ ମଡ଼କ: ବାର୍ଡଫ୍ଲୁ ଆଶଙ୍କା

ଖୋର୍ଦ୍ଧା,୧୦/୧୧ (ନି.ପ୍ର): କାଉ ମଡ଼କ ନେଇ ଏବେ ସାଧାରଣ ଲୋକଙ୍କ ମଧରେ ଆତଙ୍କ ସୃଷ୍ଟି ହୋଇଛି । ଏପରିକି ଘରୋଇ ଲୋକ ରଖିଥିବା ଗୃହପାଳିତ ପକ୍ଷୀଙ୍କ ନିକଟରେ ବାର୍ଡଫ୍ଲୁ ଦେଖାଯିବା ଆଶଙ୍କା ଥିବାରୁ ଏବେ ଚିନ୍ତାରେ ପଡିଛନ୍ତି ଗୃହପାଳିତ ପକ୍ଷୀ ଚାଷୀ । ଗତ କିଛିଦିନ ହେବ ବେଗୁନିଆ ବ୍ଲକରେ କାଉ ମଡ଼କ ଦେଖିବାକୁ ମିଳିଛି । ତେବେ ବିଭିନ୍ନ ସମୟରେ କାଉ ମଡ଼କ ଦେଖାଦେବାରୁ ଖୋର୍ଦ୍ଧା ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ବେଗୁନିଆ ବ୍ଲକରେ କାଉ ମଡ଼କ ସ୍ଥାନରେ ପହଂଚି ପୋତିବା ସହିତ ମୃତ କାଉମାନଙ୍କ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇ ଥିବା ଜଣାପଡ଼ିଛି । ଏଭଳି ସ୍ଥିତିରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୋତଲାଙ୍ଗ ଗାଁରେ ବିଭିନ୍ନ ସ୍ଥାନରେ ୧୦ରୁ ଉର୍ଦ୍ଧ୍ୱ କାଉଙ୍କ ମୃତଦେହ ଠାବ କରିଛି ବେଗୁନିଆ ପ୍ରାଣୀଧନ ବିଭାଗ ତେବେ ବେଗୁନିଆ ପ୍ରାଣୀଧନ ବିଭାଗର ଟିମ ଘଟଣାସ୍ଥଳରେ ନମୁନା ସଂଗ୍ରହ କରୁଥିବା ଜଣାପଡିଛି ।

# କେନ୍ଦ୍ରାପଡ଼ା ପୌରାଂଚଳରେ ମୁକ୍ତା ଯୋଜନାର ସମୀକ୍ଷା କଲେ ୫ଟି ସଚିବ

କେନ୍ଦ୍ରାପଡ଼ା,୧୦/୧୧ (ନି.ପ୍ର): ଓଡିଶାର ସର୍ବ ପୁରାତନ ୧୫୨ ବର୍ଷ ପୌରସଂସ୍ଥା କେନ୍ଦ୍ରାପଡା ମୁନିସିପାଲିଟି ରେ କାର୍ଯ୍ୟକାରୀ କରା ଯାଉଥିବା ମୁକ୍ତା ଯୋଜନା ଓ ରୂପାନ୍ତର କାର୍ଯ୍ୟକ୍ରମକୁ ୫ଟି ସଚିବ ଡ଼ି କାର୍ତିକେୟନ ପାଣ୍ଡିଆନ ସମୀକ୍ଷା କରିଛନ୍ତି । ମଙ୍ଗଳବାର ଭିଡିଓ କନଫରେନ୍ସ ମାଧମରେ ଜିଲ୍ଲା କାର୍ଯ୍ୟାଳୟରେ ଏହି ସମୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ଶଶି ଭୂଷଣ ବେହେରା ଜିଲ୍ଲାପାଳ ଅମ୍ରିତ ରତୁରାଜ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ ବରିଷ୍ଠ ଆଇନଜୀବି ଦେବଦାସ ମହାନ୍ତି ପୂର୍ବତନ ପୌରପାଳ ରୋସନା ସାହୁ, ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି ଓ ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତି, କାଳୀ ପ୍ରସାଦ ମିଶ୍ର, ମଙ୍ଗଳ ବରଣ ସିଂହ, ଜଜାତି ମହାନ୍ତି, ପ୍ରକାଶ ପରିଡା, ମହେନ୍ଦ୍ର ମିଶ୍ର, ଅଶୋକ ଲେଙ୍କା, ରେବତୀ ରଞ୍ଜନ ଦାସ, ସେକ ଇନାୟତ, ସ୍ୱପ୍ନାରାଣି କର ପ୍ରମୁଖ ବ୍ଲକରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ରହି ପୌରାଂଚଳର ବିକାଶ ମୂଳକ କାର୍ଯ୍ୟ ତ୍ୱରାନିତ୍ୱ କରାଇବା ପାଇଁ ୫ଟି ସଚିବଙ୍କୁ ନିବେଦନ କରିଥିଲେ ।

# ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଦାବିରେ ବିଜେପି ଫିରିଙ୍ଗିଆ ମଣ୍ଡଳର ବ୍ଲକ କାର୍ଯ୍ୟାଳୟ ଘେରାଉ

କନ୍ଧମାଳ,୧୦/୧୧ (ନି.ପ୍ର): ସାରା ରାଜ୍ୟରେ ବର୍ତମାନ କିଛିଦିନ ହେଲା ମାହାଲିଙ୍ଗ କଲେଜ ଅଧକ୍ଷା ମମିତା ମେହେରା ହତ୍ୟା ମାମାଲା କୁ ନେଇ ରାଜ୍ୟ ରାଜନିତି ରେ ତୁମ୍ବିତୋଫାନ ଦେଖାଦେଇଥିବା ବେଳେ ଏ ନେଇ ସରକାର ଙ୍କୁ ଘେରିଛନ୍ତି ବିରୋଧି । କିଛିଦିନ ହେଲା ବିରୋଧି ମମିତା ମେହେର ଙ୍କୁ ନ୍ୟାୟ ଦାବିରେ ରାଜ୍ୟର ବିଭିନ୍ନ ଯାଗାରେ ଭିକ୍ଷୋପ ପ୍ରଦର୍ଶନ କରିଚାଲିଥିବା ବେଳେ ଆଦିବସୀ ବହୁଳ କନ୍ଧମାଳ ଜିଲ୍ଲା ରେ ମଧ୍ୟ ମମିତା ତାତି ବର୍ତମାନ ଜୋର ଧରିଛି । ତେବେ ସାରା ଜିଲ୍ଲା ରେ ସୋମବାର ଭାରତୀୟ ଜନତା ଦଳ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ ଘେରାଉ କରିବା ସହ ଭିକ୍ଷୋପ ପ୍ରଦର୍ଶମ କରାଯାଇଥିବା ବେଳେ ମଙ୍ଗଳବାର ଜିଲ୍ଲାର ଦ୍ୱିତୀୟ ବୃହତମ ବ୍ଲକ ଭାବରେ ପରିଚିତ ଫିରିଙ୍ଗିଆ ବ୍ଲକ ବଜେପି ମଣ୍ଡଳ ତରଫରୁ ଫିରିଙ୍ଗିଆ ବ୍ଲକ ଘେରାଉ କରିବା ସହ ଦଳତରଫରୁ ଭିକ୍ଷୋପ ପ୍ରଦର୍ଶନ କରାଯାଇଥିଲା। ଦଳତରଫରୁ ମୁଖ୍ୟମନ୍ତ୍ରୀ ଙ୍କ ଇସ୍ତଫା ଦାବି କରାଯିବା ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ପ୍ରତାପ ଜେନା ଙ୍କୁ ବହିସ୍କାର ଦାବି କରି ମୁଖ୍ୟ ମନ୍ତ୍ରୀ ଓ ଦୁଇ ମନ୍ତ୍ରୀ ଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହାସହ ପୋଲିସର କଡା ସୁରକ୍ଷା ବଳୟକୁ ଭଙ୍ଗି ଆନ୍ଦୋଳନକାରୀ ବିଜେପି କର୍ମି ଓ ନେତା ମାନେ ବ୍ଲକ କାର୍ଯ୍ୟାଳୟ ମଧ୍ୟକୁ ଧସେଇ ପସିଥିଲେ । ଏହାସହ ପୋଲିସ ସାଙ୍ଗରେ କର୍ମି ଓ ନେତା ମାନଙ୍କର ଧସ୍ତଧସ୍ତି ମଧ୍ୟ ହୋଇଥିଲା। ତେବେ ଫିରିଙ୍ଗିଆ ରେ ଅନୁଷ୍ଠିତ ହୋଇଥିବା ଏହି ବିକ୍ଷୋଭ ପ୍ରଦର୍ଶନ ମଣ୍ଡଳ ସଭାପତି ଗଣେଶ୍ୱର ସାହୁଙ୍କ ନେତୃତ୍ୱରେ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ବିଜେପି ସଭାପତି ଗୋଲକ କହଁର ,ବ୍ଲକ ଉପସଭାପତି , ସ୍ୱଚ୍ଛଭାରତ ଜିଲ୍ଲା ସଂଯୋଜକ ରଘୁପତି କହଁର , ଜିଲ୍ଲା ସାଧାରଣ ସମ୍ପାଦକ ଲିଙ୍ଗରାଜ ଦଳବେହେରା , ଜିଲ୍ଲା ଉପସଭାପତି ରମେଶ ମହାନ୍ତି , ବରିଷ୍ଠ ବିଜେପି ନେତା ଭଗବାନ ମହାନ୍ତି , ବରିଷ୍ଠ ବିଜେପି ନେତା ଅଙ୍ଗଦ ବେହେରା , ଶମ୍ଭୁନାଥ ଦିଗାଳ , ଫିରିଙ୍ଗିଆ ପଂଚାୟତ ସଭାପତି ଅକ୍ଷୟ କୁମାର କଟା , ବିଶ୍ୱମ୍ଭର ପାତ୍ର ,ସଂଧାଂଶୁ ଗୁରୁ , ଶିମାଂଚଳ ଦିଗାଳ . ବ୍ଲକ ଉପସଭାପତି ବନମାଳି ଦିଗାଳ ଙ୍କ ସହ ଶତାଧିକ ବିଜେପି କର୍ମି ଓ ନେତା ମାନେ୍‌ଣ ଯୋଗ ଦେଇଥିଲେ ।

# ମାଦୁକାବାଡ ଗ୍ରାମରେ ୧୧ରୁ ଅଧିକ ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୧୦/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ଖାରିଆଗୁଡ଼ା ପଚାଂୟତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ମାଦୁକାବାଡ (ସାନ ଗାଁ)ରେ ଗତ କିଛି ଦିନ ହେଲା ଜ୍ୱର ଆତଙ୍କ ଦେଖା ଦେଇଛି । ଏଥିରେ ଶିଶୁଙ୍କ ସମେତ ୧୧ରୁ ଅଧିକ ଲୋକ ଆକ୍ରାନ୍ତ ହୋଇ ଘରେ ଚିକିତ୍ସିତ ହେଉଛନ୍ତି । ଏମାନଙ୍କ ମଧରୁ କିଛି ଗ୍ରାମବାସୀଙ୍କ ନମୂନାରେ ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ ହୋଇଛି । ସେମାନେ ହେଲେ ସୁମିତ୍ରା ଶବର (୨୨), ଡ଼ମ୍ବରୁ ଶବର (୮), କଇଁତା ଶବର, ଶ୍ରୀମତୀ ଶବର, ୨ ବର୍ଷିୟ ଶୁଭମ୍ ଶବର, ୫ ବର୍ଷିୟ କୁମାର ଶବର, ମାଣିକ ଶବର (୮), ଶୁକ୍ରୁ ଶବର (୫୫), ବର୍ଷା ଶବର, ବିଭୀଷଣ ଶବର (୨୦) ଓ ପୂର୍ଣ୍ଣ ଶବର (୧୮) । ଏମାନେ ସମସ୍ତେ ଜ୍ୱରରେ ପୀଡ଼ିତ ଅଛନ୍ତି । ଆକ୍ରାନ୍ତ ମାନେ ସୁରଙ୍ଗି ଓ ଖାରିଆଗୁଡ଼ା ଡ଼ାକ୍ତରଖାନାକୁ ଯାଇ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ଘରେ ଔଷଧ ସେବନ କରିବା ସହ ବିଶ୍ରାମ ନେଉଛନ୍ତି । ତେବେ ଅଧିକାଂଶ ଲୋକଙ୍କ ଜ୍ୱର କମୁନଥିବା ଜଣାପଡିଛି । ଏମାନଙ୍କ ହାତଗୋଡ଼ ଘୋଳାବିନ୍ଧା ହେବା ସହ ଦେହ ଜ୍ୱରରେ କମ୍ପୁ ଥିବା ଗ୍ରାମବାସୀ କହିଛନ୍ତି । କିନ୍ତୁ, ବର୍ତମାନ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗ୍ରାମରେ ପହଂଚି ନାହିଁ ।

# କୋରାପୁଟ ଜିଲା କଂଗ୍ରେସ କମିଟିର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ଓ ପ୍ରାକ୍ ପ୍ରସ୍ତୁତି ବୈଠକ

ଜୟପୁର ,୧୦/୧୧ (ନି.ପ୍ର): ଜୟପୁର ସଂନ୍ଧ୍ୟା ଫଙ୍କସନ ହଲ ଠାରେ କୋରାପୁଟ ଜିଲା କଂଗ୍ରେସ କମିଟିର ଜିଲା ସ୍ତରୀୟ କାଯ୍ୟକାରିଣୀ ବୈଠକ ସହ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତି ଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ସମସ୍ତ କଂଗ୍ରେସ କର୍ମି ଏକ ହୋଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ନେତୃତ୍ୱରେ ତ୍ରୀ ସ୍ତରୀୟ ପଂଚାୟତ ନିବାଚନ ଲଢିବା ପାଇ ନିଷ୍ପତ୍ତି ନେଇଛନ୍ତି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଂଗ୍ରେସ ପଂଚାୟତର ନିବାଚନର ବିଗୁଲି ବଯାଇଥିବା ବେଳେ ନିବାଚନରେ ୧୪ଟି ବ୍ଲକରେ କଂଗ୍ରେସ ଅଧକ୍ଷ କରିବା ସହ ୨୯ଟି ଜିଲା ପରିଷଦ ମଧ କଂଗ୍ରେସ ଆକ୍ତିଆର କୁ ଆଣିବ ବୋଲି ଉପସ୍ଥିତ ନେତା ମାନେ ନିଜ ନିଜ ଅଭିଭାଷଣରେ ମତ ରଖିଥିଲେ । ବିଜେଡିର ନାରି ଧର୍ଷଣ, ମହିଳାଙ୍କୁ ନିର୍ଯ୍ୟାତନା, ବେକାରି ସମସ୍ୟା , ଓ ବିଜେପିର ବିଜେପି ପ୍ରଧାନ ମନ୍ତ୍ରୀ ଲୋକଙ୍କୁ ମିଛ କହି ଭୋଟ ନେଇ ଥିଲେ , ଦର ଦାମ ବୃଦ୍ଧି,ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ମୁଦା କୁ ଧରି ଲୋକ ଙ୍କ ପାଖରେ କଂଗ୍ରେସ ପହଂଚିବ । ପଂଚାୟତ ନିବାଚନ ପାଇ ରଣନିତି ପ୍ରସ୍ତୁତି କରିବା ସହ ବିଧାୟକ ବାହିନିପିତ ଦଳିୟ କର୍ମି ଓ ନେତାଙ୍କୁ ପଂଚାୟତ ନିବାଚନ ବିଜୟ ପାଇ ଗୁରୁ ମନ୍ତ୍ର ଦେଇଥିଲେ । କୋରାପୁଟ ଜିଲାରେ ହିତ ପାଇ ସମସ୍ତେ ଏକ ଜୁଟ ହୋଇ ନିବାଚନ ଲଢିବାକୁ ଆହ୍ୱାନ କରିଥିଲେ । ଏହା ସହ ସଭ୍ୟ ଗ୍ରହଣ ଉପରେ ଆଲୋଚନା ହୋଇଥିଲା । ବୁଥ ସ୍ତରକୁ ଯାଇ କଂଗ୍ରେସ ସଭ୍ୟ ଗ୍ରହଣ କରିବାକୁ ସମସ୍ତ ବ୍ଲକ ସଭାପତି, ନଗର ସଭାପତି ଓ ପଂଚାୟତ ସଭାପତି ଙ୍କୁ କଂଗ୍ରେସ ସଭାନେତ୍ରୀ ମିନାକ୍ଷି ବାହିନିପତି ଆହ୍ୱାନ କରିଥିଲେ ।

# ଭିନ୍ନକ୍ଷମଙ୍କ ପାଇଁ କମ ସୁଧରେ ମେଗା ଋଣ ମେଳା

କେନ୍ଦ୍ରାପଡ଼ା,୧୦/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ ଥିବା ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରାଯାଇ କମ ସୁଧ ହାରରେ ବ୍ୟାଙ୍କ ଋଣ ପ୍ରଦାନ କରି ଆତ୍ମ ନିର୍ଭରଶୀଳ ହେବା ସହ ନିଜ ପରିବାରକୁ ଆର୍ଥିକ ସୁଦୃଢ଼ କରିବା ଯୋଜନା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଛି । ଏନେଇ ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ଥିଲା । ସେଥିରେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ, ଲିଡ ବ୍ୟାଙ୍କ ମ୍ୟାନେଜର, ସମସ୍ତ ବିଡିଓ ଓ ସମସ୍ତ ବ୍ୟାଙ୍କର ମ୍ୟାନେଜର ମାନେ ଏହି କମିଟିରେ ସାମିଲ ଥିଲେ । ଡିସେମ୍ବର ୧୫ ତାରିଖ ମଧ୍ୟରେ ୧ ହଜାର ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ଋଣ ପ୍ରଦାନ କରାଯିବା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମଙ୍ଗଳବାର ଜିଲ୍ଲାରେ ପ୍ରଥମ କରି ୯ଟି ବ୍ଲକରେ ଏହି ଭିନ୍ନକ୍ଷମ ଋଣମେଳା ଅନୁଷ୍ଠିତ ହୋଇଯାଇଛି ।

# ପଦ୍ମଶ୍ରୀ ପୁରସ୍କାର ଗ୍ରାହଣ କଲେ କନ୍ଧମାଳ ଜିଲ୍ଲାର ଭୀମଭୋଇ ଟାଡିସରୁ ବାବା, ପୂର୍ଣ୍ଣମାସୀ ଜାନୀ

କନ୍ଧମାଳ,୧୦/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ଖଜୁରିପଡାର ଚାରିପଡା ଗ୍ରାମର ସ୍ୱତଃସ୍ଫୁର୍ତ ଆଧ୍ୟାତ୍ମିକ କବୟତ୍ରୀ, ଆଦିବାସୀ ସଂସ୍କାରକ, ସାହିତ୍ୟ ସାଧିକା, ତଥା ସମାଜ ସଂସ୍କାରିକା ଟାଡିସରୁ ବାଇ ପୂର୍ଣ୍ଣମାସୀ ଜାନୀଙ୍କୁ ଆଜି ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶର ଅନ୍ୟତମ ସର୍ବୋଚ୍ଚ ପୁରସ୍କାର ପଦ୍ମଶ୍ରୀ ପୁରସ୍କାରରେ ପୁରସ୍କୃତ କରିଛନ୍ତି । ଚଳିତ ବର୍ଷ ଜାନୁୟାରୀ ମାସ ୨୫ ତାରିଖରେ ଦେଶରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଦେଶର ସମ୍ମାନ ଜନକ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିଥିଲେ ମହାମହିମ ରାଷ୍ଟ୍ରପତି । ଏହି ଅବସରରେ କନ୍ଧମାଳ ଜିଲ୍ଲା ଖଜୁରିପଡାର ଚାରିପଡା ଗ୍ରାମର ପୂର୍ଣ୍ଣମାସୀ ଜାନୀଙ୍କୁ ତାଙ୍କର ନିରବଚ୍ଛିନ୍ନ ଆଧ୍ୟାତ୍ମିକ ସାହିତ୍ୟରେ ଅତୁଳନୀୟ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନୀତ କରିବାକୁ ଘୋଷଣା କରିଥିଲେ । ପୂର୍ଣ୍ଣମାସୀ ଜାନୀ କେବେ ବିଦ୍ୟାଳୟକୁ ପାଠପଢିବାକୁ ଯାଇ ନଥିଲେ ମଧ୍ୟ ସେ ସ୍ୱତଃସ୍ଫୁର୍ତ ଭାବରେ ସାହିତ୍ୟିକ ଭଷାରେ ଆଧ୍ୟତ୍ମିକ ଭାଜନ ସବୁ ସୃଜନା କରିବା ତାଙ୍କର ଏହି କଳାକୁ ତାଙ୍କର ଭକ୍ତ ମାନେ ଦିର୍ଘ ବର୍ଷ ଧରି ଦେଖି ଆସିଛନ୍ତି । ତାଙ୍କ ମୁଖ ନିସୃତ ହଜାରରୁ ଅଧିକ ନୁଆ ନୁଆ ଭଜନ ଗୁଡିକୁ ତାଙ୍କ ଭକ୍ତ ମାନେ କାଗଜରେ ଲେଖି ରଖିଛନ୍ତି । କିଛି ଭକ୍ତ ଏହାକୁ ନେଇ ବହି ମଧ୍ୟ ଲେଖିଛନ୍ତି । ଏହି ସବୁ ଭଜନ ଦିର୍ଘବର୍ଷ ଧରି ଗାଇ ଚାଲିଛନ୍ତି । ତେବେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବା ବାବଦରେ ଗଣାମାଧ୍ୟମରେ ପ୍ରସାରିତ ହେବା ପରେ ସମଗ୍ର ଜିଲ୍ଲାରେ ତଥା ରାଜ୍ୟରେ ଥିବା ତାଙ୍କର ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଥିଲା । ଏହାପରେ ଖଜୁରିପଡାର ବନ୍ଧସାହି ଛକଠାରୁ ଚାରିପଡା ଗ୍ରାମ ରସ୍ତାକୁ ଟାଡିସରୁ ମାର୍ଗ ଭାବରେ ନାମିତ କରିଥିଲା କନ୍ଧମାଳ ଜିଲ୍ଲାର ପ୍ରଶାସନ । ତାଙ୍କୁ ପୁରସ୍କାର ପ୍ରଦାନ କରାଯିବା ନେଇ ରାଷ୍ଟ୍ରପତି ଭବନରୁ ସୂଚନା ଆସିବା ପରେ ଗତ ୬ ତାରିଖରେ ଭୁବନେଶ୍ୱରକୁ ଯାଇ ସେଠାରୁ ବିମାନ ଯୋଗେ ୮ ତାରିଖରେ ଦୀଲ୍ଲୀକୁ ଯାଇ ସେଠାରୁ ରାଷ୍ଟ୍ରପତି ଭବନକୁ ଯାଇଥିଲେ । ସେଠାରେ ଆଜି ସେ ପଦ୍ମଶ୍ରୀ ପୁରସ୍କାର ମହାମହୀମ ରାଷ୍ଟ୍ରପତିଙ୍କ ଠାରୁ ଗ୍ରହଣ କରିଛନ୍ତି । ଏହି ଖବର ଜଣାପଡିବା ପରେ ଚାରିପଡା,ଖଜୁରିପଡା ଠାରୁ ଆରମ୍ଭ କରି ସମଗ୍ର କନ୍ଧମାଳ ଜିଲ୍ଲାରେ ଖୁସିର ଲହର ଖେଳିଯାଇଛି ।

# ଜିଲ୍ଲା ସ୍ତରୀୟ ଜଳ ଓ ପରିମଳ କମିଟି ବୈଠକ

କେନ୍ଦ୍ରାପଡ଼ା,୧୦/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଜଳ ଓ ପରିମଳ କମିଟି ବୈଠକ ମଙ୍ଗଳବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଅମୃତ ରତୁରାଜ ଏଥିରେ ଅଧକ୍ଷତା କରିଥିଲେ । ଜିଲ୍ଲାର ଜଳକଷ୍ଟ ଭୋଗୁଥିବା ବ୍ଲକ ଗୁଡିକରେ ବଗାଇକ ଯୋଗେ ପାନୀୟ ଜଳ ଯୋଗାଇବା ଓ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମ୍ବନ୍ଧରେ ବିସ୍ତୃତ ଆଲୋନା କରା ଯାଇଥିଲା । ପ୍ରତ୍ୟେକ ପରିବାରକୁ ଶୁଦ୍ଧ ପାନୀୟ ଜଳ ପାଇପ ଯୋଗେ ଯୋଗାଇବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଥିବାରୁ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନିଆଯାଇଛି ।

# ଯାଜପୁର ପୁଲିସର ପକ୍ଷପାତିତା : ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ନ୍ୟାୟ ଭିକ୍ଷା କଲେ ପୀଡ଼ିତା

କୋରେଇ,୧୦/୧୧ (ନି.ପ୍ର): ଯାଜପୁର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମର ନକୁଳ ସେଠୀଙ୍କ ସ୍ତ୍ରୀ ପାର୍ବତୀଙ୍କ ଅଭିଯୋଗ ମୁତାବକ, ଗତ ୬ ତାରିଖ ରାତ୍ରରେ ତାଙ୍କ ସ୍ୱାମୀ ନକୁଳ କେନାଲକୁ ମାଛ ଧରିବାକୁ ଯିବା ବେଳେ ତାଙ୍କ ଗ୍ରାମର କପିଳ ସେଠୀଙ୍କ ପୁଅ ଭୀମ ସହ ଝଗଡା ହୋଇଥିଲା । ୭ ତାରିଖ ଅପରାହ୍ନ ୪ଟା ବେଳେ ଭୀମ ମଦ୍ୟ ପାନ କରି ଏକ ଶାବଳ ହାତରେ ଧରି ଜୋରଜବରଦସ୍ତ ନକୁଳ ଘରେ ପଶି ଅଶ୍ରାବ୍ୟ ଗାଳିଗୁଲଜ କରିଥିଲା । ଏହାକୁ ବିରୋଧ କରିବାରୁ ଭୀମର ବାପା କପିଳ, ସାନଭାଇ ରଜତ, ସ୍ତ୍ରୀ ପ୍ରଭାତୀ ବିଭିନ୍ନ ମାରଣାସ୍ତ୍ର ଧରି ପହଂଚିଥିଲେ । ନକୁଳ ଭୟରେ ଦୌଡିପଳାଉଥିବା ବେଳେ କପିଳ ଏକ ଭୁଜାଲିରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା । ନକୁଳ ତଳେ ପଡି ଚିତ୍କାର କରୁଥିବା ବେଳେ ଅଭିଯୁକ୍ତମାନେ ବାଡେଇ ତାଙ୍କ ଗୋଡକୁ ଭାଙ୍ଗିଦେଇଥିଲେ । ଏହା ଦେଖି ନକୁଳର ପୁଅ ରାଜକିଶୋର ସେଠାରେ ପହଂଚିବାରୁ ତାର ଦୁଇ ଗୋଡକୁ ହାଣିଥିଲେ । ପାର୍ବତୀକୁ ମଧ ଆକ୍ରମଣ କରିବା ସମୟରେ ବୋହୂ ସେଠାରେ ପହଂଚିବାରୁ ତାର ଲୁଗାପଟା ଚିରି ତାକୁ ଆକ୍ରମଣ କରିଥିଲେ । ସମ୍ପୂର୍ଣ୍ଣ ପରିବାରକୁ ମାଡ ମାରୁଥିବା ବେଳେ ପାଟିଶୁଣି ଗ୍ରାମବାସୀ ପହଂଚିବାରୁ ସେମାନେ ଘରକୁ ପଳାଇଥିଲେ । ନକୁଳ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଏନେଇ ରାଜକିଶୋର ଯାଜପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ତାକୁ ପୁଲିସ ଅଟକ ରଖିଛି । ଅଭିଯୁକ୍ତମାନେ ଗାଁରେ ଖୁଲମଖୋଲା ବୁଲୁଥିବା ବେଳେ ଘରକୁ ଗଲେ ସମ୍ପୂର୍ଣ୍ଣ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି । କିନ୍ତୁ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପରିବର୍ତେ ଅଭିଯୋଗକାରୀଙ୍କୁ ଥାନାରେ ଅଟକ ରଖିଛି । ଯାହା ଦ୍ୱାରା ବାପା ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ପୁଅକୁ ଛଡାଯାଉ ନାହିଁ । ଏନେଇ ପାର୍ବତୀ ନିଜ ପରିବାର ଲୋକଙ୍କ ଜୀବନର ସୁରକ୍ଷା, ଗାଁକୁ ଫେରିବା ସହ ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ସେ ଏନେଇ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି ।

# ଯୁବାବସ୍ଥାରେ ହାଇପରଟେନ୍‌ସନ୍

**ହାଇପରଟେନ୍‌ସନ ବା ଉଚ୍ଚ ରକ୍ତଚାପ। ବର୍ତ୍ତମାନ ଯୁବାବସ୍ଥାରେ ବି ଅନେକ ଏହାର ଶିକାର ହେଉଥିବାର ଦେଖିବାକୁ ମିଳୁଛି। ଏହା ଏଭଳି ଏକ ରୋଗ ଯାହାକୁ ଅନେକ ଯଥା ସମୟରେ ଚିହ୍ନଟ କରି ନପାରି ଅବହେଳା କରି ବସନ୍ତି ଏବଂ ଧୀରେ ଧୀରେ ଏହା ପରବର୍ତ୍ତୀ ସମୟରେ କୌଣସି ବଡ଼ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।**



ହାଇଟେନସନ ବା ଉଚ୍ଚ ରକ୍ତଚାପ। ବର୍ତ୍ତମାନ ଯୁବାବସ୍ଥାରେ ବି ଅନେକେ ଏହାର ଶିକାର ହେଉଥିବାର ଦେଖିବାକୁ ମିଳୁଛି। ଏହା ଏଭଳି ଏକ ରୋଗ ଯାହାକୁ ଅନେକେ ଯଥା ସମୟରେ ଚିହ୍ନଟ କରି ନପାରି ଅବହେଳା କରି ବସନ୍ତି ଏବଂ ଧୀରେ ଧୀରେ ଏହା ପରବର୍ତ୍ତୀ ସମୟରେ କୌଣସି ବଡ଼ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଏମିତି କି ଏଥିଯୋଗୁଁ ଅନେକ ଜୀବନ ହାନି ହୋଇଥିବାର ନଜିର ରହିଛି। ତେଣୁ ଏହାକୁ 'ସାଇଲେଣ୍ଟ କିଲର' ବା ନୀରବ ଘାତକ ମଧ୍ୟ କୁହାଯାଇଥାଏ।

ହାଇପରଟେନସନ ହେବାର କାରଣ: ମଣିଷର ସାଧାରଣ ରକ୍ତଚାପ (ନର୍ମାଲ ବ୍ଲଡ଼୍ ପ୍ରେସର) କେବେ କେବେ ବିଭିନ୍ନ କାରଣରୁ ପ୍ରଭାବିତ ହୋଇଥାଏ। ଯଦି ଏହା ସାଧାରଣ ରକ୍ତଚାପ (୨୧୦/୮୦ ଏମଏମଏଚଜି) ଠାରୁ ଅଧିକ ଅର୍ଥାତ୍ ସିଷ୍ଟଲିକ ପ୍ରେସର ୧୪୦ ଏମଏମଏଚଜିରୁ ଉର୍ଦ୍ଧ୍ୱକୁ ଯାଏ ଏବଂ ଡାୟାଷ୍ଟୋଲିକ ପ୍ରେସର ୯୦ ଏମଏମଏଚଜିରୁ ଅଧିକ ହୁଏ ତେବେ ଏହାକୁ ଉଚ୍ଚ ରକ୍ତଚାପ ବା ହାଇପରଟେନସନ କୁହାଯାଏ। ରକ୍ତଚାପ ମିଲିମିଟର୍ସ ଅଫ ମରକ୍ୟୁରୀ ବା ଏମଏମଏଚଜି ଏକକ ଦ୍ୱାରା ମପାଯାଏ। ଏହା ସାଧାରଣତଃ ଦୁଇ ପ୍ରକାରର। ଯଥା ପ୍ରାଇମେରୀ ଏବଂ ସେକେଣ୍ଡାରୀ ହାଇପରଟେନସନ।

ପ୍ରାଇମେରୀ ହାଇପରଟେନସନ:

- ସାଧାରଣତଃ ମାନସିକ ଚିନ୍ତା, ମାନସିକ ଅସନ୍ତୁଳନ, ଅସ୍ଥିରତା, ଚାକିରି, ପାରିବାରିକ, ଆର୍ଥିକ, ସାମାଜିକ ଆଦି ସମସ୍ୟା ଏବଂ ଅବସାଦ, କ୍ରୋଧ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ହୋଇଥାଏ। ଅଧିକ ତେଲ ମସଲା, ଫାଷ୍ଟଫୁଡ଼ ଏବଂ ଲୁଣ ଖାଉଥିବା କିମ୍ବା ମେଦବହୁଳତା ଯୁବତୀ ଯୁବକଙ୍କ ଠାରେ ଏହି ରୋଗର ଆଶଙ୍କା ବେଶି।



♦ ଧୂମପାନ ବା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ କରୁଥିବା ଯୁବତୀ ଯୁବକଙ୍କ ଠାରେ ମଧ୍ୟ ଏହି ରୋଗର ଆଶଙ୍କା ଅଧିକ।

ସେକେଣ୍ଡାରୀ ହାଇପରଟେନସନ:

♦ ବଂଶାନୁକ୍ରମରେ ମଧ୍ୟ ଏହାର ଆଶଙ୍କା ରହିଛି। ଅର୍ଥାତ୍ ଅନେକଙ୍କଠାରେ ଏହା ବଂଶ ପରମ୍ପରା କିମ୍ବା ଜେନେଟିକ ଫ୍ୟାକ୍ଟର ଯୋଗୁଁ ହୋଇଥାଏ।

♦ ଯୁବାବସ୍ଥାରେ ହରମୋନ ପରିବର୍ତ୍ତନ ମଧ୍ୟ କେତେକଙ୍କ ଠାରେ ଏହି ରୋଗ କରାଇଥାଏ।

♦ ଡାଇବେଟିସ ଥିଲେ ମଧ୍ୟ ହାଇପରଟେନସନ ଆଶଙ୍କା ରହିଛି।

♦ ଏହା ବ୍ୟତୀତ କିଡନୀ, ଲିଭର, ହାର୍ଟ, ଯକୃତ ଏବଂ ଅନ୍ତଃସ୍ରାବୀ ଗ୍ରନ୍ଥୀ ସମ୍ବନ୍ଧୀୟ କୌଣସି ରୋଗ ମଧ୍ୟ ଏଥିପାଇଁ ଦାୟୀ।

ହାଇପରଟେନସନର ଲକ୍ଷଣ: ଯଦି ଏହି ରୋଗରେ ସେଭଳି କିଛି ନିର୍ଦ୍ଦିଷ୍ଟ ଲକ୍ଷଣ ନାହିଁ, ତଥାପି କେତେକ କ୍ଷେତ୍ରରେ ହାଇପରଟେନସନ ହେଲେ ମୁଣ୍ଡ ବିନ୍ଧିବା, ବେକ ଘୋଳାଇହେବା କିମ୍ବା ବିନ୍ଧିବା, ଚିଡ଼ିଚିଡ଼ା ଲାଗିବା, ମାନ୍ଦା ଲାଗିବା, ଅନିୟମିତ ହୃଦ ସ୍ପନ୍ଦନ, କାନ ବାଜିବା, ଛାତିରେ ଯନ୍ତ୍ରଣା ହେବା, ବାରମ୍ବାର ବାନ୍ତି ଦେଖାଇବା, ମୁଣ୍ଡ ବୁଲାଇବା ଶୋଇବା ସମୟରେ ଘରେ ଛାତ ବୁଲିବା ଭଳି ଲାଗିବା, ଚାଲିବାବେଳେ ଟଳମଳ ହେବା, କଥାକଥାରେ ଚିଡ଼ିଚିଡ଼ି ହେବା, ନିଦ୍ରାହୀନତା, ଦେହ ଥରିବା, ଦେହରେ ବିଷ ଚରିଲା ପରି ମନେହେବା ଏବଂ ସର୍ବୋପରି ଏକାଗ୍ରତା ନଷ୍ଟ ହେବା ଇତ୍ୟାଦି।

ଏହାର ପ୍ରଭାବ: ଯଦି ଏହା ଏକ ମାରାତ୍ମକ ରୋଗ ନୁହେଁ, ହେଲେ ଦୀର୍ଘ ଦିନ ଏହା ଶରୀରରେ ରହିବା ଦ୍ୱାରା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣେ। ତେଣୁ ଠିକ୍ ସମୟରେ ରକ୍ତଚାପ ପରୀକ୍ଷା କରାଇ ଏହା ଚିହ୍ନଟ କରି ଚିକିତ୍ସା ନ କରିପାରିଲେ ଏହାର ନକାରାତ୍ମକ ପ୍ରଭାବ ମସ୍ତିଷ୍କ, ଚକ୍ଷୁ, ହୃତପିଣ୍ଡ, ବୃକକ ଶିରା ପ୍ରଶିରା ଉପରେ ପଡ଼ିଥାଏ। ଫଳସ୍ୱରୂପ ହୃଦଘାତ, ଷ୍ଟ୍ରୋକ, କିଡ଼ନୀ ଫେଲ୍ୟୁୟର ଭଳି ସମସ୍ୟା କାରଣ ସାଜିଥାଏ।

# ଦୃଷ୍ଟିହୀନ କରିଦେଇପାରେ ମଧୁମେହ !



ଏକ ମାରାତ୍ମକ ରୋଗ ଭାବେ ଉଭା ହୋଇଛି ମଧୁମେହ । ଏହି ରୋଗ ପ୍ରଭାବରେ ଶରୀରର ଅନେକ ଅଙ୍ଗ ପ୍ରଭାବିତ ହୋଇଥାଏ । ବିଶେଷକରି ଆଖି ଏବଂ କିଡ୍‌ନୀ ଉପରେ ଏହାର ପ୍ରଭାବ ଶୀଘ୍ର ପଡ଼ିଥାଏ । ମଧୁମେହ ରୋଗୀଙ୍କଠାରେ ରୋଗ ପ୍ରତିରୋଧକ କ୍ଷମତା ଖୁବ୍‌ଶୀଘ୍ର ହ୍ରାସ ପାଇଥାଏ । ଏ ରୋଗର ଶର୍କରା ସ୍ତର ବୃଦ୍ଧି ପାଇ ଚକ୍ଷୁ ସହ ଜଡ଼ିତ ବିଭିନ୍ନ ସମସ୍ୟା ସୃଷ୍ଟି କରେ । ଅନେକ ସମୟରେ ଏହା ଦୃଷ୍ଟିହୀନ କରିଦେଇଥାଏ । ମଧୁମେହ ପ୍ରଭାବରେ ଆଖିରେ ସୃଷ୍ଟି ହେଉଥିବା ସମସ୍ୟାକୁ ଡାଏବିଟିସ୍ ରେଟିନପ୍ୟାଥି କୁହାଯାଏ । ଏହି ସମସ୍ୟା ଦେଖିଲେ, ଆଖିର ଅତ୍ୟନ୍ତ ନରମ ପରସ୍ତ ଯାହାକୁ ରେଟିନା ବୋଲି କୁହାଯାଏ, ତାହା କ୍ଷତିଗ୍ରସ୍ତ ହୋଇଥାଏ । ରେଟିନା ପର୍ଯ୍ୟନ୍ତ ପହଞ୍ଚୁଥିବା ରକ୍ତ ନଳୀକା ମଧୁମେହ ଯୋଗୁ ପ୍ରଭାବିତ ହେଉଥିବାରୁ ଏଭଳି ସ୍ଥିତି ଉପୁଜିଥାଏ। ଏହି ସ୍ଥିତିରେ ରୋଗୀର ଆଖିକୁ ଝାଲ୍‌ସା ଦିଶିଥାଏ: କିଛି ବି ଦୃଶ୍ୟମାନ ହୁଏନାହିଁ । ଏଭଳି ସମସ୍ୟା ୨୦ରୁ ୭୦ ବର୍ଷ ବୟସର ଲୋକଙ୍କଠାରେ ଅଧିକ ଦେଖାଯାଏ । ବିଶ୍ୱରେ ଦୃଷ୍ଟିହୀନତାର ସବୁଠୁ ବଡ଼ କାରଣ ଥାଏ ଡାଏବିଟିକ୍ ରେଟିନାପ୍ୟାଥି । ଏଥିରୁ ବର୍ତ୍ତିବାକୁ ହେଲେ ମଧୁମେହ ହୋଇଥିବାର ସୂଚନା ନିୟନ୍ତ୍ରଣ କରିବା ଉଚିତ୍ । ଏଥିପାଇଁ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ନିତାନ୍ତ ଜରୁରୀ । ଯଦି ୮-୯ବର୍ଷ ହେବ ଏହି ରେଗରେ ପୀଡ଼ିତ ଥାନ୍ତି, ତେବେ ପ୍ରତି ୩ ମାସରେ ଥରେ ଚକ୍ଷୁ ପରୀକ୍ଷା କରାଇନେବା ଆବଶ୍ୟକ ।

## ରୋଷେଇ ଘରୁ

# ଚିକେନ୍ ଜାଫରାନୀ



**ଆବଶ୍ୟକ ସାମଗ୍ରୀ:**

ଚିକେନ, କେଶର, ଦହି, ଡାଲଚିନି, ଗୁଜୁରାତି, ଲବଙ୍ଗ, ଅଦା, ରସୁଣ, ପିଆଜ ବଟା, କାଜୁ ପେଷ୍ଟ, କଟା କଞ୍ଚା ଲଙ୍କା, ଧନିଆ ପତ୍ର, ଚିକେନ୍ ମସଲା, ତେଲ ଓ ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:**

ପ୍ରଥମେ ବଜାରରୁ କିଛି ଚିକେନ ଆଣନ୍ତୁ। ତାକୁ ଧୋଇ ଏକ ପାତ୍ରରେ ରଖନ୍ତୁ। ତା'ପରେ ଗ୍ୟାସରେ କଡେଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଗୋଟା ଗରମ ମସଲା- ଡାଲଚିନି, ଗୁଜୁରାତି ଓ ଲବଙ୍ଗ ପକାନ୍ତୁ। ଏହା ପରେ ସେଥିରେ ପିଆଜ, ଅଦା ଓ ରସୁଣ ବଟା ପକାଇ କଷନ୍ତୁ। ପରେ ସେଥିରେ କଟା କଞ୍ଚା ଲଙ୍କା ଓ ଚିକେନ ମସଲା ପକାଇ କଷନ୍ତୁ।

ମସଲା କଷି ହୋଇଯିବା ପରେ ସେଥିରେ କାଜୁ ପେଷ୍ଟ ଓ ଦହି ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। ଏହା ପରେ ସେଥିରେ ଚିକେନ ପକାଇ ଭଲ ପୁଣି କଷନ୍ତୁ । ଚିକେନ କଷି ହୋଇଗଲା ପରେ ସେଥିରେ ଗରମ ମସଲା ଗୁଣ୍ଡ ଓ ଅଳ୍ପ କେଶର ପକାଇ ଅଳ୍ପ କିଛି ସମୟ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ଏହାପରେ ଘୋଡ଼ଣୀ କାଢି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଚିକେନ୍ ଜାଫରାନୀ' । ଏହାକୁ ଏକ ପାତ୍ରକୁ କାଢ଼ି ତା' ଉପରେ କଟା ଧନିଆ ପତ୍ର ପକାଇ ସଜାଇ ଦିଅନ୍ତୁ।

# କଫ ସମସ୍ୟା



♦ ଅଧ କପ ଉଷୁମ ପାଣିରେ ଏକ ଚାମଚ ହଳଦି ଗୁଣ୍ଡ, ଏକ ବାମ ଗୋଲମରିଚ ଗୁଣ୍ଡ ଓ ଏକ ଚାମଚ ମହୁ ଫେଣ୍ଟନ୍ତୁ।। ଉଷୁମ କରି ଦିନରେ ଦୁଇଥର ସେବନ କଲେ, ସୁଫଳ ମିଳିବ।

♦ ଅଦାକୁ ଛୋଟ ଛୋଟ ଖଣ୍ଡରେ କାଟି, ଉଷୁମ ପାଣିରେ ପକାଇ, ଦିନରେ ଦୁଇ ତିନିଥର ପିଅନ୍ତୁ। ଅଦା ଫୁଟା ପାଣିରେ ମହୁ ଫେଣ୍ଟି ପିଇଲେ, କଫ, ଛାତି ବ୍ୟଥାଦୂର ହୁଏ।

♦ କଫ, ଗଳା ବ୍ୟଥା ଦୂର ପାଇଁ ଯଷ୍ଟିମଧୁ ଚେର ଉପକାରୀ। ଦୁଇ ଚାମଚ ଶୁଖିଲା ଯଷ୍ଟିମଧୁ ଚେର ଗୁଣ୍ଡକୁ ଉଷୁମ ପାଣିରେ ପକାଇ କୁଳିକରନ୍ତୁ।

ଦୁଇ କପ୍ ପାଣିରେ ଏକ ଚାମଚ ମହୁ ଓ ଆଠ ଦଶଟି ଗୋଲମରିଚ ପକାଇ ଦଶ ମିନିଟ୍ ଫୁଟାନ୍ତୁ। ସାମାନ୍ୟ ଉଷୁମ ଥିବା ଅବସ୍ଥାରେ ଦିନରେ ଦୁଇଥର ପିଅନ୍ତୁ।

♦ ଚାରିକପ ପାଣିରେ ତିନି ଚାମଚ କଟା ଅଦା ଖଣ୍ଡ, ଏକ ଚାମଚ ଶୁଖିଲା ପୋଦନା ପତ୍ର ଓ ଏକ କପ ମହୁ ଫୁଟାଇ ଛାଣିଦିଅନ୍ତୁ। ଥଣ୍ଡା ହେବା ପରେ ଦିନରେ ତିନିଥର ଦୁଇ ସପ୍ତାହ ଯାଏ ସେବନ କଲେ କଫ ସମସ୍ୟା ଦୂରହୁଏ।

# ଘରୋଇ ଟିପ୍ସ

**ଘରର ଦାୟିତ୍ୱ ସାଧାରଣତଃ ମହିଳାଙ୍କ ଉପରେ ନ୍ୟସ୍ତ ଥାଏ । ଆଜିର ଯୁଗରେ ମହିଳାମାନେ ଉଭୟ ଘର କାମ ଓ ବାହାର କାମକୁ ସୁଚାରୁ ରୁପେ ତୁଲାଉଥିବାର ଲକ୍ଷ୍ୟ କରାଯାଉଛି । ତେବେ ଘରର ସମସ୍ତ ଖର୍ଚ୍ଚକୁ ଉତ୍ତମ ଭାବେ ନିୟନ୍ତ୍ରଣ କରିବାକୁ କେତୋଟି ଟିପ୍ସ ପାଳନ କରିବା ଉଚିତ ।**

✚ ଫ୍ରିଜକୁ କେବେହେଲେ କାନ୍ଥ ସହ ଲଗାଇ ରଖିବେନାହିଁ । କାନ୍ଥଠାରୁ ୨ଇଞ୍ଚ ଛାଡ଼ି କରି ରଖିବା ଆବଶ୍ୟକ । ଏପରି ରଖିଲେ ଫ୍ରିଜକୁ ସମ୍ପୂର୍ଣ୍ଣ ଏୟାର ସର୍କୁଲେସନ ମିଳିବା ସହ ବିଜୁଳି ଖର୍ଚ୍ଚ ୪୦% ହ୍ରାସ ହେବ । ଏହିପରି କାନ୍ଥଠାରୁ ଦୂରେଇ ରଖିବା ଦ୍ୱାରା ବର୍ଷକୁ ୯୬୦ଟଙ୍କା ସଞ୍ଚୟ କରିହେବ ।

✚ ରୋଷେଇ କଲାବେଳେ ସମସ୍ତ ପନିପରିବା କଡ଼େଇରେ ପକାଇବା ପରେ ଚୁଲାର ଆଞ୍ଚକୁ କମ କରି ରାନ୍ଧନ୍ତୁ । ଏପରି କରିବା ଦ୍ୱାରା ପରିବା ପୋଡ଼ିବ ନାହିଁ ଓ ୧୦% ଗ୍ୟାସ ସଞ୍ଚୟ ହେବ । ଏହା ଦ୍ୱାରା ଜଣେ ଗୃହିଣୀ ବର୍ଷକୁ ୫୪୦ଟଙ୍କା ସଞ୍ଚୟ କରିପାରିବ ବୋଲି ମତ ପ୍ରକାଶ ପାଇଛି । ଏକ ବିଦେଶୀ ସଂସ୍ଥାର ମତ ଅନୁସାରେ ଖାଦ୍ୟକୁ ପ୍ରେସରୀ କୁକୁର ସହାୟତାରେ ରାନ୍ଧିବା ବୁଦ୍ଧିମତ୍ତାର କାମ । ଖାଦ୍ୟ ଶୀଘ୍ର ସିଝିବା ସହ ୭୦% ଶକ୍ତି ସଂରକ୍ଷଣ ହୋଇଥାଏ । ଦୈନିକ ପ୍ରେସର କୁକୁରରେ ସମସ୍ତ ଖାଦ୍ୟ ରାନ୍ଧୁଥିବା ଲୋକେ ବର୍ଷକୁ ୫୪୦୦ଟଙ୍କା ସଞ୍ଚୟ କରିଥାନ୍ତି ।

✚ କାରରେ ଜିନିଷପତ୍ର ରଖିଲାବେଳେ ସତର୍କ ରୁହନ୍ତୁ । ୪୫ କିଲୋରୁ ଅଧିକ ଓଜନର ଜିନିଷ ରଖିଲେ ଇନ୍ଧନ ୨% ଅଧିକ ଖର୍ଚ୍ଚ ହୁଏ ।

✚ ପ୍ରତ୍ୟେକ ବ୍ୟକ୍ତି ଟ୍ରାଫିକ ସିଗନାଲରେ ଛିଡ଼ା ହେଲେ ଦୟାକରି ନିଜ ଗାଡ଼ିକୁ ବନ୍ଦ କରନ୍ତୁ । ଏପରି କଲେ ବର୍ଷକୁ ୧୩ହଜାର ଟଙ୍କା ସଞ୍ଚୟ କରିବେ ବୋଲି ଏକ ସର୍ବେକ୍ଷଣରୁ ପ୍ରକାଶ । ଭାରତୀୟ ଲୋକେ ୨%ରୁ କମ ଏହି ନିୟମ ପାଳନ କରିଥାନ୍ତି । ଗୃହିଣୀମାନେ ଘରର ପ୍ରତ୍ୟେକ କକ୍ଷର ବଲବକୁ ଏଲଇଡି ବଲବରେ ପରିବର୍ତ୍ତନ କରିବା ପଦକ୍ଷେପ ଯଥା ଶୀଘ୍ର ନେବା ଆବଶ୍ୟକ । ଏଲଇଡି ବଲବ ୮୦% ବିଜୁଳି ସଞ୍ଚୟ କରିବା ସହ ବର୍ଷ କୁ ୧୨ହଜାର ଟଙ୍କା ସଞ୍ଚୟ କରିଥାଏ ।

✚ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏସି ଲଗାଇଲେ ସାଧାରଣତଃ ବିଦ୍ୟୁତ ବିଲ ଅଧିକ ଆସିଥାଏ । ତେବେ ଏ ବାବଦରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ ଏସିର ତାପମାତ୍ରାକୁ ୨୪ରୁ ୨୫ ଡିଗ୍ରୀରେ ରଖିଲେ, ବିଲ ଅପେକ୍ଷାକୃତ କମ ଆସିଥାଏ । ଏପରି କଲେ ବିଦ୍ୟୁତ ବିଲ ବର୍ଷକୁ ୫ହଜାର ଟଙ୍କ କମ ଆସୁଥିବାର ପ୍ରକାଶ ।

# ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚାପଗ୍ରସ୍ତ

ପୁରୁଷଙ୍କ ତୁଳନାରେ ମହିଳା ଅଧିକ ଚାପଗ୍ରସ୍ତ ବୋଲି କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି । ରିପୋଟରେ କୁହାଯାଇଛି ଯେ ପୁରୁଷମାନେ ମହିଳାଙ୍କ ତୁଳନାରେ ଅଧିକ ଖୁସି ଓ ସୁସ୍ଥ ରହିଥାନ୍ତି ଏହି ସର୍ଭେରେ ୧୫୦୦ ମହିଳା ଏବଂ ପୁରୁଷଙ୍କୁ ସାମିଲ କରାଯାଇଥିଲା । ମହିଳାଙ୍କ ଅପେକ୍ଷା ପୁରୁଷମାନଙ୍କ ଓଜନ ବୃଦ୍ଧି ପାଇବା ସହ ସେମାନେ ଅଧିକ ଖୁସିରେ ରହୁଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଥିଲା । ଅପରପକ୍ଷେ ୪୯ ପ୍ରତିଶତ ମହିଳା ଚିନ୍ତାଗ୍ରସ୍ତ ଏବଂ କମ୍ ଖୁସି ଥିବା ବୋଲି ଜଣାପଡ଼ିଥିଲା । ମହିଳାମାନେ ଘରର ଚିନ୍ତା ପୁରୁଷମାନଙ୍କଠାରୁ ଅଧିକ କରିଥାନ୍ତି ଯାହା ତାଙ୍କୁ ଅଧିକ ଚାପଗ୍ରସ୍ତ କରିଥାଏ । ପୁରୁଷମାନେ ଏସବୁକୁ ହାଲକା ଭାବେ ନେଇଥାନ୍ତି । ୬୦ ପ୍ରତିଶତ ପୁରୁଷ ମାସକୁ ଥରେ ଚାପଗ୍ରସ୍ତ ରହୁଥିବାବେଳେ ୬୦ ପ୍ରତିଶତ ମହିଳା ସପ୍ତାହର ଅଧିକାଂଶ ସମୟ ଚିନ୍ତା ଗ୍ରସ୍ତ ରହିଥାନ୍ତି । ମହିଳାଙ୍କ ତୁଳନାରେ ପୁରୁଷମାନେ ୭୦ ପ୍ରତିଶତ କମ ଉଦାସ ହୋଇଥାନ୍ତି । ମହିଳାମାନେ ଅଧିକ ସ୍ୱାସ୍ଥ୍ୟ ସଚେତନ ରହୁଥିଲେ ବି ପୁରୁଷଙ୍କ ତୁଳନାରେ ସ୍ୱାସ୍ଥ୍ୟ ଗତ ସମସ୍ୟା ଅଧିକ ଦେଖାଦେଇଥାଏ ।





# ଫ୍ୟାସନ୍: କର୍ମଜୀବୀ ମହିଳାଙ୍କ ପାଇଁ

**ଯଦି ଆପଣ କର୍ମଜୀବୀ ହୋଇଥାନ୍ତି, ତେବେ ନିଜର ଡ୍ରେସ୍‌କୋଡ୍ ଉପରେ ନଜର ଦିଅନ୍ତୁ। କିପିର ଡ୍ରେସ୍ ପିନ୍ଧିଲେ ଆପଣ ସୁନ୍ଦର ସହ ସ୍ମାର୍ଟ ଦେଖାଯିବେ। ଜାଣନ୍ତୁ ସେ ସମ୍ପର୍କରେ...**

■ ଆପଣ ଯଦି କୌଣସି କର୍ପୋରେଟ୍ ସେକ୍ଟରରେ କାମ କରୁଥାନ୍ତି, ଧଳା ଲାଇଲନ୍ ଶାର୍ଟ ପିନ୍ଧିପାରନ୍ତି। ଏହା ସହିତ ଆପଣ କଲରଫୁଲ ସ୍କାର୍ଫ କିମ୍ବା ହାଲୁକା ରଙ୍ଗର ଜ୍ୟାକେଟ୍ ପିନ୍ଧିପାରିବେ।

■ ଆପଣ ଯଦି କୌଣସି ଅଫିସରେ କାମ କରୁଥାନ୍ତି ତେବେ ସିମ୍ପଲ ପ୍ୟାଣ୍ଟ ପସନ୍ଦ କରନ୍ତୁ। ଏଥିପାଇଁ ଆପଣ କଳା କିମ୍ବା ଗ୍ରେ ରଙ୍ଗ ଚୟନ କରିପାରନ୍ତି। ତେବେ ଅଫିସିଆଲ ଗେଟ୍‌ଅପ୍ ଲାଗି ଫର୍ମାଲ୍ ଡ୍ରେସ୍ ଭଲ ଲାଗିଥାଏ।

■ କର୍ମଜୀବୀ ହୋଇଥିଲେ ବ୍ଲେଜର ଆପଣଙ୍କୁ ଠିକ୍ ଲାଗିବ। ଅଫିସ୍‌ରେ କୌଣସି ମିଟିଂ ଥିଲେ ବା କୌଣସି କ୍ଲାଏଣ୍ଟଙ୍କ ଦେଖା କରିବାକୁ ଚାହୁଁଥିଲେ ଏହି ଗେଟ୍‌ଅପ୍‌ରେ ଆପଣ ମାର୍ଜିତ ଦେଖାଯିବେ।

■ ଆପଣ ଏପରି କୁର୍ତ୍ତି ପିନ୍ଧନ୍ତୁ ଯାହା ଆରାମଦାୟକ ହୋଇଥିବ। ଏହା ଆପଣଙ୍କୁ କାମ କରିବା ସମୟରେ ହାଲୁକା ଲାଗିବ। ଆପଣ ଏଥିପାଇଁ ପର୍ପଲ ବା ବ୍ଲୁ ରଙ୍ଗ ପସନ୍ଦ କରିପାରିବେ। ଓ୍ୱାର୍ଲି ପ୍ରିଣ୍ଟର କୁର୍ତ୍ତି ସବୁଠାରୁ ଅଧିକ ଭଲ ଲାଗିବ।

# ଓଜନ ନିୟନ୍ତ୍ରଣର ସରଳ ଉପାୟ

◈ ରାତିରେ ୧ଗିଲାସ ଗରମ ପାଣିରେ ୩ଚାମଚ ପାନମଧୁରି ବତୁରାଇ ରଖନ୍ତୁ । ସକାଳୁ ଏହି ପାଣିକୁ ଛାଣି କରି ପିଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ।

◈ ଅଧ ଗିଲାସ ଉଷୁମ ପାଣିରେ ୧ଚାମଚ ମହୁ ଓ ୧ଛୋଟ ଚାମ ଡାଲିଚିନି ଗୁଣ୍ଡ ମିଶାଇ ପିଇଲେ ମଧ ଓଜନ ନିୟନ୍ତ୍ରିତ ହୋଇଥାଏ ।

◈ ଦୈନିକ ସକାଳୁ ଖାଲିପେଟରେ ୧ ଚାମଚ ଘିଁକୁଆରୀ ରସ ଓ ଅଁଳା ରସକୁ ଅଧ ଗିଲାସ ପାଣିରେ ମିଶାଇ ପିଅନ୍ତୁ ।

◈ ସକାଳ ଜଳଖିଆ ଓ ସନ୍ଧ୍ୟା ଜଳଖିଆ ପରେ ଗ୍ରୀନ ଟି ପିଇବା ନିୟମିତ ଏକ ଅଭ୍ୟାସ କରିବା ଉଚିତ ।

◈ ବିଭିନ୍ନ ବ୍ୟଞ୍ଜନରେ ଟମାଟୋର ଉପଯୋଗ ଅଧିକ କରନ୍ତୁ । ଏହା ଭୋକ ନିୟନ୍ତ୍ରଣ କରିବା ସହ ଓଜନ ହ୍ରାସ କରିଥାଏ ।

◈ ପ୍ରତ୍ୟେକ ଦିନ ବନ୍ଧାକୋବି ବ୍ୟଞ୍ଜନ ଖାଇଲେ ମଧ ଓଜନ ନିୟନ୍ତ୍ରିତ ହେଉଥିବାର ଗବେଷକଙ୍କ ମତ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଦୁଇ ଚକ୍ରାନ୍ତକାରୀଙ୍କ ମିଳନ...

ଭାରତୀୟ ଉପମହାଦେଶରେ କିଛିବର୍ଷ ହେଲା କୂଟନୈତିକ ଜଟିଳତା ବୃଦ୍ଧି ପାଇବାରେ ଲାଗିଛି । ଆମ ଦେଶ ଏଥିପାଇଁ କାଣିଚାଏ ଦାୟୀ ନଥିଲେ ସୁଦ୍ଧା ତାହାର ପ୍ରତିକୂଳ ପ୍ରଭାବ ପଡୁଛି ଆମ ଉପରେ । ଏଥିପାଇଁ ମୁଖ୍ୟତଃ ଦାୟୀ ଦେଶଗୁଡ଼ିକ ଭିତରେ ଅଛନ୍ତି ପାକିସ୍ତାନ ଓ ଚୀନ । ଇତିହାସର ଫର୍ଦ୍ଦ ଓଲଟାଇଲା ବେଳେ ଅନେକଙ୍କର ସ୍ମରଣ ଥିବ, ଆମ ଦେଶ ଉପରେ ବିବାଦୀୟ ଭୂଖଣ୍ଡ ପାଇଁ ଦୁଇ ଦୁଇଥର ଯୁଦ୍ଧ ଲଦି ଦେଇ ଚୀନ ପ୍ରତିଶୋଧ ନେବାକୁ ଚାହିଁଥିଲା । ମାତ୍ର ଯୁଦ୍ଧ ବିଗ୍ରହକୁ ଟାଳିବା ସକାଶେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଓ ଚୀନ୍ ନେତା ଚୁ-ଏନ୍ ଲାଇଙ୍କ ଭିତରେ ବୈଠକ ବସିଲା । 'ପଞ୍ଚଶୀଳ ନୀତି' ଥିଲା ସେହି ଦ୍ୱିପାକ୍ଷିକ ବୈଠକରୁ ଜନ୍ମ ନେତା । ଚୀନ୍ ଭାରତୀୟ ଜମି ଉପରେ ଦଖଲରୁ ପୂରା ହଟିନଥିବା ସତ୍ତ୍ୱେ ଅନାକ୍ରମଣ ପାଇଁ ନୀତିଗତି ରୂପେ ସମ୍ମତ ହୋଇଥିବା ଜଣାଇଥିଲା । ଚୁ-ଏନ୍ ଲାଇ ଓ ନେହରୁଙ୍କ ଉଦ୍ୟମର ସଫଳତା ପରେ ଗୋଟିଏ ଧ୍ୱନି ସମକାଳୀନ କୂଟନୀତିର ପୃଷ୍ଠାକୁ ସମୃଦ୍ଧ କଲା, ତାହା ଥିଲା ହିନ୍ଦି-ଚୀନି ଭାଇ ଭାଇ । ସୀମାନ୍ତରେ ଉଭୟ ପକ୍ଷର ସୈନ୍ୟଙ୍କ ମୁହଁରେ ପ୍ରତିଧ୍ୱନିତ ହେଲ: ହିନ୍ଦି-ଚୀନି ଭାଇ ଭାଇ । ଏହି ସମୟ ଭିତରେ ଗଙ୍ଗା ଓ ମେକଙ୍ଗ୍ ନଦୀରେ ପ୍ରଚୁର ଜଳରାଶି ପ୍ରବାହିତ ହୋଇ ସାରିଲାଣି । ଚୀନ୍ ନେତୃତ୍ୱରେ ଯେମିତି ରୂପାନ୍ତର ଘଟିଛି, ସେହିଭଳି ଭାରତୀୟ ରାଜନୀତିରେ ହୋଇସାରିଛି ଘଟାନ୍ତର । ବିସ୍ତାରବାଦ ପୁଣିଥରେ ଚୀନ୍‌ର କୂଟନୀତିର ଅନ୍ୟତମ ସ୍ତମ୍ଭ ରୂପେ ଉଭା ହୋଇଥିବା ବେଳେ ପାକିସ୍ତାନ, ବାଂଲାଦେଶ ଓ ନେପାଳ ଭଳି ଭାରତର ପଡ଼ୋଶୀ ଦେଶକୁ ନିଜ ଆଡ଼କୁ ଟାଣିବା ଏବଂ ତାହା ଜରିଆରେ ଆମ ଦେଶକୁ ଘେରି ଅସୁବିଧାରେ ପକାଇବାକୁ ଅପଚେଷ୍ଟା କରୁଛି । ତାହାର ନଗଦ ଉଦାହରଣଗୁଡ଼ିକ ମଧ୍ୟରେ ସୀମାନ୍ତରେ ଡୋକ୍ଲାମ ସଂଘର୍ଷ । ବାଂଲାଦେଶକୁ ଅଯାଚିତ ରୂପେ ଆର୍ଥିକ ଋଣ ଯୋଗାଣ ଏବଂ ଦେବାଳିଆ ପାକିସ୍ତାନକୁ ଅର୍ଥ ଓ ଅସ୍ତ୍ର ଯୋଗାଇ ଅଧିକ ନିର୍ଭରଶୀଳ କରାଇବା । ଆଫଗାନିସ୍ତାନରେ ତାଲିବାନ ଗୋଷ୍ଠୀର କ୍ଷମତା ଦଖଲ ପରେ ଅନ୍ୟ ଦେଶମାନେ 'ୱେଟ୍ ଆଣ୍ଡ ୱାଚ୍' ନୀତି ଆପଣାଇଥିବା ସମୟରେ ଉପରେ ପଡ଼ି କାବୁଲରେ ପହଞ୍ଚିଯାଇଥିଲା ଚୀନ୍ । ତାଲିବାନ୍ ହେଉଛି ପାକ୍ ପ୍ରାୟୋଜିତ ଗୋଷ୍ଠୀ, ଯାହାରି ଜରିଆରେ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରାଯାଇଛି । ଏଥିନେଇ ଭାରତର ଭୂମିକାରେ କିଭଳି ଦ୍ୱନ୍ଦ୍ୱ ଖଞ୍ଜାଯାଇ ପାରିବ, ସେଥିପାଇଁ ଉଭୟ ଚୀନ୍ ଓ ପାକିସ୍ତାନ ଲଗାତାର ଲାଗି ରହିଛନ୍ତି । କୂଟନୈତିକ ପରିଭାଷା ଆପାତତଃ ବଦଳିଯାଇଛି, ସମୀକ୍ଷକମାନେ କହୁଛନ୍ତି: ଆଉ ହିନ୍ଦି-ଚୀନି ଭାଇ ଭାଇ ନୁହେଁ ତାହା ପାଲଟିଛି: ଚୀନି-ପାକ୍ ଭାଇ ଭାଇ । ତାହା ଉଭୟ ଭାରତ-ବିରୋଧୀଙ୍କ ଆଚରଣରେ ପୂରା ପ୍ରତିଫଳିତ ହୋଇଛି । ଭାରତ ଯଥାସାଧ୍ୟ ଉଦ୍ୟମ କରୁଛି କିଭଳି ଆଫ୍‌ଗାନରେ ଉତ୍ପନ୍ନ ଜଟିଳତାର ଅବସାନ ହେଉ । ଏକାଧିକ ସମ୍ମିଳନୀରେ ତାହାରି ଉପରେ ଚର୍ଚ୍ଚା ହୋଇଥିଲେ ସୁଦ୍ଧା ସେଭଳି କିଛି ଉଲ୍ଲେଖଯୋଗ୍ୟ ନିଷ୍କର୍ଷ ବାହାରି ନପାରିଥିବା ପୃଷ୍ଠଭୂମିରେ ବୁଧବାର ଭାରତର ପ୍ରାୟୋଜନ କ୍ରମେ ସାତଟି କ୍ଷେତ୍ରୀୟ ଦେଶର ସମ୍ମିଳନୀ ଡକାଯାଇଛି । ସେଥିରେ ମୁଖ୍ୟତଃ ଜାତୀୟ ସୁରକ୍ଷା ମୁଖ୍ୟମାନଙ୍କ ଉପସ୍ଥିତିରେ ଆଫ୍‌ଗାନିସ୍ତାନ ନେଇ ଚର୍ଚ୍ଚା ହେବାର ଅଛି । କିନ୍ତୁ ଦୁର୍ଭାଗ୍ୟର କଥା, ପାକିସ୍ତାନ ଓ ଚୀନ୍ ପ୍ରସ୍ତାବିତ ସମ୍ମିଳନୀକୁ ଆସୁନାହାଁନ୍ତି । ଦିନବ୍ୟାପୀ ସମ୍ମିଳନୀରେ କାବୁଲରେ ଦେଖାଦେଇଥିବା ନିରାପତ୍ତାଜନିତ ଆହ୍ୱାନ ଏବଂ ଆତଙ୍କବାଦ ଉପରେ ଆଲୋକପାତ ପାଇଁ ସୂଚୀ ପ୍ରସ୍ତୁତ ଥିବାବେଳେ ଦୁଇ କ୍ଷେତ୍ରୀୟ ଦେଶର ଅନୁପସ୍ଥିତିର କାରଣ କ'ଣ ହୋଇଥାଇପାରେ, ତାହା କୂଟନୈତିକ ମହଲ ପାଇଁ ଚିନ୍ତାର କାରଣ । ପ୍ରଥମେ ପାକିସ୍ତାନ ବୈଠକର ପ୍ରାୟୋଜନ ଭାରତ କରୁଛି ବୋଲି ପ୍ରକାରାନ୍ତ ଦର୍ଶାଇ ଆଲୋଚନାରୁ କ୍ଷାନ୍ତ ରହିବା ଚାହିଁଛି । ଏଥିପାଇଁ ବାହାନା ନେଇଛି ଯେ, ନିଜ ଦେଶରେ ବହୁତ କାର୍ଯ୍ୟ ପୂର୍ବ-ନିର୍ଦ୍ଧାରିତ ରହିଛି । ଅନ୍ୟପକ୍ଷରେ ବେଜିଂ ଦର୍ଶାଇଛି ଯେ, ଭାରତ ସହ କାବୁଲ ସ୍ଥିତି ନେଇ ଦ୍ୱିପାକ୍ଷିକ ବୈଠକ ଚୀନ୍ ଚାହେଁ । ସ୍ଥିତିଗତ ଜଟିଳତା ଆଧାରରେ ଭାରତର ବିଚାର ସମ୍ପୂର୍ଣ୍ଣ ଅଲଗା । ପାକିସ୍ତାନ ଯାହାବି କାରଣ ଦର୍ଶାଉ ପଛେ, ଚୀନ୍ ଏହି ସୁରକ୍ଷା ବୈଠକକୁ ଆସିବା ଦରକାର । ଆତଙ୍କବାଦର ଅବସାନ ସହିତ ତାଲିବାନ ହାତରେ ଚୀନର ଅତ୍ୟାଧୁନିକ ସମରାସ୍ତ୍ର ପହଞ୍ଚିଯିବା ଯେମିତି ହେଲେ ଚିନ୍ତାର କାରଣ । ସୀମାନ୍ତ ପାର ଅନୁପ୍ରବେଶ ମଧ୍ୟ ପ୍ରସ୍ତାବିତ କ୍ଷେତ୍ରୀୟ ସମ୍ମିଳନୀର ଆଲୋଚ୍ୟବସ୍ତୁ ହେବାକୁ ଥିବାରୁ ଚୀନ୍ ଓ ପାକିସ୍ତାନ ପଟୁ ବିପଦ ପରିପ୍ରେକ୍ଷୀରେ ଦୁଇ ପଡ଼ୋଶୀଙ୍କ ବିରତ ରହିବା ଅବାଂଛନୀୟ ସ୍ଥିତିକୁ ଡାକି ଆଣିପାରେ ବୋଲି ସମୀକ୍ଷକ ମହଲ ଆଶଙ୍କା କରୁଛନ୍ତି ।

## ଯେସାକୁ ତେସା...



ଡ. ଦୀପ୍ତିମୟୀ ବେହେରା

ସାରା ବିଶ୍ୱକୁ ଚକମା ଦେଖେଇ ନିଜ କର୍ତ୍ତୃତ୍ୱ ଓ ପ୍ରଭୁତ୍ୱର ଜାହିର କରିବାକୁ ଚାହୁଁଛି ଚୀନ । ଆମେରିକାର ପେଣ୍ଟାଗନ ରିପୋର୍ଟ ଅନୁଯାୟୀ ୨୦୨୨ ଜାନୁଆରୀରୁ ଚୀନ ଲାଗୁ କରିବାକୁ ଯାଉଛି 'ନ୍ୟୁ ଲ୍ୟାଣ୍ଡ ବାଉଣ୍ଡ୍ରି ଲ' (ନୂଆ ସୀମା ଆଇନ) । ଏହି ନୂଆ ଆଇନ ପଛରେ ରହିଛି ଚୀନର ମୁଖ୍ୟ ଷଡଯନ୍ତ୍ର ଯାହାକି ଭବିଷ୍ୟତର ଭାରତ ପାଇଁ ସାଜିବ ବଡ଼ ବିପଦ । ଯେପରିକି ଭାରତକୁ ଆସୁଥିବା ନଦୀ ଗୁଡ଼ିକର ଜଳକୁ ରୋକିପାରିବା ସହ ନିଜ ଅଞ୍ଚଳରେ ପ୍ରବାହିତ ନଦୀର ଗତିପଥକୁ ମଧ୍ୟ ବଦଳାଇପାରିବ ଚୀନ । ପୁଣି ଭାରତ ସହ ବିବାଦୀୟ ଅଞ୍ଚଳରେ ସେନା ମୁତୟନକୁ ଯଥାର୍ଥ ବୋଲି ସାବ୍ୟସ୍ତ କରିବାକୁ ହୋଇପଡ଼ିବ ଆଗଭର । ମିଛସତର ପ୍ରହେଳିକା କରି କୁଚକ୍ରାନ୍ତର ଭଉଁରୀ ଜାଲ ମଧ୍ୟରେ ସମସ୍ତଙ୍କୁ ବାନ୍ଧି ଅକ୍ତିଆର କରିବାକୁ ଯୋଜନା କରୁଥିବାବେଳେ, ସେହି ନାଗଫାସର ଜାଲ ମଧ୍ୟରେ ଯେ, ନିଜେ ବାନ୍ଧି ହୋଇଯାଉଛି ଏ କଥା ବୁଝି ପାରୁନି ଚକ୍ରାନ୍ତକାରୀ ଚୀନ । ଯଦି ତାହା ବୁଝିଥାନ୍ତା ହୁଏତ ଆଜିର ବିବାଦୀୟ ପରିସ୍ଥିତି ଅର୍ଥାତ ପୂର୍ବ ଲଦାଖର ଗଲୱାନ ଉପତ୍ୟକା ନିକଟରେ ସୀମା ବିବାଦକୁ ନେଇ ନିରୀହ ଯବାନମାନଙ୍କ ପ୍ରାଣ ଅକାଳରେ ଝଡ଼ି ପଡ଼ିନଥା'ନ୍ତା । ଦୁଇ ଦେଶ ମଧ୍ୟରେ ରାଜନୈତିକ ସ୍ତରରେ ହେଉ କି କୂଟନୈତିକ ସ୍ତରରେ ହେଉ କି ସାମରିକ ସ୍ତରରେ ହେଉ ବହୁବାର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇସାରିବା ସତ୍ତ୍ୱେ ମଧ୍ୟ ନିଜ ଦୋଷକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ଭାରତ ଉପରେ ଯେଉଁ ଦୋଷାରୋପ ଲଦି ଚାଲିଛି ତାହା ତା'ର ପାଗଳାମି ଛଡ଼ା ହୁଏତ ଆଉ କିଛି ନୁହେଁ । ସଂକୀର୍ଣ୍ଣ ସ୍ୱାର୍ଥାନ୍ଧତା ଓ ସାମ୍ରାଜ୍ୟ ଲିପ୍ସା ଆଦି ଚୀନକୁ ଏକ ବିରାଟ ଧ୍ୱଂସ ମୁଖକୁ ଯେ ଟାଣି ନଉଛି ଏକଥା ସେ ସହଜରେ ବୁଝି ନ ପାରି ବରଂ ଭାରତ ପରି ଧର୍ମନିରପେକ୍ଷ ରାଷ୍ଟ୍ର ଉପରକୁ ଢେଲା ଫୋପାଡ଼ିବାକୁ ନିରନ୍ତର ପ୍ରୟାସ ଜାରି କରି ଚାଲିଛି କିନ୍ତୁ ସେ ଜାଣିନି ଯେ, ଏହାର ପାଲଟା ଜବାବ କେତେ ଭୟଙ୍କର ? ଯଦି ଅପରାଧୀ ଚୀନ 'ଶାନ୍ତିର ମାନେ କ'ଣ ବୁଝିଥା'ନ୍ତା ଓ ଜାଣିଥା'ନ୍ତା ଆଜି ତାକୁ ଗର୍ଜନ କରି ଶାନ୍ତିଭିକ୍ଷା କରିବାକୁ ପଡ଼ିନଥା'ନ୍ତା। ଆମ ଦେଶ ସର୍ବଦା ଶାନ୍ତିର ବାର୍ତ୍ତା ବହନ କରୁଛି ଓ କରୁଥିବ ମଧ୍ୟ । ଜାତିର ପିତା ମହାତ୍ମାଗାନ୍ଧୀ ଶାନ୍ତି ଓ ଅହିଂସାର ମାର୍ଗରେ ଯାଇ କହୁଥିଲେ - 'ଯିଏ ତମକୁ ଗୋଟେ ଗାଲରେ ମାରୁଛି ତାକୁ ଆର ଗାଲଟି ଦେଖେଇଦିଅ'। ପୁଣି ନେତାଜୀ ସୁଭାଷବୋଷ କହିଲେ -'ଯିଏ ତମ ଉପରକୁ ଇଟା ପକଉଛି ତା'ର ଜବାବ ପଥରରେ ଦିଅ'। ବାସ୍ତବିକ, ଏ ଦୁଇଟିଯାକ ମହତବାଣୀକୁ ଆମ ଦେଶ ଆପଣେଇ ନେଇଛି । ପ୍ରଥମେ ଆମ ଦେଶ ଶାନ୍ତି ସହକାରେ କଥାବାର୍ତ୍ତା କରି ପ୍ରାଣପଣେ ବୁଝାଇବାକୁ ଚେଷ୍ଟା କରିଛି ନାହିଁତ ଦ୍ୱିତୀୟ ସୂତ୍ରର ପ୍ରୟୋଗ କରି ଉପଯୁକ୍ତ ଜବାବ ଦବାକୁ ମଧ୍ୟ କେବେ ବି ପଛଘୁଞ୍ଚା ଦବ ନାହିଁ । ଯାହାକି ଆମ ପ୍ରଧାନମନ୍ତ୍ରୀ ଚୀନକୁ ଚେତାବନୀ ଶୁଣାଇ କହିଛନ୍ତି ଯେ - 'ଭାରତ ଶାନ୍ତି ଚାହେଁ ; ନ ହେଲେ ବେଶି ଉସୁକାଇଲେ ଏହାର ଦୃଢ଼ ଜବାବ ଦବାକୁ ଆମେ ପ୍ରସ୍ତୁତ ଅଛୁ । ଶ୍ରୀକୃଷ୍ଣଙ୍କ ଭଳି ବଂଶୀ ବଜାଇପାରୁ, ଆଉ ସୁଦର୍ଶନ ଚକ୍ର ବି ଉଠାଇପାରୁ । ଭାରତର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଆମ ପାଇଁ ସର୍ବୋଚ୍ଚ ଏବଂ ଏହାକୁ ସୁରକ୍ଷା ଦେବାରେ ଆମକୁ କେହି ରୋକି ପାରିବେ ନାହିଁ ବୋଲି ରୋକଠୋକ ବାଣୀ ଶୁଣାଇ ଦେଇଛନ୍ତି ଆମର ପ୍ରଧାନମନ୍ତ୍ରୀ ମହୋଦୟ । ବାସ୍ତବିକ, ଏକଥା ସ୍ୱାଗତଯୋଗ୍ୟ । କେତେ ଆଉ ସହିବ ଭାର, ସହିବାର ସୀମା ଯେତେବେଳେ ଅତିକ୍ରାନ୍ତ ହୋଇସାରିଲାଣି ସେଠି ଉପଯୁକ୍ତ ଜବାବ ଦବାର ସମୟ ଆସି ଦଣ୍ଡାୟମାନ ହେଲାଣି । କାହିଁକିନା, ସିଧା ଆଙ୍ଗୁଠିରେ ଘିଅ କେବେ ଉଠେନି ତେଣୁ ଆଙ୍ଗୁଠିକୁ ଟିକେ ତେଢା କରିବାକୁ ପଡ଼ିବ । ଯେପରିକି ଅମୃତ ପାଇବାକୁ ହେଲେ ସମୁଦ୍ର ମନ୍ଥନ କରିବାକୁ ପଡ଼ିବ । ଦେବ ଦାନବର ସଂଘର୍ଷ ଘଟିବ ଏଥିରେ ସନ୍ଦେହ ନାହିଁ । ହୁଏତ ଏହି ସଂଘର୍ଷ ସମୟରେ ବିଷ ଉଦଗୀରଣ ହୋଇପାରେ ତଥାପି ଏହାର ପରିସମାପ୍ତି ପାଇଁ ମଙ୍ଗଳମୟ ଶିବଙ୍କର ଅଭାବ କେବେ ଘଟିବ ନାହିଁ । କାରଣ - ବିଷପାନ ଓ ଅମୃତବଣ୍ଟନ ଦାୟିତ୍ୱ ହେଉଛି ଭଗବାନଙ୍କର । କେବଳ ସମୁଦ୍ର ମନ୍ଥନ ଦାୟିତ୍ୱ ମଣିଷର । ନହେଲେ ଲୁହର ନଦୀରେ ଆଶାର ଡଙ୍ଗାରେ ବସି ଅସୁବିଧା ରୂପକ ଆହୁଲା ଧରି ବିତୃଷ୍ଣା ସାଗର ଗର୍ଭରେ କେତେବେଳେ ଲୀନହୋଇଯିବା ତାହା ଜଣା ପଡ଼ିବ ନାହିଁ । ତେଣୁ ହେ ବିଶ୍ୱବାସୀ ! ସମସ୍ତେ ଆଜି ଏକଜୁଟ ହୋଇ ସମସ୍ତ କର୍ତ୍ତବ୍ୟକୁ ସୂଚାରୁରୂପେ ସଂପାଦନ କରି 'ଯେସାକୁ ତେସା....' ନ୍ୟାୟରେ ଉଚିତ ଜବାବ ଦବାକୁ ଆଗେଇ ଆସ । ତା'ହେଲେ ଯାଇ ଆମ ଦେଶ ସୁବର୍ଣ୍ଣ ଦେଶ ଭାବେ ସାରା ବିଶ୍ୱରେ ପ୍ରତିଷ୍ଠିତ ହୋଇ ରହିବ; ଏଥିରେ ସନ୍ଦେହ ନାହିଁ ।

ସାମ୍ପ୍ରତିକ ସ୍ଥିତିରେ ଆମ ଦେଶ ଭାରତ ବର୍ଷ ବହୁବିଧ ସମସ୍ୟା ମଧ୍ୟ ଦେଇ ଗତି କରୁଛି । ଯେପରିକି ମହାମାରୀ କରୋନାକୁ ନେଇ କେବଳ ଭାରତ ବର୍ଷ ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଚିନ୍ତିତ । ଏହି ଭୂତାଶୁର ଜନ୍ମଦାତା ମଧ୍ୟ ଚୀନ, ଏକଥାକୁ ସେ ସ୍ୱୀକାର କରିବାକୁ ନାରାଜ । ମିଛ ପରେ ମିଛ କହି ସମଗ୍ର ବିଶ୍ୱକୁ ଅନ୍ଧାରୀ ଆତ୍ମା ଭିତରେ ଛାଡ଼ିଦେଇଛି ଯାହା ଫଳରେ କି ଲକ୍ଷଲକ୍ଷ ନିରୀହ ଜନତାଙ୍କ ଜୀବନ ଦୀପ ଅକାଳରେ ଲିଭି ଯାଉଛି ; ତାହାର ସଠିକ ହିସାବ ମଧ୍ୟ ମିଳି ପାରୁନାହିଁ ।

କୋଟିକୋଟି ଭାରତୀୟଙ୍କ ମନରେ ଆଜି ଗୋଟିଏ ପ୍ରଶ୍ନ - ସତେ କ'ଣ ପୁଣି ଏକ ଯୁଦ୍ଧ ହ? ଏ ଯେଉଁ ଶାନ୍ତି ଆଲୋଚନା, ନିରସ୍ତ୍ରୀକରଣ ପ୍ରସ୍ତାବ ଆଦି ସବୁ କ'ଣ ବ୍ୟର୍ଥତାରେ ଚାଲିଯିବ? କାହିଁକିନା, ଆଖି କାନ ଉଠିଲା ଦିନଠାରୁ ଯୁଦ୍ଧ ହବାର ଦୃଶ୍ୟ କେବେ ଦେଖିନୁ ଖାଲି ଯାହା ଇତିହାସ ଓ ପୁରାଣ ପୃଷ୍ଠାରୁ ଶୁଣିଛୁ ପ୍ରଥମ ମହାଯୁ, ଦ୍ୱିତୀୟ ମହାଯୁଦ୍ଧ, ମହାଭାରତ ଯୁ, ରାମ ରାବଣ ଯୁଦ୍ଧ ଇତ୍ୟାଦି ଇତ୍ୟାଦି । ଏହି ଯୁଦ୍ଧ ଶବ୍ଦଟି ଯେତେବେଳେ ମନରେ ଆସିଥାଏ ସେତେବେଳେ ଲୋମମୂଳ ଟାଙ୍କୁରି ଉଠେ। ସତେ ଏ ଯୁଦ୍ଧ କାହିଁକି ହୁଏ ? କେମିତି ହୁଏ ? କେତେ ସୈନ୍ୟସାମନ୍ତ ମରନ୍ତି ? କେତେ କ୍ଷୟକ୍ଷତି ହୁଏ ? ଏ ସବୁର ସଠିକ ହିସାବ ନା ପାଇହୁଏ ନା ଆକଳନ କରିହୁଏ । ପାକିସ୍ତାନ, ଚୀନ ପରି ଦେଶମାନେ ଯେଉଁ ରଣ ସଜ୍ଜାରେ ତତ୍ପର ହୋଇ ରଣ ହୁଙ୍କାର ଦେଇ ଚାଲିଛନ୍ତି, ତାହା ଯଦି ସତ ହୁଏ ତା'ହେଲେ କେତୋଟି ମୁହୂର୍ତ୍ତ ମଧ୍ୟରେ ଏ ସଭ୍ୟତାର ସମୂଳ ସଂହାର ଘଟିବ ଆଉ ମଧ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶ ଯେ ଶେଷରେ ବିଜୟୀ ହୋଇ ଧ୍ୱଂସସ୍ତୁପ ଉପରେ ନୂତନ ଦେଶ ନିର୍ମାଣ କରିବ ତାହା କଳ୍ପନା କରିବା ସମ୍ପୂର୍ଣ୍ଣ ବୋକାମୀ ।

+ କୋଏଲ ନଗର, ରାଉରକେଲା

## ବିଷମତାର ବିଲୋପ ଜରୁରୀ



ଗୋପାଳ ମହାପାତ୍ର

ଶାସକ ଅନେକ ସମୟରେ ନିଜର ସଫଳତାକୁ ନେଇ ଅଧିକ ଭାବେ ଆତ୍ମଖୁସି ଏବଂ ସ୍ୱ-କେନ୍ଦ୍ରିତ ହୋଇଯାଇଥାନ୍ତି ଯେ ପ୍ରକୃତ କଥାକୁ ଭୁଲିଯାଆନ୍ତି । ଧନୀ ଲୋକମାନେ

ଅତ୍ୟଧିକ ସ୍ୱ-କେନ୍ଦ୍ରିତ ହେବା, ବିକାଶର ଲାଭ ମାତ୍ର କିଛି ଲୋକଙ୍କୁ ମିଳିବା ଏବଂ ଅଧିକ ଲୋକ ବିକାଶର ଲାଭରୁ ବଞ୍ଚିତ ହେବା ଭଳି ଘଟଣା ଆମ ସାମାଜିକତା ଏବଂ ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠାଇଥାଏ । ପୂର୍ବତନ ରାଷ୍ଟ୍ରପତି ଏପିଜେ କାଲାମ ତାଙ୍କ ଲିଖିତ ପ୍ରସିଦ୍ଧ ପୁସ୍ତକ 'ଉଗ୍ନାଇଟେଡ୍ ମାଇଣ୍ଡ୍‌ସ'କୁ ଦ୍ୱାଦଶ ଶ୍ରେଣୀର ଜଣେ ଛାତ୍ରଙ୍କୁ ସମର୍ପିତ କରିଥିଲେ । ୨୦୦୨ ମସିହା ଏପ୍ରିଲ ୧୧ ତାରିଖ ଦିନ କାଲାମ ଗୁଜରାଟର ଏକ ସ୍କୁଲକୁ ଅତିଥି ଭାବେ ଯାଇଥିଲେ । ସେତେବେଳେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କାଲାମଙ୍କୁ ପ୍ରଶ୍ନ କରାଯାଇଥିଲା ଯେ "ଆମର ପ୍ରକୃତ ଶତ୍ରୁ କିଏ ?" ଏହି ପ୍ରଶ୍ନର ଉତ୍ତରରେ କାଲାମ କହିଥିଲେ ଯେ "ଦାରିଦ୍ର୍ୟ ଆମର ସବୁଠାରୁ ବଡ଼ ଶତ୍ରୁ ।" କାଲାମଙ୍କ ଉତ୍ତର ମଧ୍ୟ ଶତପ୍ରତିଶତ ସତ୍ୟ । କରୋନା କାଳର ଲକଡାଉନ ଏବଂ ତା'ପରେ ବଦଳିଥିବା ଆର୍ଥିକ-ସାମାଜିକ ପରିବେଶରୁ କାଲାମଙ୍କ ଉତ୍ତରରେ ସାରମର୍ମ ସହଜରେ ବୁଝାପଡ଼େ ।

କୋରୋନା କାଳର ଲକଡାଉନର ପ୍ରଭାବ ଗରିବ ତଥା ଶ୍ରମିକମାନଙ୍କ ଉପରେ ପଡ଼ିଥିଲା । ବିଡ଼ମ୍ବନା ହେଉଛି ଯେ ଗରିବ ଲୋକମାନେ କୋରୋନାର ପରିବର୍ତ୍ତେ ଦାରିଦ୍ର୍ୟ, ଅବ୍ୟବସ୍ଥା, ସରକାର ଏବଂ ଧନ କୁବେର ମାନଙ୍କର ଅତିଶୟ ସମ୍ବେଦନହୀନତାର ଶିକାର ହୋଇଥିଲେ । ଏଠି ଫଣିଶ୍ୱର ରେଣୁଙ୍କର "ମୈଲା ଆଞ୍ଚଲ' ମନେପଡ଼େ ଯେଉଁଥିରେ ଲୋକମାନେ ମେଲେରିଆ ପରିବର୍ତ୍ତେ ଦାରିଦ୍ର୍ୟ ଏବଂ ପଛୁଆପଣର କାରଣରୁ ମୃତ୍ୟୁମୁଖରେ ପଡୁଥିଲେ । ଏହା ଏକ ବିରୋଧାଭାଷ ଯେ ଦେଶର ନିର୍ମାଣରେ ସର୍ବାଧିକ ଯୋଗଦାନ ଦେଉଥିବା ଗରିବ ଶ୍ରମିକମାନେ ଆଜିର ସମୟରେ ସର୍ବାଧିକ ଉପେକ୍ଷିତ ଏବଂ ପୀଡ଼ିତ ମଧ୍ୟ । ଲକଡାଉନ ସମୟରେ କାମଧନ୍ଦା ବନ୍ଦ ହୋଇଯିବା କାରଣରୁ ଲୋକମାନେ ଏକ ପ୍ରକାରର ଅସହାୟ ହୋଇଯାଇଥିଲେ ଓ ନ୍ୟୂନତମ ଆବଶ୍ୟକତାକୁ ପୂରଣ କରିନ ପାରି ନିଜ ନିଜର ଗୃହରାଜ୍ୟ (ନିଜ ଗ୍ରାମକୁ) ପାଦରେ ଚାଲିଚାଲି ଏପରିକି ଅସୁରକ୍ଷିତ ଯାନବାହାନରେ ଯିବା ପାଇଁ ବାଧ୍ୟ ହୋଇଥିଲେ । ସେତେବେଳେ କେବେ ରେଳ ଦୁର୍ଘଟଣା ତ କେତେବେଳେ ସଡ଼କ ଦୁର୍ଘଟଣା ତ ପୁଣି କେତେବେଳେ ଚାଲିବା ଅବସ୍ଥାରେ ଅସୁସ୍ଥ ହୋଇ ଅନେକ ଲୋକ ପ୍ରାଣ ହରାଇଥିଲେ । ସେତେବେଳେ ସେମାନଙ୍କ ନିଯୁକ୍ତିଦାତା ଓ ଆମ ରାଜ୍ୟ ସରକାରମାନେ ସେମାନଙ୍କୁ ଅତ୍ୟାବଶ୍ୟକୀୟ ଜିନିଷ ଉପଲବ୍ଧ କରାଇବାର ଭରସା ଦେଇପାରିନଥିଲେ । ଏସବୁ ଘଟଣା ବା ଏଭଳି ସ୍ଥିତି କେବଳ ରାଜନୈତିକ ଅସଫଳତା ପାଇଁ ଘଟିନାହିଁ, ବରଂ ଏହାକୁ ଆମର ନୈତିକ ବିଫଳତା ବୋଲି କୁହାଯାଇପାରେ ।

୧୯୩୬ ମସିହାରେ ପ୍ରେମଚନ୍ଦ୍ର 'ଗୋଦାନ' ନାମକ ଏକ ଉପନ୍ୟାସ ଲେଖିଥିଲେ । ସେଥିରେ କୃଷକମାନେ ଶ୍ରମିକ ପାଲଟିଯାଇଥିବାର ଭୟାବହ କଥା ଉଲ୍ଲେଖ ରହିଛି । ଏବେ ଉଦାର-ଭୂମଣ୍ଡଳୀକରଣର ଅର୍ଥବ୍ୟବସ୍ଥା ଶ୍ରମିକମାନେ ଅତ୍ୟଧିକ ଭାବେ ଶୋଷିତ ହେଉଥିବା କଥାକୁ ସଂକେତ ଦେଉଛି ନିଶ୍ଚୟ । ଏହି ଅର୍ଥବ୍ୟବସ୍ଥାରେ ସବୁକଥାର ମୂଲ୍ୟାୟନ କେବଳ ଆର୍ଥିକ ଲାଭର ମାନଦଣ୍ଡ ଉପରେ କରାଯାଇଥାଏ । ନିଜର ଶ୍ରମଦାନ କରି ବହୁମୂଲ୍ୟ ପ୍ରାସାଦ, ଚିକିତ୍ସାଳୟ, ହୋଟେଲ, ସଡ଼କ, ପୋଲେ ଆଦି ନିର୍ମାଣ କରୁଥିବା ଶ୍ରମିକମାନେ ଉଦ୍ୟୋଗପତିମାନଙ୍କ ଧନଲିପ୍ସା ଏବଂ ଅସମ୍ବେଦନଶୀଳ ମାନସିକତା କାରଣରୁ ଅମାନବୀୟ ସ୍ଥିତିରେ ଜୀବନ ଯାପନ କରୁଛନ୍ତି । ଆମେ ଅନେକ ସମୟରେ ମହାତ୍ମା ଗାନ୍ଧୀଙ୍କ କଥାକୁ ଉଦ୍ଧୃତ କରିଥାଉ । ଗାନ୍ଧୀ କହିଥିଲେ ଯେ 'ଉଦ୍ୟୋଗପତିମାନେ ନଜକୁ ଟ୍ରଷ୍ଟି ଏବଂ ଗରିବଙ୍କୁ ସେବକ ବୋଲି ଭାବିବା ଉଚିତ', କିନ୍ତୁ ବ୍ୟବହାରରେ ଉଦ୍ୟୋଗପତି ଏବଂ ଶ୍ରମିକଙ୍କ ସଂପର୍କ ମାଲିକ ଏବଂ ଚାକର ଭଳି ଦେଖିବାକୁ ମିଳୁଛି ।

ଏକ ସର୍ବେକ୍ଷଣର ତଥ୍ୟ ଅନୁସାରେ ଭାରତର ସମୁଦାୟ ସମ୍ପତ୍ତିର ୫୮ ପ୍ରତିଶତ କିମ୍ୱା ତା'ଠାରୁ ଅଧିକ ଦେଶର ଏକ ପ୍ରତିଶତ ଧନୀକମାନଙ୍କ ପାଖରେ ରହିଛି । ଅନ୍ୟପକ୍ଷରେ ୨୧.୯ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ନିର୍ବାହ କରୁଛନ୍ତି । ଏହି ସଂଖ୍ୟା ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ତୀବ୍ର ବିଷମତାକୁ ଦର୍ଶାଇଥାଏ । ଦୁର୍ଭାଗ୍ୟ ଯେ ଏହି ବିଷମତା ପ୍ରତିବର୍ଷ ବଢ଼ିବାରେ ଲାଗିଛି । ଏଥିରୁ ବିକାଶର ଏଭଳି ବିରୋଧାଭାଷୀ ଚରିତ୍ର କଥା ସ୍ପଷ୍ଟ ଜଣାପଡ଼େ । ଆମ ଦେଶର ନୀତି ନିର୍ମାତାମାନେ ସମାଜର ଅନ୍ତିମ ସ୍ତରରେ ଥିବା ଲୋକଙ୍କର ବିକାଶ ପାଇଁ ଉଦ୍ୟମ କରୁନାହାନ୍ତି କାହିଁକି ? ସ୍ୱାମୀ ବିବେକାନନ୍ଦ ଏବଂ ମହାତ୍ମା ଗାନ୍ଧୀ ସମାଜର ଅନ୍ତିମ ସ୍ତରରେ ରହୁଥିବା ଲୋକଙ୍କୁ ଭାରତର ଆତ୍ମା ବୋଲି କହୁଥିଲେ । ୧୯୦୨ ମସିହାରେ ଏକ ସମାବେଶରେ ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ "କେହି ଗରିବ ଲୋକଙ୍କ କଥା ଚିନ୍ତା କରୁ ନାହାନ୍ତି । ଏମାନେ ହେଉଛନ୍ତି ଦେଶର ମେରୁଦଣ୍ଡ ଯେଉଁମାନେ ନିଜର ଶ୍ରମବଳରେ ଦେଶ ପାଇଁ ଖାଦ୍ୟାନ୍ନ ଉତ୍ପାଦନ କରିଥାନ୍ତି ଓ ଅନ୍ୟ ଶାରୀରିକ କାର୍ଯ୍ୟ କରିଥାନ୍ତି । ଏମାନେ ଯଦି ଦିନେ କାମ ବନ୍ଦ କରିଦେବେ ତା'ହେଲେ ଅନେକ ଅବ୍ୟବସ୍ଥା ସୃଷ୍ଟି ହେବ ।" ଏକଥା ସତ୍ୟ ଯେ ବିଷମତାକୁ ସରକାର ଆଖିପିଛୁଳାକେ ଦୂର କରିଦେବେ କିନ୍ତୁ ବିଷମତାକୁ ଦୂର କରିବା ପାଇଁ ଠୋସ୍ ତଥା ସଠିକ୍ ପଦକ୍ଷେପ ତ ନେଇପାରିବେ । ଦେଶର ଧନ କୁବେରମାନେ ଏ ଦିଗରେ ମଧ୍ୟ ପଦକ୍ଷେପ ନେବା ଉଚିତ।

ବିଷମତାର ବୀଭତ୍ସ ରୂପ କୋରୋନାର ଦ୍ୱିତୀୟ ଲହର ବେଳେ ଅଧିକ ଭାବେ ଦେଖାଯାଇଥିଲା । ଦ୍ୱିତୀୟ ଲହର ବେଳେ କେବଳ ଯେ ମଣିଷ ମରିଥିଲା ତା'ନୁହେଁ, ମନୁଷ୍ୟତା ମଧ୍ୟ ମରିଯାଇଥିଲା । ଧନୀ ଅଧିକ ଧନୀ ହୋଇଥିଲାବେଳେ ଗରିବ ଅଧିକ ଗରିବ ହୋଇଯାଇଥିଲା । ଦେଶରେ ଧନୀଙ୍କ ଆଗକୁ ବଢ଼ିବାର ସିଡି ପାଲଟି ଯାଇଛନ୍ତି ଗରିବ ଲୋକେ। ଗରିବ ଲୋକଙ୍କ ପ୍ରତି ସକାରାତ୍ମକ ମାନସିକତାର ଅଭାବ କାରଣରୁ ଅତିଶୟ ସମୃଦ୍ଧି ଓ ସଫଳତା ବ୍ୟକ୍ତିକୁ ଅନୈତିକ କରିଦେଇଥାଏ । ଜନୈକ ବିଦେଶୀ ଫଟୋଗ୍ରାଫର କେବିନ କାର୍ଟର ୧୯୯୩ ମସିହାରେ ଅକାଳଗ୍ରସ୍ତ ସୁଡାନ ଦେଶର ଏକ ଫଟୋ ଉଠାଇ ରାତାରାତି ବିଖ୍ୟାତ ପାଲଟି ଯାଇଥିଲେ । ଫଟୋଟି ଥିଲା ଏକ ଶାଗୁଣା ସମ୍ମୁଖରେ ଭୋକରେ ଆଉଟୁପାଉଟୁ ହୋଇ ଏକ ଛୋଟ ଝିଅଟିଏ ମୃତ୍ୟୁବରଣ କରୁଛି । ଏହି ଫଟୋକୁ ନେଇ ରାତାରାତି ଚର୍ଚ୍ଚିତ ହୋଇଥିବା କେବିନ କାର୍ଟରଙ୍କୁ ପୁଲିତଜର ପୁରସ୍କାର ମଧ୍ୟ ମିଳିଥିଲା । କିନ୍ତୁ ପୁରସ୍କାର ପାଇବାର କିଛସମାସ ପରେ କେବିନ କାର୍ଟର ଆତ୍ମହତ୍ୟା କରିଥିଲେ । ଆତ୍ମହତ୍ୟାର କାରଣ ସଂପର୍କରେ କାର୍ଟର ଲେଖିଥିଲେ ଯେ ସେ ଫଟୋ ଉଠାଇବା ପରିବର୍ତ୍ତେ ଝିଅଟିର ଜୀବନ ବଞ୍ଚାଇବା ଜରୁରୀ ଥିଲା । ଏଥିପାଇଁ ସେ ନିଜକୁ ଅପରାଧୀ ବୋଲି ଭାବି ଆତ୍ମହତ୍ୟା କରିଥିଲେ । ସମ୍ବିଧାନ ପ୍ରଣେତା ଭୀମାରାଓ ଆମ୍ବେଦକର କହିଥିଲେ ଯେ ଯେଉଁଠି ପରସ୍ପର ପ୍ରତି ସମ୍ମାନବୋଧ ଥାଏ ତାକୁ ନ୍ୟାୟପୂର୍ଣ୍ଣ ସମାଜ କୁହାଯିବ । କିଛି ଦାର୍ଶନିକ ଏବଂ ଧାର୍ମିକ ପ୍ରବୃତିର ଲୋକ ଗରିବ ଲୋକଙ୍କ ଦୁର୍ଦ୍ଦଶା ଏବଂ ସଂଘର୍ଷର ବ୍ୟାଖ୍ୟା ପୂର୍ବଜନ୍ମର କର୍ମ ସିଦ୍ଧାନ୍ତର ଆଧାରରେ କରିଥାନ୍ତି । କର୍ମ ସିଦ୍ଧାନ୍ତ ଏଭଳି ଏକ ଅବୁଝା କଥା ଯାହାର ତାର୍କିକ ବ୍ୟାଖ୍ୟା ବୋଧହୁଏ କାହାପାଖରେ ନାହିଁ । ତଥାପି କିଛିଲୋକ ଦାରିଦ୍ର୍ୟକୁ 'ଦୈବୀୟ ଅଭିଷାପ' ଓ ଧନକୁବେରଙ୍କୁ 'ପ୍ରତିଭାର ସମ୍ମାନ' ବୋଲି ମାନିଥାନ୍ତି । ଲୋକେ ଲାଲବାହାଦୂର ଶାସ୍ତ୍ରୀ, ଏପିଜେ କାଲାମ, ରାମ ମନୋହର ଲୋହିଆ, ନାନାଜି ଦେଶମୁଖଙ୍କ ଉଦାହରଣ ଦେଇଥାନ୍ତି । ଏମାନେ ନିଜ ସମ୍ପତ୍ତି ବୃଦ୍ଧି କରି ନଥିଲେ ବରଂ ଗରିବ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ଦାରିଦ୍ର୍ୟ ଏବଂ ଖାଦ୍ୟାଭାବ ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା । ଏହାକୁ ଅନୁଭବ କରିବାକୁ ହେବ ଓସମସ୍ୟାର ସମାଧାନର ପନ୍ଥା ବାହାର କରିବାକୁ ହେବ ।

+ ରାମଚନ୍ଦ୍ରପୁର, ରଣପୁର
(ମୋ) ୯୪୩୮୪୮୫୦୯୪



## ସର୍ତ୍ତ

### ପ୍ରଭାସିନୀ ନାହାକ

ଆଉ କେତେବେଳ ଯାଏ
ନିଜକୁ ଏମିତି ବହଲାଉ ଥିବି
ମୋ ଭିତରେ ଟାଲବୁଲ୍ କରୁଥିବା
ସାହିତ୍ୟି ମନସ୍କ
କଅଁଳ ଛୁଆଟା ଯେ ରାହାଧରି କାନ୍ଦୁଚି
ହେ ସ୍ୱାର୍ଥାନ୍ଧ ବେଦରଦୀ ମଣିଷମାନେ
କେହି କଣ ଶୁଣି ପାରୁ ନାହଁ
ଗୋଟେ ହାପିଲା ଝିଅର କିତି କିତି ସ୍ୱର ?
ମୁଁ କହି ସାରିଚି ମୋ କଥା
ତମେ ଜବେଇ ଛେଳିର ତଣ୍ଟିରେ
ଆଖିର ପାଣି ମିଶାଇ ବଢ଼ାଇ ଦିଅ
ଖାସି ମାଂସର ଓଜନ
ତମର ପ୍ରେମିକା ବୋଲି ଦାବି କରୁଥିବା
ଝିଅକୁ ବିକିନି ପିନ୍ଧାଇ ଛିଡ଼ା କରାଇଦିଅ
କ୍ୟାମେରା ସାମ୍ନାରେ
କେଉଁ ମିର୍‌ଚିକୁ ମଡେଲ କରିବାର
ମିଛ ପ୍ରତିଶ୍ରୁତି ଦେଇ
ବିଦେଶକୁ ଚାଲାଣ କରିଦିଅ
ଭଲ ବ୍ୟବସାୟ କର
ଯାହା ମୋ ଦେଇ ହେବନି
କେଉଁ ଜନ୍ମରେ ବି ।
ଶୁଣିରଖ, ତମେ ପଇସା
ରୁଣ୍ଡାଉଥିବା ହାତରେ
କେବେ କଲମ ଧରିପାରିବନି
ଲେଖିପାରିବନି 'ଈଶ୍ୱର'
ବୋଲି ଗୋଟିଏ ଶବ୍ଦ
ତମ ପଛପଟ ବୁଦୁକିଆ ଅଂଧାରରେ
ଲୁଚିଚି ଠେକୁଆ, ସୁଯୋଗ ପାଇଲେ
ଡିଆଁ ମାରିବ, ସାବଧାନ!!
ଠେକୁଆ ନୁହେଁ ସେ
ତମ ଭିତରର ରାକ୍ଷସ ।
(ତମେ ଅନିତୀର ସହରେ ରହି
ଅସତ୍ୟର ଜୟଗାନ କର
ତମେ ପାପି ସୌଦାଗର) ।
ନ ଥାଉ ପଛକେ
ମୋ ମୁଣ୍ଡ ଉପରେ ଚାଳ
ଦୁର୍ନୀତି ସହ ହାତ ମିଳାଇ
ଅନ୍ୟର ଶବ ଉପରେ ପାଦ ରଖି
ଉପରକୁ ଉଠିବାର ନିଶା
ମୋ ପାଇଁ ଅଛି
ଗୋଟାଏ ରାତିର ନିଦ ଏବଂ
ନିଦସାରା ଶାନ୍ତି ସ୍ୱପ୍ନ
ହେଲେ ତମେ କାହିଁ
ଐଶ୍ୱର୍ଯ୍ୟର ପାହାଡ଼ ଉପରେ
ଛିଡ଼ା ହୋଇ ବି
ଏତେ ଉଦ୍‌ବିଗ୍ନ, ଏତେ ଅସ୍ଥିର
ତମ ଅଟୋମେଟିକ୍ ପିସ୍ତଲର
ଟ୍ରିଗର ଦାବିଦେଇ
ସାରାରାତି ଶୋଇପାରନି,
ତମ ଛାତି ଧଡ଼ଧଡ଼
ନିର୍ବାସିତ ଦ୍ୱିପରୁ ଫେରିଲା ପରେ ବି
ନିଜ ଜାତକ ଉପରେ ଭରସା ରଖନି
ବିକଳ ହୁଅ ଗୋଟେ ରାତିର ନିଦ ପାଇଁ
ମୁଁ ତ ଭାରତ ମା'
ତମକୁ ଅନେକ ରାତିର ନିଦଦେଇପାରେ
ଦେଇପାରେ ଝାଉଁବଣର
ବାରୁଦ ବିହିନ ପବନ
ହସଙ୍କ ହାଟର ଠିକଣା
ନୀଳ ସାଗରର ସୁକୁମାର ସ୍ୱପ୍ନ
ମୋ ତ୍ରିରଙ୍ଗା ପତାକାରେ
ଗୋଟାମୁଠି ଝାଳନାଳରେ ସାଲୁବାଲୁ
ତମ ଦେହରୁ ଝାଡ଼ିଦେଇ ପାରେ
ଲୋଭର ଧୂଳି
ମୋ ମମତାର କ୍ଷମାର ପଣତରେ,
ହେଲେ ଗୋଟେ ସର୍ତ୍ତରେ
ତମେ ମତେ ଦେଇପାରିବ
ଆଫଗାନିସ୍ଥାନର ତାଲିବାନରୁ
ସବୁଯାକ ବଂଧୁକ, ର୍ୟାଡର
ଏବଂ ସମସ୍ତ ଅସ୍ତ୍ରଶସ୍ତ୍ର ?
କାବୁଲର ଆତଙ୍କବାଦୀଙ୍କ ଭୟରେ
ଗୋଟେ ନାଚାର ମା' ନିଜର ଶିଶୁପୁତ୍ରକୁ
ଅନ୍ୟ ଦେଶକୁ ଟେକିଦେବନି
କି ଶହ ଶହ ପରିବାର
ବେଘର ହେବନି,
କି ଉଡ଼ନ୍ତା ଉଡ଼ାଜାହାଜରୁ କେହି
ଖସି ପଡ଼ିବନି, କି କାବୁଲର କନ୍ୟା ଲୁଚି
ଲୁଚି ମୋବାଇଲରେ
ପ୍ରାଣଭିକ୍ଷା କରିବନି,
ପୀଡ଼ାରେ ଆତ୍ମହତ୍ୟା କରିବାର
ନିଷ୍ପତ୍ତି ନେବନି ।
ନିଜ ରାଷ୍ଟ୍ରଛାଡ଼ି ପଳେଇଥିବା ସମ୍ରାଟ
ପୁଣି ଫେରିବ ନିଜ ସାମ୍ରାଜ୍ୟକୁ
ସେଠାକାର ନିରିହ ଜନତା ପୁଣି
ଉଡ଼ିବେ, ବୁଲିବେ ନିର୍ଭୟରେ
ନଥିବ କିଛି ବାଧା, କଟକଣା
ଶାନ୍ତି-ପ୍ରିତୀ-ମୈତ୍ରୀର ମଧୁକଳିକା ଫୁଟୁ
ଏକଛତ୍ରବାଦ, ସନ୍ତ୍ରାସବାଦର
ବିନାଶ ଘଟୁ
ଆମେରୀକା ତା' ମିଶନ୍‌ରେ
ସଫଳ ହେଉ ।

+ ବଡ଼ରଂପାସ, କେନ୍ଦୁଝର
(ମୋ) ୮୪୫୬୪୯୭୭୯୬

## ଅନାମିକା ନାୟିକା

### ନିରଞ୍ଜନ ସାହୁ

ଅନାମିକା ନାୟିକାର ରୂପଛଟା
ପ୍ରଲୁବ୍ଧ କରଇ ଯେବେ
କାଗଜ କଲମ ସଂଯୋଗରେ ଭଲ
କବିତା ଉତୁରେ ତେବେ ।

ଭାବନା ରାଇଜେ ମନ ପକ୍ଷୀ ଯେବେ
ଡେଣା ଝାଡ଼ି ଉଡୁଥାଏ
କେତେକେତେ ଦେଶଦେଶାନ୍ତର ବୁଲି
ସ୍ୱସ୍ଥାନକୁ ଫେରିଯାଏ
କୋଟି ବ୍ରହ୍ମାଣ୍ଡର ସୁନ୍ଦରୀ ଯେତେକ
ମନ ନ ମାନନ୍ତି କେବେ ।

କଳ୍ପନା ଚକ୍ଷୁରେ ଅନାମିକା ପୁଣି
ଆନମନା କରେ ହସି
ଲବଙ୍ଗ ଦ୍ୱୀପର ଲାବଣ୍ୟବତୀକୁ
ଚନ୍ଦ୍ରଭାନୁ ଭାଳେ ବସି
ତା'ର ଠାଣି,
ବାଣୀ, ଚାହାଣି, କାହାଣୀ
କି ଉପମା କବି ଦେବେ ?

+ ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
(ମୋ) ୯୯୩୮୭୪୧୫୮୩

## ରାଧାପାଦ ଦର୍ଶନ

### ଲୀଳାବତୀ ପରିଡ଼ା



ବରଷକ ବାର ମାସ ଲୋ ସଜନୀ
ବରଷକ ବାର ମାସ,
ଚାରିଧର୍ମ ମାସ ଭିତରେ ସାର ଲୋ
ପବିତ୍ର କାର୍ତ୍ତିକ ମାସ ।

ଶୁକ୍ଳ ପକ୍ଷ ନବମୀ ତିଥୀରେ ପଡେ
ଅଁଳା ନବମୀ ଜାଣ,
ରାଧା ପାଦ ଦର୍ଶନରେ ଚିତ୍ତ ଧାୟୀ
ଥା'ନ୍ତି ସବୁ ଶୁଦ୍ଧି ଜନ ।

ସାକ୍ଷିଗୋପାଳର ଗୁପ୍ତ ବୃନ୍ଦାବନେ
ରାଧାରାଣୀ ବିଦ୍ୟମାନ,
ପ୍ରେମ ଆହ୍ଲାଦିନୀ ପ୍ରୀତି ପାଗଳିନୀ
ଦେଇଥାନ୍ତି ଦରଶନ।

ଗୋପ ଗୋପାଳୁଣୀ ଆଜି ରାଧାରାଣୀ
ଓଡ଼ିଆଣୀ ବ୍ୱେଶେ ସଜ୍ଜା,
ବରଷଟି ସାରା ଘୋଡ଼ା ହୋଇଥିବା
ପାଦ ଦୁଇ ମନ ହଜା ।

ଯେଉଁ ପଦ ଛୁଆଁ କରିଣ କିମିଆଁ
ହରିଥିଲା କୃଷ୍ଣ ବ୍ୟଥା,
ସେ ପଦ ଯୁଗଳ ଦର୍ଶନ କରିଣ
ଦୂରେଇବା ଭବ ବ୍ୟଥା ।

ଝୀନ ପାଟ ବସ୍ତ୍ର ସୁବର୍ଣ୍ଣ ସଜ୍ଜିତ
ମଥାରେ ଅଳକା ଶୋହେ,
ନାକେ ନାକ ଚଣା ଓଠ ମଧୁଝରା
ପ୍ରୀତି ମନ୍ଦାକିନୀ ବହେ ।

ନୂପୁର ବାଜେଣୀ ଘୁଙ୍ଗୁର ଘାଗୁଡି
ଝୁଣ୍ଟିଆ ଅଳତା ନାଇ,
କଟିରେ ମେଖଳା ସୁନା ସୁତା କେରା
କି ସୁନ୍ଦର ଦିଶେ ରାଇ ।

ପ୍ରେମିକ ପ୍ରବରେ କୃଷ୍ଣ ଦାମୋଦରେ
ଝୁରେ ରାଧାରାଣୀ ମନ,
ରାସ କରିଥାନ୍ତି ରସିକ ନାଗର
ଅପ୍ରାକୃତ ପ୍ରେମ ଧନ୍ୟ ।

+ କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
(ମୋ) ୯୮୬୧୯୪୫୬୨୬

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୩୫

ସାଧୁବାଦ ଧ୍ୱନିରେ ସଭାସ୍ଥଳୀ ଗୁଞ୍ଜରିତ ହୋଇ ଉଠୁଥିଲା । ସମସ୍ତେ ଚକିତ, ମୋ ମନରେ ବିସ୍ମୟର ପ୍ରଶ୍ନବାଚୀ । ସ୍ୱୟଂ ମାତୁଳ ଶକୁନି ଯାହାଙ୍କ ମୁହଁରେ ପୁଣି ପାଣ୍ଡବମାନଙ୍କର ପ୍ରଶଂସା । ଭିନ୍ନ କିଛି ରହସ୍ୟ ନାହିଁ ତ ଏଥିରେ । ଛଳନାର ଖୋଳପା ମଧ୍ୟରେ ଗାନ୍ଧାର ନରେଶ ଯେ ଚମତ୍କାର ଅଭିନୟ କରିପାରନ୍ତି ସେ କଥା ଅନ୍ୟ କେହି ଅନୁଭବ କରିଛନ୍ତି କି ନାହିଁ ମୁଁ ଜାଣେନା । ମୁଁ କିନ୍ତୁ ଠିକ୍ ଜାଣେ, ଶକୁନିମାମୁଙ୍କ କଥାରେ ବିଷ କେତେ, ମଧୁ କେତେ । ସେ ତାଙ୍କର ଚିରାଚରିତ ଢଙ୍ଗରେ କହିଲେ, ପାଣ୍ଡବମାନଙ୍କର ବାଲ୍ୟକାଳ କଟିଛି ଅରଣ୍ୟରେ । ଗିରିରାଜ ହିମାଳୟ ଅଞ୍ଚଳର ଶତଶୃଙ୍ଗ ପର୍ବତରେ ସେମାନଙ୍କ ଜନ୍ମ, ଅରଣ୍ୟଯାତ୍ରା ତାଙ୍କ ପାଇଁ ନୂତନ ନୁହେଁ । ତେଣୁ ପାଣ୍ଡବ ମାନଙ୍କୁ ଖାଣ୍ଡବପ୍ରସ୍ଥ ଦିଆଯାଉ । କେହି କିଛି କହିବା ପୂର୍ବରୁ ପ୍ରସ୍ତାବଟି ସମର୍ଥନ ମିଳିଲା ପ୍ରଥମେ ଦୁର୍ଯ୍ୟୋଧନଙ୍କ ଠାରୁ । ମୋତେ ଯେମିତି ଲାଗୁଥିଲା ଏହା ନିଶ୍ଚିତ କିଛି ପୂର୍ବକଳ୍ପିତ ଯୋଜନା, ଯାହାକୁ ସଫଳ କରିବାରେ ଉଭୟ ଥିଲେ ଚେଷ୍ଟିତ । ଏସବୁ ଯୋଜନା ମୋ ନିକଟରେ ଥିଲା ଅଜ୍ଞାତ । ତେବେ ଏଭଳି କୁଚକ୍ରାନ୍ତକୁ ସମସ୍ତେ ଯେ ସ୍ୱୀକାର କରିନେବେ ଏ ନେଇ ମୁଁ ମଧ୍ୟ ସନ୍ଦିହାନ ଥିଲି ।

ପାଣ୍ଡୁ ହିଁ ଥିଲେ ହସ୍ତିନାପୁରର ପ୍ରକୃତ ରାଜା । ତାଙ୍କ ଦେହାନ୍ତ ପରେ ଅନୁକମ୍ପା ବଶତଃ ଧୃତରାଷ୍ଟ୍ରଙ୍କୁ ମିଳିଥିଲା ହସ୍ତିନା ସିଂହାସନ । ତା ବୋଲି ପାଣ୍ଡୁପୁତ୍ର ମାନେ ସେମାନଙ୍କ ପୈତୃକ ସମ୍ପତ୍ତିରୁ ବଞ୍ଚିତ ହୋଇ ଦୀନହୀନ ଜୀବନ ବିତାଇବେ ଆଉ ସମଗ୍ର ହସ୍ତିନାପୁର ସାମ୍ରାଜ୍ୟ ରହିବ କୌରବମାନଙ୍କ ହାତରେ । ଏହାପୁଣି କିଭଳି ନ୍ୟାୟ ? ମୁଁ କିନ୍ତୁ ନାଚାର । ଯଦି ନ୍ୟାୟ ସପକ୍ଷରେ କହିବି, ତେବେ ହେବି ମିତ୍ରଦ୍ରୋହୀ ।

ହାୟରେ ହତଭାଗା କର୍ଣ୍ଣ । ନିଜର ଇଚ୍ଛା ଅନିଚ୍ଛା ବି ବ୍ୟକ୍ତ କରିବାର ସ୍ୱାଧୀନତା ନାହିଁ । ଦୁର୍ଯ୍ୟୋଧନଙ୍କ ଠାରେ ମୁଁ ନିଜେ ବିକ୍ରି ହୋଇଯାଇଛି । ଅନ୍ୟାୟ ପକ୍ଷରେ ମୋ ଜୀବନ ବନ୍ଧା ପଡ଼ିଛି । ଭିତରେ ଭିତରେ ଯେତେ ଛଟପଟ ହେଲେ କ'ଣ ହେବ, ମୋର କିନ୍ତୁ କିଛି କହିବାର କି କରିବାର ଅଧିକାର ନାହିଁ । ଶକ୍ତି ଥାଇ ବି ମୁଁ ଶକ୍ତିଶୂନ୍ୟ, ବିବେକ ଥାଇ ମଧ୍ୟ ବିବେକଶୂନ୍ୟ । ସବୁ ଯେମିତି ମୋ ଠାରୁ କାଢ଼ି ନିଆଯାଇଛି । ମୁଁ କର୍ଣ୍ଣ ନୁହେଁ କି ରାଧେୟ ନୁହେଁ । ଦୁର୍ଯ୍ୟୋଧନଙ୍କ ସାମ୍ରାଜ୍ୟର ମନ୍ଦିର ସମ୍ମୁଖରେ ବଳି ପାଇଁ ପ୍ରତୀକ୍ଷାରେ ଥିବା ପଶୁଟିଏ ଯେମିତି । ମୋ ଅନ୍ତର୍ବେଦନା ବୁଝିବାକୁ କେହି ନାହାଁନ୍ତି । ମୋ ଛାତି ଯେମିତି ଯନ୍ତ୍ରଣାରେ ଖିନ୍‌ଭିନ୍ ହୋଇ ଯାଉଥିଲା । ମନ କହୁଥିଲା ପାଣ୍ଡବମାନେ ପ୍ରତିବାଦ କରନ୍ତୁ । ଖାଣ୍ଡବପ୍ରସ୍ଥ ନେବା ପ୍ରସ୍ତାବକୁ ବିରୋଧ କରନ୍ତ । ସେମାନଙ୍କର ମଧ୍ୟ ହକ୍ ଅଛି । ଅଧିକାର ଅଛି । ସେମାନେ କାହିଁକି କାହାରି ଦୟାର ପାତ୍ର ହୋଇ ବଞ୍ଚି ରହିବେ ।

କ୍ଷଣିକ ମଧ୍ୟରେ ମୋ ଚିନ୍ତାଧାରା ସବୁ ଓଲଟ ପାଲଟ ହୋଇଗଲା । ଧନ୍ୟ କହିବି ସେଇ ଯୁଧିଷ୍ଠିରଙ୍କୁ । କେଉଁ ବିଧାତା ତାଙ୍କୁ କେଉଁ ଉପାଦାନରେ ଗଢ଼ିଥିଲା କେଜାଣି, ସବୁକିଛି ମୁଣ୍ଡପାତି ମାନିନେବାକୁ ସେ ପ୍ରସ୍ତୁତ । ନିଜ ଆସନରୁ ଠିଆହୋଇ ନମ୍ର କଣ୍ଠରେ ସେ କହିଲେ, ଆମର ପିତା ନାହାଁନ୍ତି । ମହାରାଜ ଆମର ଜ୍ୟେଷ୍ଠପିତା । ସେ ଆମକୁ ଯାହା ଦେବେ, ଯାହା ଆଦେଶ କରିବେ ଆମେ ପାଞ୍ଚଭାଇ ତାକୁ ହସିହସି ଗ୍ରହଣ କରିବୁ ।

ଉପସ୍ଥିତ ସଜନ୍ୟ ମଣ୍ଡଳୀ ମୁହଁରେ ବିସ୍ମୟର ଚିହ୍ନ । ପରସ୍ପର ପରସ୍ପରକୁ କେବଳ ଅନାଇ ରହିଥାନ୍ତି । ଯୁଧିଷ୍ଠିରଙ୍କ ଏ ମହାନ ତ୍ୟାଗ ସତରେ ବିରଳ । ଅନ୍ୟଭାଇମାନେ ବୋଧହୁଏ କିଛି ପ୍ରତିବାଦ କରିବାକୁ ଚାହୁଁଛନ୍ତି । ହେଲେ, ବଡ଼ଭାଇଙ୍କ ଭୟରେ ନିରବରେ ବସି ରହିଛନ୍ତି ।

ଏଥର ଉଠିଲେ ଦ୍ରୋଣାଚାର୍ଯ୍ୟ । ପୁତ୍ର ସ୍ନେହରେ ଅନ୍ଧ ମହାରାଜଙ୍କ ବିଚାରଧାରା ଯେ ଅନ୍ଧ ଏକଥା ବୁଝିବାକୁ ତାଙ୍କୁ ବେଶି ସମୟ ଲାଗିଲାନି । ଖାଣ୍ଡବପ୍ରସ୍ଥ ଘନ ଅରଣ୍ୟରେ ପରିପୂର୍ଣ୍ଣ, ଜନବସତି ଶୂନ୍ୟ, ଟାଙ୍ଗର ଭୂଇଁ । ଏହା ପାଣ୍ଡବମାନଙ୍କୁ ଦାନ କରିବା କେବଳ ଅନ୍ୟାୟ ନୁହେଁ ଘୋର ଅନ୍ୟାୟ । ଏଭଳି ଅବିଚାର ଘଟିବା ପୂର୍ବରୁ ଅନ୍ତତଃ ପକ୍ଷେ ଥରୁଟିଏ ଚିନ୍ତା କରିବା ସମସ୍ତଙ୍କ ପକ୍ଷରେ ଉଚିତ । ତାଛଡ଼ା ଏଟା ରାଜସଭା । ମହାରାଜ ଯେତେବେଳେ ସମସ୍ତଙ୍କୁ ଡକାଇଛନ୍ତି, ସମସ୍ତଙ୍କ ମତାମତ ମାଗିଛନ୍ତି । ସେ କ୍ଷେତ୍ରରେ ସମସ୍ତେ ଯଦି ନିରବ ରହିଯିବେ ତେବେ ତ 'ମୌନେ ସମ୍ମତି ଲକ୍ଷଣ' ସଦୃଶ ପ୍ରସ୍ତାବଟି ଗୃହୀତ ହୋଇଯିବ । ତେଣୁ ସେ ଯୁଧିଷ୍ଠିରଙ୍କୁ ପ୍ରସ୍ତାବ ବିଷୟରେ ଆଉଥରେ ଚିନ୍ତା କରିବାକୁ ସମୟ ଦେଲେ । ଏହା ମଧ୍ୟ ଚେତାଇ ଦେଇ କହିଲେ, ଥରେ ଭାବି ଦେଖ ଯୁଧିଷ୍ଠିର । ଖାଣ୍ଡବପ୍ରସ୍ଥ ଘନ ଅରଣ୍ୟରେ ପରିପୂର୍ଣ୍ଣ । ସେଠାକାର ମୃତ୍ତିକା ମଧ୍ୟ ଅନୁର୍ବର, ଜନବସତି ଶୂନ୍ୟ । ଟାଙ୍ଗର ଭୂଇଁ । ସେଠାରେ ତୁମର ପ୍ରଜା ହୋଇ କିଏ ରହିବ ? କେଉଁମାନଙ୍କୁ ନେଇ ତୁମେ ରାଜ୍ୟଶାସନ କରିବ ? ଏଭଳି ଅନ୍ୟାୟ ପ୍ରସ୍ତାବକୁ ମାନିନିଅ ନାହିଁ ପୁତ୍ର ଯୁଧିଷ୍ଠିର । ତୁମେ ପାଣ୍ଡବ ମାନଙ୍କର ଜ୍ୟେଷ୍ଠଭାଇ । ତୁମ ଉପରେ କିଛି କହିବାର ସାହସ ସେମାନଙ୍କର ନାହିଁ । ତେବେବି ଥରୁଟିଏ ଭାଇମାନଙ୍କୁ ପଚାର । ଏଭଳି ପ୍ରସ୍ତାବରେ ସେମାନଙ୍କ ସମ୍ମତି ରହିଛି କି ନାହିଁ ।

ଯୁଧିଷ୍ଠିର କିନ୍ତୁ ପୂର୍ବବତ୍ ନିଶ୍ଚଳ । ତାଙ୍କ ମନରେ କୌଣସି ଭାବାନ୍ତର ନାହିଁ । ବରଂ ବହୁ ବିନମ୍ରତାର ସହ କହିଲେ, ଜ୍ୟେଷ୍ଠପିତା ଆମର ଶୁଭାକାଂକ୍ଷୀ ତାଙ୍କ ବିଚାରରେ ଯଦି ଖାଣ୍ଡବପ୍ରସ୍ଥ ଆମ ପାଇଁ ଉପଯୁକ୍ତ । ତେବେ ସେଇ ଭୂମି ହିଁ ହେବ ଆମ ପାଇଁ ସ୍ୱର୍ଗ । କାରଣ ମୋ ଦୃଷ୍ଟିରେ ସବୁ ଭୂମି ସମାନ । ଯଦି ଭାଗ୍ୟରେ ଥାଏ ସେହି ଅପନ୍ତରା ଭୂମିରେ ମଧ୍ୟ ଆମେ ସୁନା ଫଳାଇ ପାରିବୁ । ଆପଣ ସେଥିପାଇଁ ଚିନ୍ତା କରନ୍ତୁ ନାହିଁ ଗୁରୁଦେବ । ଜ୍ୟେଷ୍ଠପିତା ଆମ ପିତାଙ୍କ ଠାରୁ ଶ୍ରେଷ୍ଠ । ଆମର ଶୁଭାକାଂକ୍ଷୀ । ସେ ଯାହା ଦେବେ, ତାହାକୁ ଗ୍ରହଣ କରିବାରେ ଆପତ୍ତି କରିବା ମୋପାଇଁ ଅଧର୍ମ । ବରଂ ସେ ଯାହା ସ୍ୱଇଚ୍ଛାରେ ଦେବେ, ତାକୁ ଗ୍ରହଣ କରିବା ମୋର ଧର୍ମ । ମୁଁ ତ କେବଳ ମୋର ଧର୍ମ ପାଳନ କରୁଛି । ଜ୍ୟେଷ୍ଠ ପିତାଙ୍କର ଆଶୀର୍ବାଦ ଓ ଶୁଭକାମନାକୁ ପାଥେୟ କରି ମୁଁ ସେ ଭୂମିରେ ବେଶ ଚଳିଯାଇ ପାରିବି । ତା'ଛଡ଼ା ଅନୁଜ ଦୁର୍ଯ୍ୟୋଧନ ମଧ୍ୟ ଏ ପ୍ରସ୍ତାବରେ ରାଜି ଅଛନ୍ତି । ତେଣୁ ଏ ବିଷୟରେ ଅଧିକ ତର୍ଜମାର ଆବଶ୍ୟକ ନାହିଁ ।

ଏଥର ଦ୍ରୋଣାଚାର୍ଯ୍ୟ ନିଜକୁ ସମ୍ଭାଳି ପାରିଲେ ନାହିଁ । ଉଭୟ କୌରବ, ପାଣ୍ଡବଙ୍କ ସେ କୁଳଗୁରୁ । ପିଲାଟି ଦିନରୁ ସେମାନଙ୍କୁ ସେ ଜାଣିଛନ୍ତି । ପାଣ୍ଡବମାନଙ୍କ ଧାର୍ମିକ ଗୁଣ ଓ ଦୁର୍ଯ୍ୟୋଧନଙ୍କ ଖଳ ପ୍ରକୃତି ସହ ସେ ବେଶ୍ ପରିଚିତ । ତେଣୁ ନିଜ ଶିଷ୍ୟମାନଙ୍କୁ ସେ ସମଦୃଷ୍ଟିରେ ଦେଖିବାକୁ ଯାଇ ଏଭଳି ଅନ୍ୟାୟ ପ୍ରସ୍ତାବର ପ୍ରତିବାଦ କରି ସେ ତ କିଛି ଭୁଲ୍‌କରି ନାହାଁନ୍ତି । ତାଙ୍କର ମଧ୍ୟ ଆଶା ଥିଲା, ଅନ୍ୟମାନେ ମଧ୍ୟ ତାଙ୍କପରି ଏ ଅନ୍ୟାୟର ପ୍ରତିବାଦ କରିବେ । କିନ୍ତୁ ମହାରାଜଙ୍କ ସମେତ ପ୍ରତ୍ୟେକେ ଏଠାରେ କେବଳ ନିରବଦ୍ରଷ୍ଟା ମାତ୍ର ।

ଦୁର୍ଯ୍ୟୋଧନଙ୍କ ବିଦ୍ରୂପାତ୍ମକ ଭାଷା ସଭାରେ ଗୁଞ୍ଜରିତ ହେଉଥିଲା । ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ତାଙ୍କର ବକ୍ତବ୍ୟ ଥିଲା ଏହିପରି ।

ଆପଣ କ'ଣ ପାଣ୍ଡବମାନଙ୍କର ଖୋସାମଦିଆ ଗୁରୁ । ନହେଲେ ମହାରାଜା ନିଜେ ଯେଉଁଠି ସ୍ୱର ଉତ୍ତୋଳନ କରୁନାହାଁନ୍ତି ସେଠି ଆପଣଙ୍କ ମୁହଁରେ ଏଭଳି ପ୍ରତିବାଦର ସ୍ୱର କାହିଁକି ?

କ୍ରୋଧିତ ହୋଇ ଉଠିଥିଲେ ପିତାମହ । ଗୁରୁଜନମାନଙ୍କ ସହ କିଭଳି ବ୍ୟବହାର କରାଯାଏ ଶିଖ ଦୁର୍ଯ୍ୟୋଧନ । ଆଚାର୍ଯ୍ୟ ଦ୍ରୋଣ ତୁମର ଗୁରୁଦେବ । ତାଙ୍କ ପ୍ରତି ଆକ୍ଷେପ ଆମ ସମସ୍ତଙ୍କ ପ୍ରତି ଅପମାନ । ସାଧାରଣ ସୌଜନ୍ୟତାରୁ ତୁମେ ଓହରି ଯାଉଛ ।

ନିରବରେ ମୁଁ ସବୁ ଶୁଣି ଯାଉଥିଲି । ହେଲେ ଭିତରେ ଭିତରେ ବିଦ୍ରୋହର ନିଆଁରେ ମୁଁ ଜଳୁଥିଲି । ଦୁର୍ଯ୍ୟୋଧନର ଔଦ୍ଧତାକୁ ମୁଁ ଆଦୌ ସମର୍ଥନ କରି ପାରୁ ନଥିଲି । ଭାବୁଥିଲି ଅନ୍ୟ ପାଣ୍ଡବମାନେ ନିଶ୍ଚୟ କିଛି ଉତ୍ତର ରଖିବେ । ହେଲେ ସମସ୍ତେ ଯେ ଜ୍ୟେଷ୍ଠ ପାଣ୍ଡବଙ୍କର ବଶମ୍ବଦ ।

ସବୁ ନିରବତା ମଧ୍ୟରେ କୁରୁ ପାଣ୍ଡବମାନଙ୍କ ମଧ୍ୟରେ ରାଜ୍ୟବଣ୍ଟା ସମାଧାନ ହୋଇଗଲା । ଯୁଧିଷ୍ଠିର ଯେଉଁଠି ଖାଣ୍ଡବପ୍ରସ୍ଥ ନେବାପାଇଁ କିଛି ପ୍ରତିବାଦ କରୁନାହାଁନ୍ତି । ସେପରିସ୍ଥଳେ ଅନ୍ୟମାନେ କାହିଁକି ତର୍କବିତର୍କ କରି କଥା ବଢ଼ାଇବେ । ତେଣୁ ଖୁବ୍ ସହଜରେ ଭାଗ ହୋଇଗଲା ରାଜ୍ୟ । ଭାଗ ହୋଇଗଲା ମନ ଓ ହୃଦୟ । ଉଭୟ ନିଜନିଜର ଅଂଶ ପାଇଁ ଏବେ ନିଜ ରାଜ୍ୟରେ ପ୍ରତିଷ୍ଠା କରିବେ ସାମ୍ରାଜ୍ୟ ।



ସରିଗଲା ସଭାପର୍ବ । କୌରବ ପାଣ୍ଡବ ମଧ୍ୟରେ ସରିଗଲା ରାଜ୍ୟଭାଗ । ହସ୍ତିନାପୁର ଓ ଖାଣ୍ଡବପ୍ରସ୍ଥ । ଗାନ୍ଧାର ନରେଶଙ୍କ ମନରେ ଅପୂର୍ବ ଉଲ୍ଲାସ । ସତରେ ଯେମିତି ରାଜ୍ୟଭାଗ ହେଲାନି ଯେ, ଶକୁନି ମାମୁଙ୍କର ଅଖଣ୍ଡ ବିଜୟ ହେଲା । ନିଜ ଭଣଜାଙ୍କ ପାଇଁ ଏକବଡ଼ ଉନ୍ନତ ସାମ୍ରାଜ୍ୟ ସୁରକ୍ଷିତ ରଖି ପାରିଛନ୍ତି ବୋଲି ଆନନ୍ଦରେ ସେ ମତ୍ତ । ମୋତେ କିନ୍ତୁ ଏସବୁ ଘଟଣା ଗୁଡ଼ିକ ଆଦୌ ଭଲ ଲାଗୁନଥିଲା । ମୋ ପାଇଁ ଯାହାଥିଲା ଏକ ସାମାନ୍ୟ ଘଟଣା ନୁହେଁ, ଦୁର୍ଘଟଣା । ମୋ ଭିତରୁ କେହି ଯେମିତି ଚେତାଇ ଦେଇ କହୁଥିଲା, ତୁ କର୍ଣ୍ଣ ନା, ସବୁ ଦେଖି ବି ଅନ୍ୟାୟକୁ ସମର୍ଥନ କଲୁ । ନିରବରେ ସବୁ ଦେଖିଲୁ । ତୋ ଦେହର ବଳ, ଶକ୍ତି, ତେଜ କ'ଣ ଏସବୁ ସହିଗଲା ।

ନିଜକୁ ମୁଁ କ୍ଷମା କରିପାରୁ ନଥିଲି । ଧିକ୍କାର କଲି । ମୋ ଭଳି ହତଭାଗାର ଏ ଦୁନିଆରେ ବଞ୍ଚିରହି ଲାଭ କ'ଣ ? ଏହାଠାରୁ ବଳି ମୃତ୍ୟୁ ହିଁ ମୋ ପାଇଁ ଶ୍ରେୟ । ମିତ୍ରଦ୍ରୋହର କଳଙ୍କ ଛିଟା ଦେହରେ ଲଗାଇବାକୁ ଦେବିନାହିଁ ବୋଲି ସିନା ମୁଁ ଆଜି ପାଲଟି ଯାଇଛି ମୂକ, ଜଡ଼ । ନହେଲେ ମୋ ମନର ଅନ୍ତର୍ବେଦନା, ନିରବ ପ୍ରତିବାଦର ସ୍ୱର କେହି କଣ କେବେ ଜାଣିବାକୁ ଚେଷ୍ଟା କରିଛନ୍ତି । ହତଭାଗା କର୍ଣ୍ଣର ଭାଗ୍ୟରେ ଚିରଦିନ କେବଳ ଦୁର୍ଭାଗ୍ୟ ଲେଖାଅଛି । ଆଜୀବନ ମୋତେ କେବଳ ହତାଶା ମଧ୍ୟରେ ଜଳିବାକୁ ପଡ଼ିବ । ନିଜସ୍ୱ ଇଚ୍ଛା, ଆକାଂକ୍ଷାକୁ ଜଳାଞ୍ଜଳି ଦେବାକୁ ପଡ଼ିବ ।

ସଭା ଭଂଗ ହୋଇଗଲା ପରେ ଯିଏ ଯୁଆଡ଼େ ଚାଲିଗଲେ । ମୋତେ ମଧ୍ୟ ଭାରାକ୍ରାନ୍ତ ମନ ନେଇ ନିଜ ଭବନକୁ ଫେରିବାକୁ ପଡ଼ିଲା, ରାତିସାରା ସେଦିନ ଭଲରେ ଶୋଇପାରି ନଥିଲି ।

– ତେତିଶ –

ଭାଗଭାଗ ହୋଇଗଲା ରାଜ୍ୟ । ଏ ଭାଗକୁ ନେଇ କାହା ମନରେ କେମିତି ଆଶା ଉଙ୍କି ମାରିଥିଲା ସେ ତ ଭିନ୍ନ କଥା । ହେଲେ ରାଜ୍ୟଭାଗ ଅନେକଙ୍କୁ ସନ୍ତୁଷ୍ଟ କରିପାରି ନଥିଲା । ସେମାନଙ୍କ ମଧ୍ୟରେ ଥିଲେ ପାଣ୍ଡବ ମାନଙ୍କର ହିତାକାଂକ୍ଷୀ ବିଦୁରକାକା । ଲାକ୍ଷାଗୃହର ଦହନ ପରଠାରୁ ସେ ଚାହିଁଥିଲେ ଦୁହିଁଙ୍କ ମଧ୍ୟରେ ବ୍ୟବଧାନ ବଢ଼ୁ । ପରସ୍ପର ପରସ୍ପର ଠାରୁ ଦୂରେଇ ରହନ୍ତୁ । ପିତୃରାଜ୍ୟ ଉପରେ ଉଭୟଙ୍କ ସମାନ ଅଧିକାର ରହିଛି । ସେ ଦୃଷ୍ଟିରୁ ରାଜ୍ୟଭାଗର ଆବଶ୍ୟକତା ନିଶ୍ଚିତ ରହିଛି । ତେବେ ଏଭଳି ଅନ୍ୟାୟ ଭାଗବଣ୍ଟନକୁ ମହାମନ୍ତ୍ରୀ ବିଦୁର ଆଦୌ ସମର୍ଥନ କରିପାରୁ ନଥିଲେ । ଖାଣ୍ଡବପ୍ରସ୍ଥ ଭଳି ଏକ ଅନୁର୍ବର ଟାଙ୍ଗରଭୂଇଁ ପାଣ୍ଡବମାନଙ୍କୁ ଦେଇ ମହାରାଜ ନିଜ ପୁତ୍ରମାନଙ୍କୁ ହସ୍ତିନାପୁର ଦେଇଦେବା ନିଷ୍ପତ୍ତିକୁ ସେ ସମର୍ଥନ କରିପାରୁ ନଥିଲେ କି, ବିରୋଧ ମଧ୍ୟ କରିବାର ସାହସ ପାଉ ନଥିଲେ । କେମିତି କରିଥାନ୍ତେ । ସ୍ୱୟଂ ଧର୍ମର ରକ୍ଷକ ଯୁଧିଷ୍ଠିର ଯେତେବେଳେ ଖାଣ୍ଡବପ୍ରସ୍ଥକୁ ସ୍ୱୀକାର କରି ନେଇଛନ୍ତି ସେଠି ଦ୍ୱିତୀୟଥର ରାଜ୍ୟଭାଗ ପ୍ରସଂଗ ଉଠାଇବାର ଆବଶ୍ୟକତା ନାହିଁ । ତେବେ, ନିଜ ମନର କ୍ଷୋଭକୁ ସେ ପିତାମହଙ୍କ ନିକଟରେ ପ୍ରକାଶ କରି ତାଙ୍କଠାରୁ ପରାମର୍ଶ ଲୋଡ଼ିଥିଲେ ।

ଦୁଷ୍ଟମତି ଦୁର୍ଯ୍ୟୋଧନ ହସ୍ତିନାପୁର ସାମ୍ରାଜ୍ୟ ନିଜ ସପକ୍ଷରେ ପାଇ ପାଣ୍ଡବମାନଙ୍କୁ ଯେତେଶୀଘ୍ର ସମ୍ଭବ ଖାଣ୍ଡବପ୍ରସ୍ଥକୁ ପଠାଇଦେବା ନିମନ୍ତେ ବ୍ୟଗ୍ର । କେବଳ ସେତିକି ନୁହେଁ, ପାଣ୍ଡବମାନଙ୍କୁ ଭଲପାଉଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ହସ୍ତିନାପୁରୁ ତଡ଼ିଦେବା ନିମନ୍ତେ ଆଗ୍ରହୀ । ପ୍ରତ୍ୟକ୍ଷରେ କାହାରି ନାମ ସେ ଉଚ୍ଚାରଣ କରୁ ନଥିଲେ ମଧ୍ୟ ବୁଝିପାରୁଥିବା ବ୍ୟକ୍ତି ଠିକ୍ ବୁଝିପାରିଥିଲେ ଦୁର୍ଯ୍ୟୋଧନଙ୍କ ଉଦ୍ଦେଶ୍ୟ । ଆଉ ବିଦୁରକକା ଯେ ଏହି ତାଲିକାରେ ପ୍ରଥମ ବ୍ୟକ୍ତି ଏକଥା ସମସ୍ତଙ୍କୁ ଜଣା । ତାଙ୍କର କିନ୍ତୁ ହସ୍ତିନାପୁର ଛାଡ଼ିଯିବାର ଆଦୌ ଇଚ୍ଛା ନାହିଁ । କୌରବମାନଙ୍କ ଠାରୁ ଦୂରକୁ ଚାଲିଗଲେ ଗୁପ୍ତ ଷଡ଼ଯନ୍ତ୍ର ମାନଙ୍କର ଖବର ପାଇବା କଷ୍ଟକର ହେବ । ସେ ଦୃଷ୍ଟିରୁ ଏଇ ହସ୍ତିନାପୁରରେ ପାଣ୍ଡବମାନଙ୍କର ହିତୈଷୀ ହୋଇ ସେ ରହିବେ । ଅନ୍ୟପଟେ ମହାରାଜଙ୍କ ସବୁ ଅନ୍ୟାୟର ପ୍ରତିବାଦ କରି ମହାମନ୍ତ୍ରୀ ହିସାବରେ ସେ ହିଁ ତାଙ୍କୁ ପରାମର୍ଶ ଦେଇଥାନ୍ତି । ଏସବୁ ବିଷୟ ନେଇ ପିତାମହଙ୍କ ସହ ପରାମର୍ଶ କରି ବିଦୁରକକା ରହିଗଲେ ହସ୍ତିନାପୁରରେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଆଜିର କବିତା

### ଯନ୍ତ୍ରଣା ଓ ବିବଶତା...

**ଅନସୂୟା ପଣ୍ଡା**



ମୁଁ ଆଉ ମୋ ଯନ୍ତ୍ରଣା ଯେବେ କଥା ହେଉ
ଏକା ଏକା ବସି ସେ କହେ
ମୁଁ ତୋର ଖୁବ ଆପଣାର, ଆଉ ସବୁ ପର
ମୁଁ ତୋ ଜୀବନର ସବୁଜିମା ନୁହେଁ ଭିନ୍ନ ଏକ ସ୍ୱର ।
ତୁ ଆପଣେଇନେ କୁନ୍ତୀପରି ଜିଇଁବାର ପରିଭାଷା
କୃଷ୍ଣ ପରି ସଖା, ରାଧା ପରି ପ୍ରେମିକା ଆଉ କର୍ଣ୍ଣର ମିତ୍ରତା
ସବୁ କେବଳ ବିବଶତାର ନାଁ ଦେଇ ଖେଳୁ ଥିଲେ ଖେଳ ।
ତୁ ଥରେ ଆପଣେଇନେ ଯନ୍ତ୍ରଣାକୁ ଇଏ ଜୀବନର ବାସ୍ତବତା
ଯନ୍ତ୍ରଣାର ଅନଳରେ ପୋଡିହେଲା ପରେ ବିବଶତାର ଦ୍ୱାହିଦେଇ
ନିଜକୁ ନିର୍ଦ୍ଦୋଷ ବୋଲି ଚିତ୍ରଣ କରିବାକୁ ଆଶା ବାଡିଟେ ହାତାନ୍ତି ସମସ୍ତେ
ସମବେଦନା ସାଉଁଟିବା ପାଇଁ ......।
ମୁଁ ଆଉ ମୋ ବିବଶତା ଯେବେ କଥା ହଉ
ନିର୍ଜନରେ ବସି, ସେ କହେ ତୁ ବିବଶ ନୁହେଁ ଡରୁଆଟ ।
ସେଇଥି ପାଇଁ ମୋ ନାଁ ନେଇ ସବୁଥିରେ ଦେଉଛୁ ସଫେଇ
ଏଠି କେହି ବିବଶ ନୁହେଁ
କିଏ ସ୍ୱାର୍ଥରେ ତ, କିଏ ସ୍ୱାଭିମାନରେ
ଆଉ କିଏ ନିଜକୁ ବଡ କରିବାର ପ୍ରୟାସରେ
ବିବଶତାର ଦ୍ୱାହି ଦେଇ ଦିଏ କୁନ୍ତୀ କହେ
ବିବଶତାରେ ମୁଁ କର୍ଣ୍ଣକୁ ଭସେଇ ଦେଲି
ସତ କିନ୍ତୁ ସମାଜର ଡର ଥିଲା, ସ୍ୱାଭିମାନର ମାଧୁର୍ଯ୍ୟ ଥିଲା
ଅସରନ୍ତି ରାଜକୀୟ ସ୍ୱପ୍ନର ଲାଳସ । ଥିଲା
ସେଥିପାଇଁ ସନ୍ତାନକୁ ନଦୀ ସୁଅରେ ଭସେଇଦେଲା
ଭୀଷ୍ମବି ବିବଶ ନଥିଲେ, ପାଣ୍ଡବ ବିଜୟପାଇଁ
ଜାତିସ୍ମର ଶ୍ରୀଖଣ୍ଡୀ ଆଗେ ଶରଶଯ୍ୟା ଆଦରି ନେଲେ
ଦ୍ରୌପଦି ବି ବିବଶ ନଥିଲେ
କର୍ଣ୍ଣ ଓ ଦୁର୍ଯ୍ୟୋଧନକୁ ଅପମାନିତ କରିବା ପାଇଁ
କେବଳ ଅହଂକାରରେ ମହାଭାରତ କରିଦେଲେ ।
ତୁ ସେମିତି ତୋ ନପାରିବା ପଣିଆକୁ ବିବଶତା କହୁ
ସମବେଦନା ସାଉଁଟିବା ପାଇଁ ...... ।


+ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧


### ନୀରବତା...

**ରୀନାରାଣୀ ରାଉତରାୟ**



ଅଝାଡ଼ ଜଙ୍ଗଲରେ ଅନ୍ଧାରିଆ
ସମତଳ ଶଯ୍ୟାରେ ପାହାଡ଼ି ଝରଣାର
ପ୍ରଗଲ୍ଭତା ହଜିଯାଏ ସିନା କିନ୍ତୁ
ନିରବି ଯାଏ ନିତାର ପ୍ରବାହ ।

ନିରବତା ଆଉ କ'ଣ କି !
ବୁକୁଫଟା କୋହର ଜମାଟବନ୍ଧା ବରଫ
କେବେ ତରଳୁଥିବା ମହମବତୀ
ଭୟ, ଆଶଙ୍କ, ଦ୍ୱନ୍ଦରେ ଭରା
ମେଘ ସ୍ତୁପଟିଏ ।

ନିଜ ଭିତରେ ଲହଡ଼ି ଭାଙ୍ଗୁଥିବା
ଅଣାୟତ ଉଦ୍‌ବେଳନକୁ
ସମାଧି ଦେବାର
ଅସ୍ଥିର ପଣ ହିଁ ନିରବତା ।

ବେଳେବେଳେ ପବନ ବି
ଜଣେଇ ଦିଏ ଆରପାଖ ଦୁନିଆର କଥା ।
ନିରବ ରହିବା କୌଣସି ତପସ୍ୟାଠୁ କମ୍ ନୁହେଁ
ଧୈର୍ଯ୍ୟର ମାନ ସରୋବର ବିକମ୍ ପଡ଼େ ।

କିଛି ଅବ୍ୟକ୍ତ କଥାକୁ
ଲୁହରେ ନିଗାଡ଼ି ଦେଇ
ହଜାରେ ପ୍ରଶ୍ନିଳ ଦୃଷ୍ଟିକୁ ଏଡ଼େଇ
ଉତରସବୁ ଢ଼ୋକି ଦେବାକୁ ପଡ଼େ ନିରବରେ ।

ନିଭୃତ ପ୍ରଦେଶର ଅଭେଦ୍ୟ ଦୁର୍ଗର
ଦ୍ୱାରଖୋଲିବା ପାଇଁ
ଓବୁବେଳେ ଭୈରବୀ ରାଗରେ ନୁହେଁ
ମେଘ ମହ୍ଲାରର ମୁର୍ଚ୍ଛନା ପରି
ଖାଲି ଯାହା ଓଦା ଓଦା ଶବ୍ଦ କିଛି ଲୋଡ଼ା ।


+ଗୋବରା, ତାଳଚେର
ମୋ: ୯୭୭୬୭୩୬୧୦୦




## ଚିନ୍ତାଧାରା ଉପରେ ପରିଧାନର ପ୍ରଭାବ

**ଶ୍ୱେତା ରାଉତ୍**

### ସମ୍ପର୍କର ରଙ୍ଗ



ଏବେ ଆମେ ଆମ ଶରୀରକୁ ସୁନ୍ଦର ଦିଶିବା ପାଇଁ ଅନେକ ପ୍ରକାର ପୋଷାକ ପିନ୍ଧୁଛନ୍ତି । କିନ୍ତୁ ଆମେ କେବେ ଧ୍ୟାନ ଦେଉନାହାନ୍ତି ଯେ ଆମ ପରିଧାନ କେତେମାତ୍ରାରେ ଚିନ୍ତାଧାରାକୁ ପ୍ରଭାବିତ କରୁଛି । ଆଜିକାଲି ପୁରୁଷମାନଙ୍କ ପୋଷାକ ପୂର୍ବବତ୍ ଶରୀରକୁ ଢାଙ୍କି ରଖିବା ଭଳି ରହୁଥିବା ବେଳେ ନାରୀମାନଙ୍କ ପୋଷାକ ଦିନକୁ ଦିନ ହୋଇ ହୋଇ ଯାଉଛି ।ଅନେକ ଜନଗହଳି ସ୍ଥାନମାନଙ୍କରେ ମଧ୍ୟ ନାରୀମାନଙ୍କ ପରିଧାନ ଏତେ ନଗ୍ନ ଓ ଉଶୃଙ୍ଖଳିତ ଥାଏ ଯେ କୌଣସି ବ୍ୟକ୍ତିଙ୍କର ଦୃଷ୍ଟିକଟୁ ହେବା ସ୍ୱାଭାବିକ । ଜଣଜଣଙ୍କ ପରିଧାନ ଦେଖିଲେ ସେମାନଙ୍କ ସ୍ୱଭାବ, ସଂସ୍କାର ଓ ଚରିତ୍ର ସହଜେ ଅନୁମେୟ କରିହୁଏ । ପିଲାମାନେ ଏଭଳି ପୋଷାକ ପିନ୍ଧିବାବେଳେ ମା ବାପା ପ୍ରଥମେ ପରିବାରରୁ ଆକଟ କରିବା ଜରୁରୀ । ଯଦି କମ୍ ବୟସର ଝିଅମାନଙ୍କୁ ଆମେ ଅର୍ଦ୍ଧନଗ୍ନ ପୋଷାକରେ ବାହାରକୁ ଯିବାକୁ ଦେଉଛନ୍ତି, ଅର୍ଥାତ୍ ଝିଅର ଅର୍ଦ୍ଧନଗ୍ନ ଶରୀରକୁ ଆମେ ସମାଜକୁ ଦେଖାଇବାକୁ ପ୍ରୋତ୍ସାହନ ଦେଉଛନ୍ତି । ଆମେ ପୁଳାଏ ମାଂସ ଖୋଲା ସ୍ଥାନରେ ଥାଳିରେ ପରୋଶି ଦେଇ ବୁଲା କୁକୁରଙ୍କୁ ଖାଇବାକୁ ମନା କଲେ କୁକୁରମାନେ ଯେ ଆମ କଥା ଶୁଣିବେ ଆଶା କରିବା ହାସ୍ୟାସ୍ପଦ । ସେମାନଙ୍କ ପ୍ରକୃତି ଅନୁସାରେ ସେ ଆହାର କରିବେ ।

ଆମେ ନଗ୍ନତା ଦେଖେଇ ଶୋଷଣ ହେବାବେଳେ ଅଭିଯୋଗ କଲେ କେହି ଶୁଣିବେନି । ଏବେ ସମସ୍ତେ ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାରିତା ବୁଝନ୍ତି ସମସ୍ତେ ନିଜ ହିସାବରେ ବଞ୍ଚିବାକୁ ଚାହାନ୍ତି । ତେଣୁ ସତର୍କତା ପ୍ରଥମେ ଆମକୁ ଆମ ପରିବାରରୁ ଆରମ୍ଭ କରିବା ଉଚିତ୍ ।

ସୁନା ରୂପାର ଗହଣାକୁ ଆମେ ଅତି ଯତ୍ନରେ ଡବାରେ ଭରି ଆଲମିରାରେ ଚାବି ଦେଇ ସାଇତି ରଖୁଛନ୍ତି । ଯୁଆଡେ ନେଇକି ଗଲେ, ଡବାରେ ବା ଖୋଳରେ ଭରି ବ୍ୟାଗ୍ ଭିତରେ ଅତି ଯତ୍ନରେ ନେଇକି ଯାଉଛନ୍ତି । ଆମ ଝିଅମାନେ କ'ଣ ସୁନା-ରୂପାଠୁ କମ୍ ମୂଲ୍ୟର ଯେ ଆମେ ତାଙ୍କୁ ଅନାବୃତ ପୋଷାକରେ ଖୋଲା ଛାଡିଦେବା ? ସେମାନେ ବି ଆମର ସମ୍ପତ୍ତି, ତାଙ୍କୁ ବି ଅତି ଯତ୍ନର ସହ ଆବୃତ ପରିଧାନ ଓ ମର୍ଯ୍ୟାଦାର ମୁଣିରେ ସାଇତିବା ଆମର ଦାୟିତ୍ୱ ।

ରାସ୍ତାର ଏକ ପାର୍ଶ୍ୱରେ କିଛିକ୍ଷଣ ଠିଆହୋଇ ଯାଆ-ଆସ କରୁଥିବା ନାରୀମାନଙ୍କୁ ଲକ୍ଷକଲେ ଜାଣି ପାରିବା, ଜଣେ ଛୋଟ ବା ଅନାବୃତ ପୋଷାକରେ ସାମନାରେ ଗଲାବେଳେ ଚିନ୍ତାଧାରା କେମିତି ଆସେ ଓ ଜଣେ ଭାରତୀୟ ପରିଧାନ ଶାଢୀ ପିନ୍ଧି ଓଢଣା ଦେଇ ସାମନାରେ ଗଲେ ଚିନ୍ତାଧାରା ବା ଧାରଣା କେମିତି ଆସେ ! ଗୋଟେ ନଗ୍ନ କୀର୍ତ୍ତିକୁ ମନ୍ଦିର ପାର୍ଶ୍ୱରେ ଦେଖିଲେ କେମିତି ଲାଗେ ଓ ଜଣେ ଷୋଡ ଶୃଙ୍ଗାର,ଆବୃତ ପରିପାଟୀଯୁକ୍ତ ଦେବୀଙ୍କୁ ମନ୍ଦିର ଭିତରେ ଦେଖିଲେ କିଭଳି ଭାବ ଉଦ୍ରେକ ହୁଏ ! ନିଶ୍ଚିତଭାବେ ପରିଧାନ ପରିପାଟୀ ଆମ ମାନସିକତା ପରିବର୍ତ୍ତନ କରାଇପାରେ । ମଡେଲ୍ ହେବା, ଆଧୁନିକ ହେବା, ସ୍ମାର୍ଟ ଲାଗିବା ଆଳରେ ଆମେ ସଂସ୍କାର ଓ ସଂସ୍କୃତି ବିମୁଖ ହୋଇ ମର୍ଯ୍ୟାଦାକୁ ମାରି ଅନେକଙ୍କ ଚିନ୍ତାଧାରାକୁ ନକରାତ୍ମକ କରିବା ଆଦୌ ଉଚିତ୍ ନୁହେଁ ।ଲଜ୍ଜା ସବୁବେଳେ ନାରୀର ଶ୍ରେଷ୍ଠ ଆଭୂଷଣ ଯାହାକୁ ନପିନ୍ଧିଲେ ନାରୀ ଦେବୀ ନୁହେଁ ଦାନବୀତୁଲ୍ୟ ହୋଇଥାଏ ।

କିଶୋରୀ ଝିଅଟିଏ ଯଦି ବାପା ସମ୍ମୁଖରେ ଅନାବୃତ ପୋଷାକ ପିନ୍ଧି ବୁଲିବ,ନିଶାରେ ଚୁର୍ ମଦୁଆ ବାପଟେ ବି ଚିହ୍ନି ପାରିବନି ସ୍ତ୍ରୀ କିଏ ଝିଅ କିଏ !ପ୍ରାପ୍ତ ବୟସ୍କା ଭଉଣୀଟିଏ ଯଦି ଅର୍ଦ୍ଧନଗ୍ନ ପୋଷାକରେ ପ୍ରାପ୍ତବୟସ୍କ ଭାଇ ସାମନାରେ ଥାଏ,ଭାଇ ଭିତରର ପୁରୁଷଟିଏ ବି ଭୁଲିଯାଇପାରେ ସମ୍ପର୍କର ମର୍ଯ୍ୟାଦା । ଆଜିକାଲି ଏଭଳି ଅନେକ କୁତ୍ସିତ ଘଟଣା ଘଟୁଛି ଯାହା ବର୍ଣ୍ଣନା କରିବା ଲଜ୍ଜାଜନକ ମନେହୁଏ । ସବୁ ପୁରୁଷମାନେ ଭଦ୍ର ବା ସଭ୍ୟ ବୋଲି ମୁଁ କହୁନାହିଁ, ସବୁ ପିଡୀତା ନାରୀ ଉଶୃଙ୍ଖଳିତ ବୋଲି ବି ମୁଁ କହୁନାହିଁ । କେବଳ ଏତିକି କହିବାକୁ ଚାହେଁ ନାରୀମାନେ ପୁରୁଷମାନଙ୍କ ସମ୍ମୁଖରେ ଥିବାବେଳେ ସେମାନଙ୍କ ପୋଷାକ ପରିଧାନ ସଠିକ ଓ ମର୍ଯ୍ୟାଦାଜନକ ରହୁ । ଲଜ୍ଜା ନାରୀର ମୁଖ୍ୟ ପରିପାଟୀ ହେଉ । କାରଣ ପୋଷାକ ପରିଧାନ ବି ଚିନ୍ତାଧାରାକୁ ପ୍ରଭାବିତ କରେ ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ପୋଲିସ ଯାହାକୁ ବାନ୍ଧିବା କଥା, ସେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବସୁଛି : ସମୀର ମହାନ୍ତି

ଝାରସୁଗୁଡା/ଭୁବନେଶ୍ୱର,୧୦/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ସହ ଭବାନୀପାଟଣା ସଭାମଂଚରେ ଅଭିଯୁକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଏକାଠି ବସିବା ଦେଖି ସାଧାରଣ ଓଡ଼ିଆଙ୍କ ଭାବାବେଗକୁ ବଡ଼ ଆଘାତ ପହଁଚିଛି । ପୋଲିସ ଯାହାକୁ ବାନ୍ଧିବା କଥା, ସେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବସିଛି। ମମିତାକୁ ନ୍ୟାୟ ମିଳିବ କି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ ସାରା ଓଡ଼ିଶା ମମିତାର ନ୍ୟାୟ ପାଇଁ ଲଢୁଛି । ମମିତା ହତ୍ୟାକାଣ୍ଡରେ ସମ୍ପୃକ୍ତ ଦିବ୍ୟଶଙ୍କର ମିଶ୍ରଙ୍କୁ ସଭାସ୍ଥଳରେ ପାଖରେ ବସାଇ ମୁଖ୍ୟମନ୍ତ୍ରୀ କ'ଣ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ? ମୁଖ୍ୟମନ୍ତ୍ରୀ ଅଭିଯୁକ୍ତ ମନ୍ତ୍ରୀଙ୍କ ଉପରେ ଆଶୀର୍ବାଦର ହାତ ରଖି ଜନଆକ୍ରୋଶକୁ ପ୍ରଶମିତ କରିବା ପାଇଁ ଉଦ୍ୟମ କରିନାହାଁନ୍ତି କି ? ଅଞ୍ଜନା ମିଶ୍ର ମାମଲାରେ ଜାନକୀ ପଟ୍ଟନାୟକ ଠିକ୍ ଏହିକଥା ଭାବି ତତ୍କାଳୀନ ଆଡ଼ଭୋକେଟ ଜେନେରାଲ ଇନ୍ଦ୍ରଜିତ ରାୟଙ୍କର ସୁରକ୍ଷା କବଚ ହୋଇଥିଲେ। ସେତେବେଳେ ଇନ୍ଦ୍ରଜିତଙ୍କ ସୁରକ୍ଷା କବଚ ଜାନକୀ ଏବଂ ଏବେ ଦିବ୍ୟଶଙ୍କରଙ୍କ ସୁରକ୍ଷା କବଚ ନବୀନ। ଖୋଦ୍ ମୁଖ୍ୟମନ୍ତ୍ରୀ ଭବାନୀପାଟଣାକୁ ଯାଇଥିଲେ। ସେଠାରେ ଲୋକମାନଙ୍କ ସହ ମିଶିବା ତ ଦୂର କଥା ସିଧା ସିଧା ଭାଷଣ ଦେଲେ ନାହିଁ। ପୂର୍ବରୁ



ପ୍ରସ୍ତୁତ କରିଥିବା ଭାଷଣ ଭିଡ଼ିଓକୁ ଚଲାଇ ଲୋକମାନଙ୍କୁ ବୋକା ବନାଯାଇଥିଲା ବୋଲି ରାଜ୍ୟ ବିଜେପି ସଭାପତି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ଓ ବରଗଡ ସାଂସଦ ସୁରେଶ ପୂଜାରୀ, ବରିଷ୍ଠ ନେତା ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ ଏବଂ ଝାରସୁଗୁଡା ଜିଲ୍ଲା ସଭାପତି ମଙ୍ଗଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଏସ୍‌ସିପିସିଆର ସର୍ଭେ ରିପୋର୍ଟରେ ଆସିଲା ସାଂଘାତିକ ତଥ୍ୟ : ଶିଶୁ ଶ୍ରମିକ, ବାଲ୍ୟ ବିବାହ ବଢ଼ିଛି !

ଭୁବନେଶ୍ୱର,୧୦/୧୧ (ନି.ପ୍ର): ରାଜ୍ୟରେ ବାଲ୍ୟ ବିବାହ ଓ ମାନବ ଚାଲଣ ଭଳି ସମସ୍ୟା ବୃଦ୍ଧି ପାଇଛି । ଶିଶୁ ଶ୍ରମିକ ଭାବେ ବହୁ ପିଲାଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦିଆଯାଇଛି । ଯେଉଁମାନେ କି ଶୋଷଣ ଓ ହିଂସାର ଶିକାର ହୋଇଛନ୍ତି । ୟୁନିସେଫ୍, ସେଭ୍ ଦି ଚିଲଡ୍ରେନ୍ ଓ ଚାଇଲ୍ଡ ଲାଇନ୍ ସହଯୋଗରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର) ପକ୍ଷରୁ କରୋନା ସମୟରେ କରାଯାଇଥିବା ସର୍ଭେରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ୧୮ ବର୍ଷରୁ କମ୍ ବୟସର ପିଲାମାନେ ବିବାହ କରୁଥିବା ନେଇ ସର୍ଭେ ହୋଇଥିବା ପିଲାଙ୍କ ମଧ୍ୟରୁ ପ୍ରାୟ ୮% ଶିଶୁ ଦେଖିଥିବା କହିଛନ୍ତି । ସେହିପରି ଅନ୍ୟ ପିଲାମାନଙ୍କୁ ଚୋରା ଚାଲଣ ହେଉଥିବା ସମୟରେ ପ୍ରାୟ ୧୨% ପିଲା ଶୁଣିଛନ୍ତି କିମ୍ବା ଦେଖିଛନ୍ତି । ଏମିତିକି ଶିଶୁ ଶ୍ରମିକ କାର୍ଯ୍ୟକଳାପରେ ନିୟୋଜିତ ପ୍ରାୟ ୪% ପିଲା ଶୋଷଣ କିମ୍ବା ହିଂସାର ଶିକାର ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ ହୋଇଛି । ଦୁର୍ବ୍ୟବହାର ଓ ହିଂସା ବିରୋଧରେ ଥିବା ନିୟମ ବିଷୟରେ ମାତ୍ର ୪୦% ଅଭିଭାବକ ଅବଗତ ଥିବା ଜଣାପଡ଼ିଛି । ୨୦୨୦ କରୋନା ସମୟରେ ବହୁ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡ଼ିଥିବା ନଜରକୁ ଆସିଛି । ୩୦ଟି ଜିଲ୍ଲାରେ ସର୍ଭେ କରାଯିବା ସମୟରେ ଦେଖିବାକୁ ମିଳିଥିଲା ଯେ ୨.୫% ପିଲା ଆଦୌ ସ୍କୁଲରେ ନାମ ଲେଖାଇ ନାହାନ୍ତି । ଦୁଇ ପ୍ରତିଶତ ପିଲା ଅଧାରୁ ପାଠପଢ଼ା ଛାଡ଼ିଛନ୍ତି । ଯଦି ଏହି ହିସାବ ଆଧାରରେ ବିଚାର କରାଯାଏ ତେବେ ସରକାରୀ ବିଦ୍ୟାଳୟରେ ପଢୁଥିବା ୬୦ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଲକ୍ଷାଧିକ ପିଲା ଅଧାରୁ ପାଠ ଛାଡ଼ିଛନ୍ତି । ସେମାନେ ଆଉ ସ୍କୁଲକୁ ଆସିବେ କି ନାହିଁ ତାହା ବି ଜଣାପଡୁନି । କାରଣ ଏପର୍ଯ୍ୟନ୍ତ ବି ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଖୋଲି ନାହିଁ । ତେଣୁ ଡ୍ରପ୍ ଆଉଟ୍ ସଂଖ୍ୟା ଆହୁରି ବଢ଼ିଥିବା ଅନୁମାନ କରାଯାଉଛି । କରୋନା ସମୟରେ ମଧ୍ୟାହ୍ନଭୋଜନ ବାବଦରେ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଅନ୍‌ଲାଇନ୍ ଶିକ୍ଷାର ପ୍ରକୃତ ଚିତ୍ର ଏବେ ସାମ୍ନାକୁ ଆସିଛି । କରୋନା କାଳରେ ୩୮.୭% ଛାତ୍ରଛାତ୍ରୀ ଇଲେକଟ୍ରୋନିକ୍ସ ସାମଗ୍ରୀ ମାଧ୍ୟମରେ ଅନ୍‌ଲାଇନ୍‌ରେ ଶିକ୍ଷା ଗ୍ରହଣ କରିଛନ୍ତି । ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୬% ପିଲା ମୋବାଇଲ୍ ମାଧ୍ୟମରେ ଅନ୍‌ଲାଇନ୍ କ୍ଲାସ କରୁଥିବା ଜଣାପଡ଼ିଛି । ୩୬ରୁ ୩୮ ପ୍ରତିଶତ ପିଲାଙ୍କ ଅଭିଭାବକଙ୍କର ଗୋଟିଏ ମାତ୍ର ମୋବାଇଲ୍ ଥିବାରୁ ଅନ୍‌ଲାଇନ୍ କ୍ଲାସ କରିବା ସମ୍ଭବପର ହୋଇ ନ ଥିଲା । ୫% ପିଲାଙ୍କର ବିଜୁଳି ସମସ୍ୟା ରହିଥିଲା । ବିଶେଷକରି ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ୍‌ରେ ଏହି ସମସ୍ୟା ଅଧିକ ରହିଥିବା ରିପୋର୍ଟରେ ଉଲ୍ଲେଖ ହୋଇଛି । ମାତ୍ର ୬ରୁ ୭ ପ୍ରତିଶତ ପିଲା ଅନ୍‌ଲାଇନ୍ କ୍ଲାସରେ ଭାଗ ନେବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳିଛି ।

# ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାକୁ ଉତ୍କଳ ସମ୍ମିଳନୀର ସ୍ୱାଗତ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ ଏସ୍ ଜଗନ ମୋହନ ରେଡ୍ଡିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ କୋଟିଆ ସହିତ ସମସ୍ତ ସୀମା ସମସ୍ୟା, ଜଳ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ହୋଇଥିବା ଐତିହ୍ୟ ବୈଠକକୁ ଉତ୍କଳ ସମ୍ମିଳନୀ ସ୍ୱାଗତ କରିଛି । ଏହି ବୈଠକ ସମ୍ପର୍କରେ ସମ୍ମିଳନୀ ପକ୍ଷରୁ ଏହାର ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତ ଯେ, ବିବାଦ ଗୁଡିକର ସମାଧାନ ପାଇଁ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା ହାଇଲେବଲ କମିଟି ଗଠନ ହେବା ସୁଖର କଥା ମାତ୍ର ଏହି କମିଟି ତା'ର ନିଷ୍ପତି ନେବା ପର୍ଯ୍ୟନ୍ତ ଦୁଇ ରାଜ୍ୟ ପକ୍ଷରୁ ଅନ୍ୟ ରାଜ୍ୟର ସୀମା ଭିତରେ କୌଣସି ବିବାଦୀୟ ପଦକ୍ଷେପ ଗ୍ରହଣ କରିବେ ନାହିଁ ବୋଲି ଆଜିର ବୈଠକରେ ନିଷ୍ପତି ହେବା ଆବଶ୍ୟକ ଥିଲା ।

# ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସେତୁ ଓ ରାସ୍ତା ନିର୍ମାଣ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଆଜି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସେତୁ ଓ ରାସ୍ତା ନିର୍ମାଣ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀ ଦାସବର୍ମା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ତିନିକୁଦି, କୂଅପଦା, ପଥରପଦା, ନିଖିଳ ଗୋବିନ୍ଦପୁର, ସିରୁଳି-କରମଳା ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିବା ସହ ସେତୁଗୁଡ଼ିକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ପାଇଁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କୃଷ୍ଣପ୍ରସାଦ ବ୍ଲକ୍‌ର ମିର୍ଜାପୁର ବସ୍ତିରେ ଜମୁଥିବା ପାଣିର ନିଷ୍କାସନ ପାଇଁ ସୁବନ୍ଦୋବସ୍ତ କରିବା ନିମନ୍ତେ ଶ୍ରୀ ଦାସବର୍ମା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍ ବ୍ୟତୀତ କୃଷ୍ଣପ୍ରସାଦ ବ୍ଲକର ଚଢ଼େୟା ରାସ୍ତା, ବ୍ରହ୍ମଗିରି ବ୍ଲକ୍‌ର ନାଣ୍ଡୀପୁର ଓ ପୁରୀ ସଦର ବ୍ଲକ୍‌ର ଅଠରଭାଗ ରାସ୍ତାର ଆବଶ୍ୟକତା ଅନୁଯାୟୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିଭାଗୀୟ ଅଧିକାରୀମାନଙ୍କୁ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ପାଇଁ ଶ୍ରୀ ଦାସବର୍ମା ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଗ୍ରାମ୍ୟ ନିର୍ମାଣର ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ ସାମଲ, ମୁଖ୍ୟଯନ୍ତ୍ରୀ, କୋଠାବାଡ଼ି ଓ ସେତୁ ରମେଶ ବେହେରା, ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟନାରାୟଣ ବେହେରା, ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରାମପ୍ରସାଦ ଆଚାର୍ଯ୍ୟଙ୍କ ସମେତ ପୁରୀ ଓ ବ୍ରହ୍ମଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ଆଜି ୩୮୭ ଜଣ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଆଜି ରାଜ୍ୟରେ ୩୮୭ ଜଣ କରୋନା ପଜିଟିଭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ମଧ୍ୟରେ ୭୫ ଜଣ ଥିବାବେଳେ ସଙ୍ଗରୋଧରୁ ୨୨୩ ଜଣ ଓ ୧୬୪ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡିଛି । ଆଜି କଟକରୁ ୩୩, ଖୋର୍ଦ୍ଧାରୁ ୧୯୫, ସମ୍ବଲପୁରରୁ ୧୮, ପୁରୀରୁ ୧୨, ଜଗତସିଂହପୁରରୁ ୧୦, ଷ୍ଟେଟ ପୁଲରୁ ୪୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଆଜି ରାଜ୍ୟରେ ୪ ଜଣ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ଏମାନଙ୍କ ମଧ୍ୟରୁ ୩ ଜଣ ଖୋର୍ଦ୍ଧା ଜିଲ୍ଲାରୁ ହୋଇଥିବାବେଳେ ଜଣେ ବାଲେଶ୍ୱର ଜିଲ୍ଲାର ବୋଲି ଜଣାପଡିଛି ।

# ମନରେଗା ସୋସାଇଟି ଘେରାଉ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସାଧାରଣ ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ଓଡ଼ିଶାର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀ ସଂଗଠକ ଭୁବନେଶ୍ୱର, ୟୁନିଟ୍-୮ସ୍ଥିତ ଏସ୍.ଆଇ.ଆଇ.ଡି. ପରିସରରେ ଥିବା ମନରେଗା ସୋସାଇଟିକୁ ଘେରାଉ କରିଥିଲେ। ସୂଚନା ଅନୁଯାୟୀ ଚଳିତ ବର୍ଷ ସେପ୍ଟେମ୍ବର ୧୫ ତାରିଖରେ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଆଇ.ଏ.ଏସ୍. ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ମନରେଗା ସୋସାଇଟିର୨ୟ ମହଲା ହଲ୍‌ରେ ସଂଘ କର୍ମକର୍ତ୍ତାଙ୍କ ସହିତ ଏକ ବିଶେଷ ଆଲୋଚନାରେ ସଂଘର ବିଭିନ୍ନ ଦାବି ଯଥା- ଅବିଳମ୍ବେ ସମସ୍ତଙ୍କୁ ଟ୍ରେନିଂ, ଗାଁସାଥୀ (ମେଟ୍)ଙ୍କ ଡାଟାବେସ୍ ସଂଗ୍ରହ ଇତ୍ୟାଦି ୧୦ ଦଫା ଦାବିକୁ ଶ୍ରୀ ଡାକୁଆ ପୂରଣ କରି ତୁରନ୍ତ ଚିଠି କରିବେ ବୋଲି ସ୍ପଷ୍ଟ ପ୍ରତିଶ୍ରୁତି ଦେଇଥିଲେ ବୋଲି ସଂଘ ତରଫରୁ ପ୍ରକାଶ । ମାତ୍ର ଆଲୋଚନାକୁ ପ୍ରାୟ ୫୦ ଦିନ ବିତିଯାଇଥିଲେ ବି ତଦନୁଯାୟୀ କୌଣସି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସଠିକ୍ ଭାବରେ ନ ହେବାରୁ ଆଦି ଗଣଧାରଣା ଓ ଘେରାଓ କରିବାକୁ ବାଧ୍ୟ ହେଲୁ ବୋଲି ସଂଘର ସଂଗଠକ ଶ୍ରୀ ବିଶ୍ୱାଳ, ସୌଭାଗ୍ୟ ମିଶ୍ର, କୁଳମଣି ମେଂଟା, ସସ୍ମିତା ଜେନା, ରବିନ୍ଦ୍ର ଗୌଡ, ସୁଧାଂଶୁ ଶତପଥୀ, ହେମନ୍ତ ନାହାକ, ଚରଣ ନାହାକ, ଅଶୋକ ପଲାଇ, ବିଦ୍ୟାଧର ପ୍ରଧାନ, ଲକ୍ଷ୍ମୀ ପାଢୀ, ଗୀତାଞ୍ଜଳି ପାତ୍ର, ଅରୁଣ ବେହେରା, ପ୍ରକାଶ ମଲ୍ଲିକ, କରୁଣାକର ନାୟକ, ବିକାଶ ନାୟକ, ଦୁର୍ଗାଚରଣ ହଂସ, ଯଦୁ ମୁର୍ମୁ, ଜୟରାମ ଓ ଅନ୍ୟ ଶତାଧିକ ଗାଁସାଥୀ (ମେଟ୍) ସଂଗଠକମାନେ ଗଣମାଧ୍ୟମକୁ ଜଣାଇଛନ୍ତି ।

# ବେଞ୍ଚମାର୍କ କ୍ଲାସେସର ଆଚିଭର୍ସ ମିଟ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଭୁବନେଶ୍ୱର ଓ କଟକରେ ଥିବା ବେଞ୍ଚମାର୍କ କ୍ଲାସେସ ଏବେ ଓଡ଼ିଶାରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଉଭା ହୋଇଛି । ଉନ୍ନତ ପ୍ରଣାଳୀରେ ଶିକ୍ଷାଦାନ ଯୋଗୁ ମାତ୍ର ଦୁଇ ବର୍ଷ ଭିତରେ ଉକ୍ତ ଅନୁଷ୍ଠାନର ଅନେକ ଛାତ୍ରଛାତ୍ରୀଙ୍କ ଡାକ୍ତର ହେବା ସ୍ୱପ୍ନ ସାକାର ହୋଇପାରିଛି । କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଅନୁଷ୍ଠାନ ପରିସରରେ ଆୟୋଜିତ ଆଚିଭର୍ସ ମିଟ୍ -୨୦୨୧ରୁ ଏହା ସ୍ପଷ୍ଟ ହୋଇଛି । ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୂର୍ବତନ କର୍ପୋରେଟର ଭାନୁପ୍ରିୟା ଦାସ, ରାଜେନ୍ଦ୍ର ସାମର୍ଥ୍ୟ, କିଟ୍‌ର ନିର୍ଦ୍ଦେଶକ କୁମାର ମହାନ୍ତି, ଶିକ୍ଷାବିତ ଡା ଦେବସ୍ମିତା ସାହୁ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଚଳିତବର୍ଷ ଅନୁଷ୍ଠାନର ୨୪୭ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା




ଦେଇଥିଲେ। ସମୁଦାୟ ୭୨୦ ମାର୍କରୁ ଆଶୁତୋଷ ପଣ୍ଡା ୬୬୧, ସ୍ୱାଗତ ହୋତା ୬୫୮, ଦୀପକ ମହାପାତ୍ର ୬୫୬, ସମ୍ବିତ କେଶରୀ ବେହେରା ୬୫୪ ନମ୍ବର ରଖି ନିଟ୍ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଏଥି ସହିତ ୨୪ଜଣ ୬୦୦ରୁ ଅଧିକ ଓ ୬୩ଜଣ ୫୮୦ରୁ ଅଧିକ ନମ୍ବର ରଖି ସଫଳ ହୋଇଛନ୍ତି । କୃତୀ ଛାତ୍ରଛାତ୍ରୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ରୋଟାରିୟାନ ପ୍ରସନ୍ନ ଚୌଧୁରୀ ଓ ଦୀପକ ବିଶ୍ୱାଳ ଏହି ଆଚିଭର୍ସ ମିଟ୍ ଜରିଆରେ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅକ୍ଲାନ୍ତ ପରିଶ୍ରମ ଓ କାର୍ଯ୍ୟଦକ୍ଷତା ପାଇଁ ଅନୁଷ୍ଠାନର ମୁଖ୍ୟ ପରିଚାଳକ କିଶୋର ଚନ୍ଦ୍ର ସ୍ୱାଇଁ ଓ କୁଶନାଥ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ କୁମାର ରଞ୍ଜୟ, ରାକେଶ କୁମାର, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅଭିରାମ ଲେଙ୍କା, ପଙ୍କଜ କୁମାର ଶର୍ମା, ହିମାଂଶୁ ପଣ୍ଡା, ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଅଭିଜିତ ପାତ୍ର ଓ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପିଣ୍ଟୁ ବୁଢ଼ା, ଜ୍ୟୋତିରଞ୍ଜନ ସିଂହ, ଅମିତ ସ୍ୱାଇଁ ସଭା ପରିଚାଳନା କରିଥିଲେ।

# ଆର୍‌ଏମ୍‌ଆର୍‌ସିର୍ ଗବେଷଣା: ଶିଶୁମାନେ କରୋନାରେ ଗୁରୁତର ହେବା ଆଶଙ୍କା କମ୍

ଭୁବନେଶ୍ୱର,୧୦/୧୧ (ନି.ପ୍ର): କରୋନାର ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରି ଆସୁଛନ୍ତି। ଯେହେତୁ ୧୮ବର୍ଷରୁ କମ୍ ବୟସର ପିଲାଙ୍କ ଟିକାକରଣ ଆରମ୍ଭ ହୋଇନାହିଁ ସେଥିଲାଗି ପିଲାଙ୍କ ପାଇଁ ଅଧିକ ବିପଦ ରହିଛି ବୋଲି କୁହାଯାଉଛି। ମାତ୍ର ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ବା ଆରଏମ୍‌ଆରସି ଭୁବନେଶ୍ୱର ପକ୍ଷରୁ ହୋଇଥିବା ଗବେଷଣାରେ ଶିଶୁ ଓ ବାଳକ/ବାଳିକାମାନେ କରୋନାରେ ଗୁରୁତର ହେବା ଆଶଙ୍କା କମ୍ ବୋଲି ଜଣାପଡ଼ିଛି। ରାଜ୍ୟବ୍ୟାପୀ ଯେଉଁ ଆରଟି-ପିସିଆର ନମୁନା ପରୀକ୍ଷା ହୋଇଥିଲା ତହିଁରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଏବେ ବି କଳ୍ପନା ଜଳ୍ପନା ଲାଗି ରହିଛି। ତେବେ ଋଷ, ୟୁରୋପ ଭଳି ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଦେଶ ତଥା ରାଜ୍ୟ ପାଇଁ ଚିନ୍ତା ବଢ଼ାଇଛି। ନିକଟରେ କେନ୍ଦ୍ର ସରକାର ୧୮ବର୍ଷରୁ କମ୍



ପିଲାଙ୍କ ପାଇଁ ଟିକାକରଣ ଆରମ୍ଭ କରିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ପିଲାମାନଙ୍କୁ ଛୁଞ୍ଚି ବିହୀନ ଟିକା ଦେବା ଲାଗି ରାଜ୍ୟମାନଙ୍କୁ ତାଲିମ୍ ମଧ୍ୟ ଦିଆଯାଇଛି। ରାଜ୍ୟରେ ୧୮ବର୍ଷରୁ କମ୍ ୧.୪ କୋଟି ପିଲା ରହିଥିବା ସରକାର ଆକଳନ କରିଛନ୍ତି। ଏହାସହ ରାଜ୍ୟ ସରକାର ସମ୍ଭାବ୍ୟ ତୃତୀୟ ଲହରକୁ ନଜରରେ ରଖି ଜିଲ୍ଲାସ୍ତରରେ କୋଭିଡ ହସ୍ପିଟାଲରେ ପିଲାଙ୍କ ପାଇଁ ସ୍ୱତନ୍ତ୍ରଭାବେ ଶଯ୍ୟା ଓ ଆଇସିୟୁ ସଂରକ୍ଷିତ ରଖିବା ଲାଗି ପୂର୍ବରୁ ଘୋଷଣା କରିସାରିଛନ୍ତି। ତେବେ ଏହା ପୂର୍ବରୁ ଆରଏମ୍‌ଆରସିର ଗବେଷଣା ରାଜ୍ୟପାଇଁ ଆଶ୍ୱସ୍ତି କଲାଭଳି ଖବର ଆଣି ଦେଇଛି। ଗବେଷଣାରେ ସମୁଦାୟ ୫ଲକ୍ଷ ୫୩ହଜାର ୭୬୩ ଆରଟି-ପିସିଆର ନମୁନାର ଅନୁଧ୍ୟାନ କରାଯାଇଥିଲା। ତହିଁରୁ ୭୫,୧୯୦(୧୩.୬%) ପଜିଟିଭ୍ ଚିହ୍ନଟ ହୋଇଛି। ପଜିଟିଭ୍ ଚିହ୍ନଟ ହୋଇଥିବା ନମୁନାରୁ ୧୮ବର୍ଷରୁ ଅଧିକ ୬୯,୨୦୨(୯୨%) ଥିବା ବେଳେ ୦-୧୭ବର୍ଷ ଭିତରେ ୫୯୮୮(୮%) ନମୁନା ରହିଛି। ୧୮ବର୍ଷରୁ ଅଧିକ ଲୋକଙ୍କ ଭିତରେ ସଂକ୍ରମଣ ହାର ବା ପଜିଟିଭ୍ ରେଟ୍ ୧୩.୮ ପ୍ରତିଶତ ଥିବା ବେଳେ ୦-୧୭ବର୍ଷର ପିଲାଙ୍କ ଭିତରେ ଏହା ୧୧.୬ ପ୍ରତିଶତ ଦେଖିବାକୁ ମିଳିଛି। ସେହିପରି ଯଦି ପିଲାଙ୍କ ଭିତରେ ସଂକ୍ରମଣ ହାରକୁ ଅନୁଧ୍ୟାନ କରାଯାଏ ତାହା ହେଲେ ୬-୯ବର୍ଷର ପିଲାଙ୍କଠାରେ ଏହା ଅଧିକ ଦେଖିବାକୁ ମିଳିଛି। ଏହି ବର୍ଗର ପିଲାଙ୍କଠାରେ ସଂକ୍ରମଣ ହାର ୧୨.୯୬ ପ୍ରତିଶତ ଥିବା ବେଳେ ୦-୫ବର୍ଷର ଶିଶୁଙ୍କଠାରେ ଏହା ୯.୦୭ ପ୍ରତିଶତ ରହିଛି।

# ଶଙ୍ଖ ଖୋଳପା ଭିତରେ ସୁରକ୍ଷିତ ଅପରାଧୀ: କଂଗ୍ରେସ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ଅପରାଧୀମାନେ ଅପରାଧ ଘଟାଇ 'ଶଂଖ'ର ଖୋଳପା ଭିତରେ ପଶିଯାଇଛନ୍ତି ଓ ସୁରକ୍ଷା ପାଉଛନ୍ତି। ଓଡ଼ିଶାବାସୀ ଏହି ଶଙ୍ଖାସୁରଙ୍କ ଉତ୍ପାତ ଯୋଗୁ ତ୍ରାହିତ୍ରାହି ଡାକିଲେଣି। ବିଶ୍ୱର ସମସ୍ତ ଓଡ଼ିଆ ଓ ଓଡ଼ିଶାବାସୀଙ୍କ ପ୍ରାର୍ଥନା ଶୁଣି ପ୍ରଭୁ ଜଗନ୍ନାଥ ଶଙ୍ଖାସୁରମାନଙ୍କୁ ବଧ କରିବେ ବୋଲି କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର କହିଥିଲେ। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି ଯେ, ଶଙ୍ଖଚୂଡ଼ ଅସୁର ବ୍ରହ୍ମାଙ୍କ ବେଦ ଚୋରାଇ ସମୁଦ୍ର ଗର୍ଭକୁ ପଳାଇଲେ। ତାଙ୍କୁ ବିଷ୍ଣୁ ଆକ୍ରମଣ କଲାବେଳେ ସେ ଶଙ୍ଖ ଖୋଳପା ଭିତରେ ଲୁଚିଯାଉଥିଲା ଏବଂ ଶେଷରେ ସେହି ଶଙ୍ଖାସୁରକୁ ବିନାଶ କରିଥିଲେ ସ୍ୱୟଂ ବିଷ୍ଣୁ। ଏଭଳି ପରିସ୍ଥିତି ବର୍ତ୍ତମାନ ଓଡ଼ିଶାରେ ଚାଲିଛି। ଅପରାଧୀମାନେ ଅପରାଧ ଘଟାଇ ଶଙ୍ଖ ଖୋଳପାରେ ଲୁଚି ଯାଉଛନ୍ତି ଓ ସୁରକ୍ଷା ପାଉଛନ୍ତି। କିନ୍ତୁ ପ୍ରଭୁ ଜଗନ୍ନାଥ ଏମାନଙ୍କୁ ବଧ କରିବେ। ମମିତା ମେହେର ଅପହରଣ ଓ ହତ୍ୟାକାଣ୍ଡର ଏକ ମାସ ପରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତ କଲେ। ପୀଡ଼ିତ ପରିବାରକୁ ସାନ୍ତ୍ୱନା, ସମବେଦନା ଜଣାଇଲେ ନାହିଁ। ଏହି ଘଟଣାରେ ଯାହାକୁ ଏହି ଅପରାଧର ପୃଷ୍ଠପୋଷକ କୁହାଯାଉଥିବା ବିବାଦୀୟ ରାଜ୍ୟ ଗୃହମନ୍ତ୍ରୀଙ୍କ ସହିତ ମଂଚାସୀନ ହୋଇ ନାରୀ ଜାତି ଓ ମମିତା ପରିବାର ପ୍ରତି ବିଦ୍ରୁପ କରିଛନ୍ତି। ପୁନଶ୍ଚ 'ଶଙ୍ଖ' ଦଳରେ ସାମିଲ ହେଲେ ସମ୍ପୂର୍ଣ୍ଣ ସୁରକ୍ଷା ମିଳିବ ବୋଲି ପରୋକ୍ଷରେ ଆଶ୍ୱାସନା ଦେବାଭଳି ବାର୍ତ୍ତା ଦେଇଛନ୍ତି। ମମିତା ମେହେର ମହାଲିଙ୍ଗ କଲେଜରେ ଚାଲୁଥିବା ଅନୈତିକ କାର୍ଯ୍ୟକୁ ବିରୋଧ କରି ପ୍ରାଣବଳି ଦେଇଛି। ଗୋବିନ୍ଦ ସାହୁ କେବଳ ଅପରାଧୀ, ଏହି ଘଟଣାରେ ଜଡ଼ିତ ବହୁ ଅପରାଧୀ ବାହାରେ ବୁଲୁଛନ୍ତି। ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ସେଥିପାଇଁ କଂଗ୍ରେସ ମନ୍ତ୍ରୀଙ୍କ ବହିଷ୍କାର ସହ ଗିରଫ ଦାବି କରୁଛି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆଗାମୀ ୧୨ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଓଡ଼ିଶାବାସୀ ଏହି ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ ଜଣାଇଥିଲେ ଶ୍ରୀ ମହାପାତ୍ର। କେବଳ ମମିତା ମେହେର ପ୍ରସଙ୍ଗ ନୁହଁ, ପରୀ ଘଟଣାରେ ତଦନ୍ତ କ'ଣ ହୋଇଛି ? ବିବାଦୀୟ ମନ୍ତ୍ରୀ ଅରୁଣ ସାହୁ ଏପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳରେ ଅଛନ୍ତି। ମାହାଙ୍ଗା ଡବଲ ମର୍ଡ଼ର ଘଟଣାରେ ଅଦାଲତ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପର୍କରେ ତଦନ୍ତ ଆଦେଶ ଦେଇଛନ୍ତି। ଏପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ଜେରା କରାଗଲାଣି କି ? ଏ.ସି.ଏଫ୍. ସୌମ୍ୟରଞ୍ଜନ ମୃତ୍ୟୁ ମାମଲାର ତଦନ୍ତରେ ମୃତ ବ୍ୟକ୍ତିଙ୍କ ପିତାମାତା ତଦନ୍ତ ବାଟବଣା ହୋଇଥିବା ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ମଦମାଫିଆଙ୍କ ସମ୍ପର୍କରେ ତଦନ୍ତ କରାଯାଉନାହିଁ। ଏଭଳି ଘଟଣାଗୁଡ଼ିକର ସମୀକ୍ଷା କଲେ ଓଡ଼ିଶା ପୋଲିସ୍ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେଉଛି। ରାଜ୍ୟରେ ଘଟୁଥିବା ଅପରାଧ, ଦୁର୍ନୀତିର ତଦନ୍ତରେ ପୋଲିସ୍, କ୍ରାଇମ୍ ବ୍ରାଂଚ ଓ ସି.ବି.ଆଇ ମଧ୍ୟ ଫେଲ୍ ମାରୁଛି। ଚିଟ୍‌ଫଣ୍ଡ, ଖଣି ଦୁର୍ନୀତି, ବ୍ଲକ୍‌ରୋଜ ଜାହାଜ, ଇତିଶ୍ରୀ, କୁନ୍ଦୁଲି ଘଟଣା ପୀଡ଼ିତାମାନଙ୍କୁ ନ୍ୟାୟ ମିଳିନାହିଁ। ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ତାଙ୍କ ସାମ୍ବିଧାନିକ କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ। ଅତୀତରେ ସ୍ୟାଡୋ ଅଫ୍ କରପ୍‌ସନ୍ (ଦୁର୍ନୀତିର ଛାୟା) ଅଭିଯୋଗରେ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ବରଖାସ୍ତ କରୁଥିଲେ। ଏବେ ଏତେ ଅଭିଯୋଗ ଆସିଲେ ମଧ୍ୟ ମୌନ ରହିବାର କାରଣ କଣ ? ତାଙ୍କ ଦଳର ଜଣେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ କହିଥିଲେ, ମୁଖ୍ୟମନ୍ତ୍ରୀ ଫିଜିକାଲି ଓ ମେଂଟାଲି ଡଲ୍ ଏବଂ ଅନ୍ୟ ଉପରେ ନିର୍ଭରଶୀଳ। ୨୦୦୯ରୁ ଆଜି ପର୍ଯ୍ୟନ୍ତ ବିଧାନସଭାରେ ତାଙ୍କ ଅଧୀନରେ ଥିବା ବିଭାଗର କୌଣସି ପ୍ରଶ୍ନୋତର କାର୍ଯ୍ୟରେ ଭାଗ ନେଇନାହାନ୍ତି। ତାଙ୍କ ତରଫରୁ ସବୁବେଳେ ଅନ୍ୟ 'କା' ମନ୍ତ୍ରୀମାନେ ଉତର ରଖନ୍ତି। କରୋନା ବାହାନାରେ ନା ସେ ବିଧାନସଭା ଆସୁଛନ୍ତି ନା ଲୋକସେବା ଭବନ। ବିଗତ କିଛିଦିନ ଭିତରେ ରାଜ୍ୟର କେତୋଟି ଜିଲ୍ଲା ସେ ଗସ୍ତ କରିଛନ୍ତି। ସରକାରୀ ଖର୍ଚ୍ଚରେ ଲୋକଙ୍କ ପଇସାରେ ହେଲିକପ୍ଟରରେ ବ୍ୟାପକ ସୁରକ୍ଷା ମଧ୍ୟରେ ତାଙ୍କୁ ସଭାମଂଚକୁ ନିଆଯାଉଛି, କିନ୍ତୁ କଥା ପଦେ କହି ଭାଷଣ ଦେଉନାହାନ୍ତି। ତାଙ୍କ ଉପସ୍ଥିତିରେ ପୂର୍ବରୁ ରେକର୍ଡ଼ିଂ ଭିଡିଓ ଭାଷଣ ପ୍ରସାରଣ କରାଯାଉଛି। ତାହେଲେ ଲୋକଙ୍କ ଅର୍ଥ ଖର୍ଚ୍ଚ କରି ଗସ୍ତ କରିବାର କାରଣ କ'ଣ ? ଯଦି ସେ ରାଜଧର୍ମ, ସାମ୍ବିଧାନିକ କର୍ତ୍ତବ୍ୟ ନିର୍ବାହରେ ଅକ୍ଷମ, ତାହେଲେ ନିଜେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ନ୍ତୁ। ନହେଲେ ନବୀନ ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ରହିଲେ ଓଡ଼ିଶାବାସୀଙ୍କ ପାଇଁ କ୍ଷତିକାରକ ବୋଲି କଂଗ୍ରେସ ଦଳ ତରଫରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ଅମୀୟ ପାଣ୍ଡବ ଉପସ୍ଥିତ ଥିଲେ।

# ଚାକିରି ଦେବା ନାଁରେ ୧୨ ଲକ୍ଷ ଟଙ୍କା ଠକେଇ : ୩ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ସରକାରୀ ଚାକିରି କରାଇ ଦେବା ନାଁରେ ୧୨ ଲକ୍ଷ ଟଙ୍କା ଠକେଇ ହୋଇଛି । ଚନ୍ଦ୍ରଶେଖରପୁର ଅଞ୍ଚଳରୁ କମିସନରେଟ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ମିଶନ ଶକ୍ତି, ରେଲୱେ, ନାଲ୍କୋ ଓ ବ୍ୟାଙ୍କରେ ଚାକିରି ଦେବା ନାଁରେ ୩ ଅଭିଯୁକ୍ତ ଠକୁଥିଲେ। ସୁଭମ ସର୍ଭିସ ପ୍ଲେସମେଣ୍ଟ ନାଁରେ ଅଫିସ ଖୋଲି ଲୋକଙ୍କୁ ଠକୁ ଥିଲା । ମିଶନ ଶକ୍ତିର ନକଲି ରବର ଷ୍ଟାମ୍ପ ସହ ବିଭିନ୍ନ କାଗଜ ପତ୍ର ଜବତ କରିଛି ପୁଲିସ । ଗତ ୬ ତାରିଖରେ ଠକାମିର ଶିକାର ହୋଇଥିବା ଜଣେ ଯୁବକ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ସୁଭମ ପ୍ଲେସମେଣ୍ଟ ଅଫିସରେ ରେଡ୍ କରିଥିଲା ପୁଲିସ । ଅଭିଯୁକ୍ତମାନେ ଗିରଫ ହେବା ପରେ ଠକାମିର ଶିକାର ହୋଇଥିବା ଲୋକଙ୍କର ଥାନାରେ ବଢୁଛି ଲାଇନ ।

# ମମିତା ମୃତ୍ୟୁ ମାମଲା : ଭୁବନେଶ୍ୱର ରାଜରାସ୍ତାରେ ଏବିଭିପିର ବିକ୍ଷୋଭ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ମମିତା ମେହେର ମୃତ୍ୟୁ ଘଟଣାରେ ଏବିଭିପିର ବିକ୍ଷୋଭ ପ୍ରଦର୍ଶନ । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛି ଏବିଭିପି । ରାଜମହଲ ଛକରୁ ନବୀନ ନିବାସ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ ବେଳେ ପୁଲିସ ସହ ଆନ୍ଦୋଳନକାରୀଙ୍କ ମୁହାଁମୁହିଁ ହୋଇଛି । ଘଟଣାସ୍ଥଳରୁ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଛି ପୁଲିସ । କଳାହାଣ୍ଡି ମହାଲିଙ୍ଗ ସନସାଇନ ବିଦ୍ୟାଳୟର ଅଧ୍ୟକ୍ଷା ମମିତା ମେହେର ମୃତ୍ୟୁ ଘଟଣାକୁ ପ୍ରାୟ ମାସେ ବିତିଗଲାଣି । କିନ୍ତୁ ପ୍ରକୃତ ଦୋଷୀଙ୍କୁ ଏପର୍ଯ୍ୟନ୍ତ ଦଣ୍ଡ ମିଳିନାହିଁ । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଅଭିଯୋଗ ଆଣିଛି ଏବିଭିପି ।

# ଏମପିସି ଅଟୋନାସ କଲେଜ ପୁରାତନ ଛାତ୍ର ସଂଗଠନର ବୈଠକ




ବାରିପଦା,୧୦/୧୧ (ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନର ବୈଠକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସଂଗଠନର ସଭାପତି ଡ. ବିଜୟ କୁମାର ଅଗ୍ରୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ମୁଖ୍ୟ ଉପଦେଷ୍ଟା ଭାବେ ଯୋଗ ଦେଇ ପୁରାତନ ଛାତ୍ର ସଂଗଠନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହିତ ସଂଗଠନର ଉପବିଧି ପଞ୍ଜିକୃତ ହେବା ସଂପର୍କରେ ମୁଖ୍ୟତଃ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ମୁକ୍ତିକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ, ପ୍ରଫେସର ସତ୍ୟବ୍ରତ ମିଶ୍ର ବକ୍ତବ୍ୟ ପ୍ରସଙ୍ଗରେ ମହାବିଦ୍ୟାଳୟର ପ୍ରତିଷ୍ଠା ଠାରୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ପରିଣତ ହୋଇଥିବା ସହିତ ବିଭିନ୍ନ ଘଟଣାବଳୀର ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପନ କରିଥିଲେ । କୁଳପତି ପ୍ରଫେସର ବସା ଏହି ଐତିହ୍ୟ ସମ୍ପନ୍ନ ମହାବିଦ୍ୟାଳୟର ପୁରାତନ ଛାତ୍ରଭାବେ ନିଜକୁ ଗର୍ବିତ ଅନୁଭବ କରିବା ସହିତ ଏହି ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ସଦା ସର୍ବଦା ପ୍ରସ୍ତୁତ ରହିଥିବା ନେଇ ମଧ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରାଧାପକ ଦିବ୍ୟଶଙ୍କର ପାଲଙ୍କ ଦ୍ୱାରା ଉପସ୍ଥାପିତ ସଂଗଠନର ଉପବିଧି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସହିତ ସମସ୍ତ ସଦସ୍ୟ ମାନଙ୍କ ପରାମର୍ଶ କ୍ରମେ ଆବଶ୍ୟକୀୟ ସଂଶୋଧନ କରାଯିବା ପରେ ତାହା ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ଏହି ଉପବିଧିର ପଞ୍ଜିକରଣ ନିମନ୍ତେ ଆବଶ୍ୟକ ହେଉଥିବା ପୁରାତନ ଛାତ୍ର ସଂଗଠନର ବିଭିନ୍ନ କର୍ମକର୍ତ୍ତା ମାନଙ୍କ ମଧରେ ସଭାପତି ଡ. ଅଗ୍ରୱାଲା, ଉପସଭାପତି ପ୍ରୀତିଶ ଚନ୍ଦ୍ର ବସା, ସମ୍ପାଦକ ବିପ୍ଳବ ଭଂଜନ ବୁଗୁଡେଇ, ଯୁଗ୍ମ ସମ୍ପାଦକ ପ୍ରୀତମ ପଣ୍ଡା ଓ କୋଷାଧକ୍ଷ ରଂଜନ ବାନାର୍ଜୀ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ରାଇମଣି ମାଣ୍ଡି, ଅମ୍ବିକା ରଥ ଅଧିକାରୀ, ସୁନୀଲ ନାୟକ, ଧନଞ୍ଜୟ ସାହୁ, ଶଙ୍କର୍ଷଣ ପଣ୍ଡା, ଆଭାସ ଦେ, ଜ୍ୟୋତିରଂଜନ ପୃଷ୍ଟି, ଅଭିଷେକ ପଣ୍ଡା, ଶୁଭଜିତ ପାଣି, ଅଂଶୁମାନ ଦାସ, ଡ. ସୁଶାନ୍ତ କୁମାର ବସା, କ୍ଷେତ୍ରମୋହନ ପଣ୍ଡା, ସତ୍ୟବ୍ରତ ମହାନ୍ତି, ହେମନ୍ତ କୁମାର ମିଶ୍ର, ପୂର୍ଣ୍ଣେନ୍ଦୁ କୁମାର ଦାସ ଓ ଶାନ୍ତନୁ କୁମାର ଶତପଥୀ ପ୍ରମୁଖ ରହିଛନ୍ତି । ଅନ୍ୟମାନଙ୍କ ମଧରେ ଡ. ଛତିଶ ଚନ୍ଦ୍ର ଧଳ, ଜୀବନ କୁମାର ସାହୁ, କଳିଙ୍ଗ କେଶରୀ ଜେନା, ଚିନ୍ମୟ ଦାସପଟ୍ଟନାୟକ, ଅମିତାଭ ମିଶ୍ର, ସୂର୍ଯ୍ୟେନ୍ଦୁ କୁମାର ଦାସ, ଡ. ଅନାମ ଚରଣ ରାଉଳ, ଡ. ବଳଦେବ ଆଶ, ପ୍ରଣବ କୁମାର ପଣ୍ଡା, ସଂଜୟ କୁମାର ଖଣ୍ଡେଲୱାଲା, ସୁରଜ କୁମାର ସାହୁ, କୃଷ୍ଣଚନ୍ଦ୍ର ଦାସ, ଅଭିଜିତ ସାହୁ, ଅଭିଷେକ ଦାସ, ସୌମ୍ୟକାନ୍ତ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ମୋ କଲେଜ ଅଭିଯାନର ସଂଯୋଜକ ଅଧାପକ ରବୀନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳେଶ୍ୱରରେ ଛୋଟ୍ ପୂଜା

ଜଳେଶ୍ୱର, ୧୦/୧୧(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପରିଷଦର ୩ନଂ ୱାର୍ଡ ସେଖବାର୍ଡ ନଦୀକୂଳ ଓ ଡିଷ୍ଟ୍ରିକ୍‌ବୋର୍ଡ ପୋଖରୀ କୂଳରେ ଆଜି ବୁଧବାର ଅପରାହ୍ନରେ ଛୋଟପୂଜା ଅନୁଷ୍ଠିତ ହୋଇ ଯାଇଛି । ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ ଅଂଚଳର ମୂଳବାସିନ୍ଦାମାନେ ଆଜି ଅସ୍ତମିତ ସୂର୍ଯ୍ୟ ଓ ଗୁରୁବାର ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ମହିଳାମାନେ ପରିବାରର ଶୁଭ ମନାସିଛନ୍ତି । ଏପରି କାର୍ଯ୍ୟକ୍ରମ ଜଳେଶ୍ୱର ଅଂଚଳରେ ବହୁବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ବେଳେ ଆଜି ଆଇନ୍‌ଜିବୀ ଶ୍ରୀକୃଷ୍ଣ ଗୁପ୍ତା, ନରସିଂହ ସାହୁ, କେଶବ ପ୍ରସାଦ, ଅଜୟ ଗୁପ୍ତା, ପ୍ରବୋଧ ପ୍ରସାଦ, ସନ୍ତୋଷ ସାହୁ, ଗୁରୁପ୍ରସାଦ ଚୌରାସିଆ, ଶାନ୍ତିଭୂଷଣ ପାଣ୍ଡେ, ସୁରଜ ଚୌରାସିଆ ପ୍ରମୁଖ ସାମିଲ ଥିଲେ ।

## କୋଭିଡ କଟକଣା ମଧ୍ୟରେ ଛଟପୂଜା

ବାଲେଶ୍ୱର,୧୦/୧୧ (ନି.ପ୍ର): କୋଭିଡ କଟକଣା ଯୋଗୁଁ ବାଲେଶ୍ୱରରେ ଅବସ୍ଥାନ କରୁଥିବା ଭଜପୁରୀ ସମ୍ପ୍ରଦାୟ ଲୋକେ ଚଳିତବର୍ଷ ବୁଢ଼ାବଳଙ୍ଗ ନଦୀର ବାଲିଘାଟକୁ ଯିବା ପରିବେର୍ତ୍ତ ଘରେ ଛଟପୂଜା କରିଥିବା ଦେଖିବାକୁ ମିଳିଛି । ବୁଧବାର ତୃତୀୟ ଦିନରେ ଘର ଅଗଣାରେ କୃତ୍ରିମ ପାଣିକୁଣ୍ଡ ରଖି ଉଭୟ ମହିଳା ପୁରୁଷ ପୂଜାର୍ଚ୍ଚନା କରିବା ସହ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ । ୪ ଦିନ ବ୍ୟାପୀ ହେଉଥିବା ଏହି ପୂଜାର ପ୍ରଥମ ଓ ଦ୍ୱିତୀୟ ଦିନରେ ନାହାଏ ଖାଏ ଓ ରସିଆଖିର ଆଦି ଅର୍ଘ୍ୟ ପ୍ରଦାନ କରାଯାଥିଲା । ତେବେ ଚତୁର୍ଥ ଦିନର ଉଦଯାପନ ଉତ୍ସବ ସୂର୍ଯ୍ୟୋଦୟ ସମୟରେ ଆୟୋଜିତ ହୋଇଥାଏ ବୋଲି ସେମାନେ ସୂଚନା ଦେଇଛନ୍ତି । ସକାଳେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ ପରେ ସମସ୍ତେ ଭୋଗ ଖାଇଥା'ନ୍ତି । ପରିବାର ଲୋକଙ୍କ ମଙ୍ଗଳ କାମନା କରି ଉଭୟ ପତି ଓ ପତ୍ନୀ ଏହି ଛଟ ପୂଜା କରିଥା'ନ୍ତି ବୋଲି ସେମାନେ କହିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୬୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ ସଂକ୍ରମିତଙ୍କ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ ଜିଲ୍ଲାରୁ ଜଣେ ମୃତ୍ୟୁବରଣ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସଡକ ସୁରକ୍ଷା ପାଇଁ ତାଲିମ....

ତା ସହିତ ଦୁର୍ଘଟଣା ସ୍ଥଳରେ ଥିବା ଅନ୍ୟ ଲୋକମାନଙ୍କର ମଧ ବିଶେଷ ଦାୟିତ୍ୱ ରହିଛି । ତେଣୁ ସେମାନେ ସାମାନ୍ୟ ସହଯୋଗ କଲେ, ଅନେକ ଜୀବନ ରକ୍ଷା ହୋଇପାରିବ ଓ ଅନେକ ପରିବାର ଦୁର୍ଦ୍ଦିନରୁ ରକ୍ଷା ପାଇପାରିବେ ବୋଲି ସେ କହିଥିଲେ । ତାଲିମ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆପଣମାନେ ହେଉଛନ୍ତି ଜଣେ ଜଣେ ଉତମ ନାଗରିକ । ଦୁର୍ଘଟଣାର ପ୍ରଥମ ଏକ ଘଂଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଆମେ ଯଦି ତୁରନ୍ତ ଚିକିତ୍ସା କରିବା, ତେବେ ଆମେ ଅନେକ ଜୀବନ ରକ୍ଷା କରିପାରିବା ବୋଲି ସେ କହିଥିଲେ । ବିପଦରେ ଥିବା ଲୋକର ଜୀବନ ବଂଚାଇବା ଠାରୁ ବଡ ପୁଣ୍ୟ କିଛି ନାହିଁ । ସଡକ ଦୁର୍ଘଟଣାର ଶିକାର ହେଉଥିବା ଲୋକ ମାନଙ୍କୁ ସାହାଯ୍ୟ ପାଇଁ ଆଗେଇ ଆସୁଥିବା ଲୋକଙ୍କୁ ୨୦୦୦ ଟଙ୍କା ସହାୟତା ଦେବାର ବ୍ୟବସ୍ଥା କରାଯାଇଛି । ଏହାସହିତ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତି ମାନଙ୍କର ଚିକିତ୍ସା ପାଇଁ ରାଜ୍ୟ ସରକାର ୧୪୭ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବିଭିନ୍ନ ଏନଜିଓ ମାନେ ସଡକ ଦୁର୍ଘଟଣା ସମୟରେ ତୁରନ୍ତ ସହାୟତା ଯୋଗାଇଦେବା ଓ ସଚେତନତା ସୃଷ୍ଟି କ୍ଷେତ୍ରରେ ଯେଉଁ ଉଦ୍ୟମ କରୁଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚ ପ୍ରଶଂସା କରିଥିଲେ । ସେମାନଙ୍କର ଏହି ଉଦ୍ୟମ ସଫଳ ହେବ ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ବୋଲି କହିଥିଲେ । ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ସଡକ ସୁରକ୍ଷା କ୍ଷେତ୍ରରେ ବହୁତ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

### ଫଡନାଭିସଙ୍କ ଗୁମର....

ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ନବାବ ମଲିକ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, "୨୦୧୬ ମସିହା ନଭେମ୍ବର ୮ରେ ଯେତେବେଳେ ବିମୁଦ୍ରାକରଣ ଘୋଷଣା କରାଗଲା ସେତେବେଳେ ଦେଶର ବିଭିନ୍ନ ପ୍ରାନ୍ତରୁ ନକଲି ନୋଟ ଜବତ ହୋଇଥିଲା । ମହାରାଷ୍ଟ୍ରରେ ଫଡନାଭିସଙ୍କ ଜାଣତରେ ନକଲି ନୋଟ କାରବାର ଚାଲୁଥିବାରୁ ବିମୁଦ୍ରାକରଣ ବର୍ଷକ ଯାଏ ରାଜ୍ୟରେ ସେପରି କୌଣସି ଘଟଣା ସାମ୍ନାକୁ ଆସିଲାନି । କିନ୍ତୁ ୨୦୧୭ ମସିହା ଅକ୍ଟୋବର ୮ରେ ଡିଆରଆଇ ୧୪.୫୬ କୋଟି ଟଙ୍କାର ନକଲି ନୋଟ ଜବତ କରିଥିଲା । ବିକେସି ମୁମ୍ବାଇରୁ ଏହି ନକଲି ନୋଟ ଜବତ କରାଯାଇଥିଲେ ହେଁ ମାମଲାକୁ ଫଡନାଭିସ ଚାପି ଦେଇଥିଲେ । ପାକିସ୍ତାନରୁ ଏହି ନୋଟ ଆସୁଥିଲା । ଅଭିଯୁକ୍ତଙ୍କୁ ତୁରନ୍ତ ବେଲ ମିଳିଗଲା । ଏହାର ତଦନ୍ତ ଏନଆଇଏକୁ ହସ୍ତାନ୍ତର କରାଗଲାନି । ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ହାଜି ଅରାଫତ ଶେଖଙ୍କ ସାନ ଭାଇ । ଶେଖଙ୍କୁ ଫଡନାଭିସ ସଂଖ୍ୟାଲଘୁ କମିଶନର ଅଧକ୍ଷ କରିଥିଲେ ।" ସୂଚନାଯୋଗ୍ୟ, ଗତକାଲି ଫଡନାଭିସ ସାମ୍ବାଦିକ ସମ୍ମିଳନୀ କରି ୧୯୯୩ ମୁମ୍ବାଇ ବିସ୍ଫୋରଣ ଘଟଣାର ଦୋଷୀମାନଙ୍କ ସହ ନବାବ ମଲିକ ଓ ତାଙ୍କ ପରିବାର ସଦସ୍ୟଙ୍କ ସମ୍ପର୍କ ରହିଥିବା କହିଥିଲେ ।

### ଆୟବର୍ହିଭୂତ ସମ୍ପତି ଠୁଳ ମାମଲା ....

ସସ୍ମିତା ସାମଲଙ୍କ ନାମରେ ଗୋଠପାଟଣାରେ ଏକ ପାଂଚ ମହଲା କୋଠା ରହିଛି , ଯାହାର ମୂଲ୍ୟ ୩.୮୯ କୋଟି ଟଙ୍କା । ଉଲ୍ଲେଖଯୋଗ୍ୟ, ପ୍ରତାପ ସାମଲଙ୍କ ଘର ସମେତ ଭୁବନେଶ୍ୱର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୧୦ଟି ଜାଗାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି । ପ୍ରତାପଙ୍କ ଭୁବନେଶ୍ୱର ଆଇଆରସି ଭିଲେଜ୍ ପ୍ଲଟ୍ ନମ୍ବର ଏନ୍/୬-୪୧୬ରେ ଏକ ତିନିମହଲା କୋଠା, ଜୟଦେବ ବିହାରରେ ଏକ ଦୁଇମହଲା ଘର, ବିଜୁ ପଟ୍ଟନାୟକ କଲେଜ ଛକ ମା ଭାଗବତୀ ମନ୍ଦିର ବିପରୀତ ଦିଗରେ ଏକ ଛଅମହଲା କୋଠା, ଖଣ୍ଡଗିରିରେ ଏକମହଲା ଭଡ଼ା ଦିଆଯାଇଥିବା ଘର, ଅନନ୍ୟା ଟାୱାରରେ ଥିବା ତାଙ୍କ ସହଯୋଗୀଙ୍କ ଘର, ତାଙ୍କ ପୁଲିସ୍ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନର କାର୍ଯ୍ୟାଳୟ, ଭଦ୍ରକ ଜିଲ୍ଲାର ବାସୁଦେବପୁରର ବାଲିସାହିଠାରେ ଏକ ତିନି ମହଲା ଆପାର୍ଟମେଂଟ, ବାଲେଶ୍ୱର ଜିଲ୍ଲାର ସୁମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହରିପୁରରେ ନିଜର ପୈତୃକ ଘର ଓ ସଂପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଥିଲା । ପ୍ରତାପ ସାମଲ ଜଣେ ଡିପ୍ଲୋମା ସିଭିଲ ଇଜିନିୟର ।ସେ ଓଡ଼ିଶା ପୁଲିସ୍ ହାଉସିଂ ଆଣ୍ଡ ୱେଲଫେଆର୍ କର୍ପୋରେସନରେ ଜୁନିୟର ଇଂଜିନିୟର ଭାବେ ୧୯୮୮ମସିହା ଅଗଷ୍ଟ୧୪ ତାରିଖରେ ଯୋଗଦେଇଥିଲେ । ପରେ ସେ ଏଷ୍ଟିମେଟର ଭାବେ ସେହିଠାରେ ୧୯୯୪ରୁ ୧୯୯୫ ଯାଏଁ କାମ କରିଥିଲେ । କେନ୍ଦ୍ରାପଡ଼ା ଓ ଦେବଗଡ଼ ଭଳି ଜିଲ୍ଲାରେ କାମ କରିବା ପରେ ପୁଣି ଓଡ଼ିଶା ପୁଲିସ୍ ହାଉସିଂ ଆଣ୍ଡ ୱେଲଫେଆର୍ କର୍ପୋରେସନ ଅଫିସରେ ଡେପୁଟି ମ୍ୟାନେଜର ଭାବେ କାମ କରୁଥିଲେ ।

### ରାଜ୍ୟ ସରକାରଙ୍କ ଉପରେ ....

କିଛି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ଏଥିରୁ ଗୋଟିଏ କଥା ଜଣାପଡୁଛି ଯେ ଓଡ଼ିଶାରେ ନାରୀମାନଙ୍କୁ ରାଜ୍ୟ ସରକାର କେତେ ସୁରକ୍ଷା ଦେଉଛନ୍ତି । ମହିଳାଙ୍କ ଉନ୍ନତି ଓ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ବିଭାଗ ରହିଥିଲେ ହେଁ, ନାରୀ ଅତ୍ୟାଚାରରେ ଓଡ଼ିଶା ପ୍ରଥମରେ ରହିଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ତେଣୁ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ତୁରନ୍ତ ବହିଷ୍କାର କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପୁରନ୍ଦେଶ୍ୱରୀ ଦାବି କରିଛନ୍ତି । ସେହିପରି ପୁରନ୍ଦେଶ୍ୱରୀ ଅନ୍ୟ ପ୍ରସଙ୍ଗରେ ମଧ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ପୁରନ୍ଦେଶ୍ୱରୀ ରାଜ୍ୟରେ ତୈଳ ଦର କମାଇବା ଏବଂ କାଳିଆ ଯୋଜନାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ।

### ପଲଙ୍କ ଉପରେ ରେଜେଇ....

ଯାଇଥିଲେ । ଆଜି ସକାଳେ ସେ ଘରେ ପହଞ୍ଚି ଥିଲେ । ଏହି ସମୟରେ ଘର ଭିତରେ ସାପର ଗର୍ଜନ ଶୁଣିବାକୁ ପାଇଥିଲେ । ଚନ୍ଦ୍ରବୋଡ଼ା ସାପଟି ପଲଙ୍କ ଉପରେ ଥିବା ରେଜେଇ ତଳେ ଛପି ରହିଥିଲା । ସାପର ଗର୍ଜନ ଶୁଣି ସନ୍ତୋଷ ଭୟଭୀତ ହୋଇ ପଡ଼ିଥିଲେ । ସେ କୌଶଳ କରି ଘରୁ ବାହାରକୁ ଚାଲି ଆସିଥିଲେ । ଏନେଇ ସେ ସ୍ନେକ ହେଲ୍ପ ଲାଇନ୍ ସଦସ୍ୟଙ୍କୁ ଖବର ଦେଇଥିଲେ । ଖବର ପାଇ ସ୍ନେକ ହେଲ୍ପ ଲାଇନ୍‌ର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ିଛନ୍ତି । ସାପ ଲମ୍ବ ଛଅ ଫୁଟ୍ ହେବ ।

### ୧୫ରୁ ଖୋଲିବ ଷଷ୍ଠ ଓ....

ସ୍ୱଚ୍ଛତା ନେଇ ନିଶ୍ଚିତ କରିବେ । କୋଭିଡ୍ ମହାମାରୀ ପାଇଁ ପାଖାପାଖି ଦୁଇ ବର୍ଷ ଧରି ବନ୍ଦ ରହିଥିଲା ସ୍କୁଲ । ତେବେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ରାଜ୍ୟ ସରକାର ଅନ୍‌ଲାଇନ୍ କ୍ଲାସ ଆରମ୍ଭ କରିଥିଲେ । ରାଜ୍ୟରେ କରୋନା ସ୍ଥିତିରେ ସୁଧାର ଆସିବା ପରେ ରାଜ୍ୟରେ ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲା ହୋଇଥିଲା । ଦଶହରା ପରେ ଅକ୍ଟୋବର ୨୧ ତାରିଖରୁ ଏକାଦଶ ଏବଂ ୨୫ରୁ ଅଷ୍ଟମ ଶ୍ରେଣୀ କ୍ଲାସ୍ ଖୋଲିଥିଲା ।

## ପାରଳାଖେମୁଣ୍ଡିଠାରେ ପରିବାର ଅଦାଲତ ଉଦ୍‌ଘାଟିତ

ଭୁବନେଶ୍ୱର,୧୦/୧୧ (ନି.ପ୍ର): ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୁରଲୀଧର ଆଜି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିଠାରେ ପରିବାର ଅଦାଲତ ଉଦ୍‌ଘାଟନ କରିଛନ୍ତି । ସେଠାରେ ଏକ ପରିବାର ଅଦାଲତ ସ୍ଥାପନ ଯୋଗୁଁ ଜନସାଧାରଣଙ୍କର ବହୁ ପ୍ରତିକ୍ଷିତ ସ୍ୱପ୍ନ ସାକାର ହୋଇଛି । ଏହି ଭର୍ଚୁଆଲ ଉଦ୍‌ଘାଟନ ଉତ୍ସବରେ ହାଇକୋର୍ଟର ଡକ୍ଟର ଜଷ୍ଟିସ୍ ବି.ଆର.ଷଡ଼ଙ୍ଗୀ, ଜଷ୍ଟିସ୍ ଆର୍.କେ. ପଟ୍ଟନାୟକ ଏବଂ ଜଷ୍ଟିସ୍ ଏ.କେ. ମହାପାତ୍ର ଉପସ୍ଥିତ ଥିଲେ । ଓଡ଼ିଶା ହାଇକୋର୍ଟର ଜଷ୍ଟିସ୍ ଏସ୍. ପୂଜାହାରି ଏବଂ ଜଷ୍ଟିସ୍ ଅରିନ୍ଦମ ସିହ୍ନା, ଜଷ୍ଟିସ ଏସ୍.କେ.ପାଣିଗ୍ରାହୀ ଏବଂ ଜଷ୍ଟିସ ଶଶିକାନ୍ତ ମିଶ୍ର ଏହି ଭର୍ଚୁଆଲ ଉତ୍ସବରେ ଉପସ୍ଥିତ ଥିଲେ ।ଅନ୍ୟମାନଙ୍କ ମଧରେ ବିଶ୍ୱଜିତ୍ ମହାନ୍ତି ରେଜିଷ୍ଟ୍ରାର ଏବଂ ହାଇକୋର୍ଟ ରେଜିଷ୍ଟ୍ରୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଗଜପତି ଜିଲ୍ଲା ଜଜ୍ ସତ୍ୟପ୍ରିୟ ମିଶ୍ର, ଗଜପତି ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା, ଗଜପତି ପୋଲିସ ଏସ୍.ପି. ଜୟରାମ ଶତପଥୀ ଓ ଜିଲ୍ଲା ବାର୍ ଆସୋସିଏସନ ଏବଂ ସେକ୍ରେଟାରୀ ବାର୍ ଆସୋସିଏସନ୍ ଏହି ଭର୍ଚୁଆଲ ଉତ୍ସବରେ ଉପସ୍ଥିତ ଥିଲେ ।

# ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ସମ୍ବର୍ଦ୍ଧନା



ବାଲିଆପାଳ,୧୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ ବେତଗଡିଆ ପଂଚାୟତ ବଙ୍ଗାମୁହଁ ୟୁଜିୟୁପି ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଲିଜାରାଣୀ କୁହ୍ଲାରୀ ଓ ଷଷ୍ଠ ଶ୍ରେଣୀର ଛାତ୍ର ସତ୍ୟବ୍ରତ ଦାସଙ୍କୁ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଲିଜାରାଣୀ ଚଳିତ ନିଟ ପରୀକ୍ଷାରେ ୬୩୧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଷଷ୍ଠ ଶ୍ରେଣୀର ଛାତ୍ର ସତ୍ୟବ୍ରତ ଚଳିତ ବର୍ଷ ମେଧାବୃତୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇ କୃତକାର୍ଯ୍ୟ ହୋଇଥିବାରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା ମୁଖ୍ୟ ଅତିଥି, ଈଶ୍ୱର ଚନ୍ଦ୍ର ଭୂୟାଁ, ,ଅନୀଲ କୁମାର ଧଳ,ମାନସ ରଞ୍ଜନ ଭୂୟାଁ,ସୁଶାନ୍ତ ମହାନ୍ତି, ଅଞ୍ଜଳିନୀ ରାଉଳ, ସତ୍ୟପ୍ରକାଶ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ କୃତୀ ଛାତ୍ରୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବରେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ନାଥ ପରିଡା ଏଥିରେ ସଭାପତିତ୍ୱ କରିଥିଲେ । ସ୍କୁଲ ପରିଚାଳନା ସମିତିର ସଦସ୍ୟ ସଦସ୍ୟା ଓ ଗ୍ରାମବାସୀ ଏଥିରେ ଯୋଗ ଦେଇଥିଲେ ।

# ଇପିଏଫ ପେନସନଧାରୀ ବ୍ୟକ୍ତି ମାନଙ୍କର ମାସିକ ପେନସନ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ଆଗରେ ଧାରଣା



ବାଲିଆପାଳ,୧୦/୧୧ (ନି.ପ୍ର):) କେନ୍ଦ୍ରୀୟ ତଥା ରାଜ୍ୟ ଏପିଏଫ ପେନସନ ଆସୋଏସନର ନିର୍ଦ୍ଦେଶ କ୍ରମେ ୧୬ ତାରିଖକୁ କଳା ଦିବସ ପାଳନ ପାଇଁ ବାଲେଶ୍ୱର ଜିଲାପାଳଙ୍କ ଆଗରେ ଧାରଣା ନିମିତ ବାଲିଆପାଳ ବ୍ଲକ କମିଟି ତରଫରୁ ବାଲିଆପାଳ ଶ୍ରୀ ଗୋପୀନାଥ ସୂତାକଳ ରେ ଥିବା କାଳୀମନ୍ଦିରରେ ଏକ ବୈଠକ ହୋଇଥିଲା । ଉକ୍ତ ବୈଠକରେ ବ୍ଲକ ସଭାପତି ସନ୍ୟାସୀ ବେହେରା ସଭାପତିତ୍ୱ କରିଥିଲେ । ଏଥିରେ ବାଲେଶ୍ୱର ଜିଲାର ଜିଲା କମିଟିର ସଂପାଦକ ବିଷ୍ଣୁପ୍ରସାଦ ମହାନ୍ତି, ଶ୍ୟାମସୁନ୍ଦର ଜେନା, ରତ୍ନାକର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହା ଛଡା ଉଠା ଜଳସେଚନ ଅବସରପ୍ରାପ୍ତ କର୍ମଚାରୀ, ସମବାୟ ସମିତିର ଅବସରପ୍ରାପ୍ତ କର୍ମଚାରୀ ମଧ ଯୋଗ ଦେଇଥିଲେ । ସୂତାକଳ ତରଫରୁ ସଂପାଦକ ଲକ୍ଷ୍ମୀକାନ୍ତ ଜେନା ଉକ୍ତ ସଭାପତି ଅନନ୍ତ ପିଳା, ବିପିନ ପରିଡା, ଯୋଗ ସଂପାଦକ ପ୍ରଫୁଲ ଖିଲାର, ଗାୟତ୍ରୀ ମହାପାତ୍ର ଆଦି ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଆସନ୍ତା ନଭେମ୍ବର ୧୬ ତାରିଖରେ ବାଲେଶ୍ୱର ଜିଲାପାଳଙ୍କ ଆଗରେ ଧାରଣା ଦେବା ପାଇଁ ନିଷ୍ପତି ହୋଇଥିଲା ଏବଂ ଶହ ଶହ ସଂଖ୍ୟାରେ ଯୋଗ ଦେବା ପାଇଁ ସମସ୍ତେ ଦୃଢ ନିଷ୍ପତି ନେଇଥିଲେ ।

# ସାଂସଦଙ୍କ ୬୬ତମ ଜନ୍ମଦିନ ଉପଲକ୍ଷେ ଜଳେଶ୍ୱର ବିଜେପି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ଜଳେଶ୍ୱର, ୧୦/୧୧(ନିପ୍ର): ଜଳେଶ୍ୱର ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ୬୬ ତମ ଜନ୍ମ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ହରିଜନ ମୋର୍ଚ୍ଚା ସଭାପତି ଗୌରୀଶଂକର ଦଳେଇଙ୍କ ନେତୃତ୍ୱରେ ଷ୍ଟେସନ ସଫେଇ, ସାଂସଦଙ୍କ ଦୀର୍ଘାୟୁ କାମନା କରି ନଗର ଯୁବମୋର୍ଚ୍ଚା ସଭପତି ରବିନ୍ଦ୍ର କୁମାର ପାତ୍ରଙ୍କ ନେତୃତ୍ୱରେ ପଂଚମୁଖୀ ହନୁମାନ ମନ୍ଦିରରେ ସମୂହ ପୂଜାପାଠ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା । ଓବିସି ମୋର୍ଚ୍ଚା ସଭାପତି ସଂଜୟ ବେରାଙ୍କ ନେତୃତ୍ୱରେ କୃଷ୍ଣନଗର ହରିଜନ ସାହିରେ ୫୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯିବା ସହିତ କୃଷକ ମୋର୍ଚ୍ଚା ସଭାପତି ସତୀଶ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ବୃକ୍ଷରୋପଣ ଓ ଫଳବଣ୍ଟନ କରାଯାଇଥିଲା । ବିଜେପି ନଗର ସାଧାରଣ ସଂପାଦକ ନନ୍ଦନ ଦତ୍ତଙ୍କ ନେତୃତ୍ୱରେ ସତ୍ୟସାଇ ମନ୍ଦିରରେ ଦରିଦ୍ର ନାରାୟଣ ସେବା ଓ ବସ୍ତ୍ର ବଣ୍ଟନ କରାଯିବା ସହିତ ଆଦିବାସୀ ମୋର୍ଚ୍ଚା ସଭାପତି ଗୋବର୍ଦ୍ଧନ ମାଝୀଙ୍କ ନେତୃତ୍ୱରେ ମନ୍ଦିରରେ ପୂଜାର୍ଚ୍ଚନା ଓ ଗୋ ପୂଜନ ଅନୁଷ୍ଠିତ ହୋଇ ଯାଇଛି । ନଗର ମହିଳା ସଭାନେତ୍ରୀ ସୁବାସିନୀ ଜେନାଙ୍କ ନେତୃତ୍ୱରେ ସମୂହ ଦୀପଦାନ ପ୍ରଦାନ କରାଯାଇଥିଲା ।

# ଶ୍ରଦ୍ଧାଞ୍ଜଳି ରାୟଙ୍କ କବିତା ସଂକଳନ 'ଶେଷ ଇସ୍ତାହାର'ଉନ୍ମୋଚିତ



ବାଲେଶ୍ୱର,୧୦/୧୧ (ନି.ପ୍ର): ସ୍ୱେଚ୍ଛାସେବୀ ସଙ୍ଗଠନ 'ରୂପାୟନ' ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟଙ୍କ ଶୁଭ ଜନ୍ମଦବସ ଅବସରରେ ତାଙ୍କର ଦ୍ୱିତୀୟ କବିତା ସଂକଳନ 'ଶେଷ ଇସ୍ତାହାର'ର ଉନ୍ମୋଚନ ଉତ୍ସବ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କେକ କାଟିବା ସହ ଶ୍ରୀମତୀ ରାୟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଶ୍ରୀମତୀ ଜେନାଙ୍କ ସମେତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା କବି ଅଭୟ ଦାସ, ପ୍ରସନ୍ନ ପାତ୍ର, ଗାଳ୍ପିକ ଉଦୟ ନାରାୟଣ ଦାସ, ଶିକ୍ଷାବିତ ସୁଧାଂଶୁ ଶେଖର ପଣ୍ଡା, ଶ୍ରମିକ ନେତା ନିରଂଜନ ରାଉତ, ନାରୀ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ପ୍ରଜ୍ଞାପାରମିତା ମହାନ୍ତି, ସର୍ବେଶ୍ୱର ଜେନା, ଶୁଭେନ୍ଦୁ କୁମାର ଦାସ, ସମାଜସେବୀ ଯଶୋଦା ନନ୍ଦନ ଆସ, ମଧୁସୂଦନ ମିଶ୍ର, ଡ.ବଂଶୀଧର ଚୌଧୁରୀ, ମଞ୍ଜୁଲତା ବଳ, ଇନାୟତ ଅଲି, ଆଇନଜୀବୀ ଭୂବନାନନ୍ଦ ଦାସ, ଉଜ୍ଜ୍ୱଳ ଚନ୍ଦ୍ର କର, ବିଦ୍ୟାଧର ନାୟକ, ପ୍ରତିମା ପଣ୍ଡା, ବାସନ୍ତି ନାୟକ, ପ୍ରଜ୍ଞା ପାରମିତା ମହାନ୍ତି, ଦିବକର ସ, ପ୍ରଦୀପ ଶତପଥୀ, ଜ୍ୟୋତ୍ସ୍ନା ସେନାପତି, ଗିରିଜା ଶଙ୍କର ଦାସ, ଯତୀନ୍ଦ୍ର ପୁହାଣ, ଅଶ୍ୱିନୀ ଦାସ ପ୍ରମୁଖ ଶ୍ରୀମତୀ ରାୟଙ୍କ କବିତା ସଂକଳନ 'ଶେଷ ଇସ୍ତାହାର'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ ।ଏକାଧିକ ଅତ୍ୟନ୍ତ ଉଚ୍ଚମାନର କବିତାକୁ ନେଇ ସମ୍ପାଦିତ ଏହି ସଂକଳନ ନିଶ୍ଚିତ ପାଠକଙ୍କ ମନକୁ ଛୁଇଁବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କେତେକ ଅତିଥି ଏହି ପୁସ୍ତକରୁ କବିତା ପାଠ ମଧ୍ୟ କରିଥିଲେ । ସମସ୍ତେ ଶ୍ରୀମତୀ ରାୟଙ୍କ ସମାଜସେବା ଓ କବି ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ ।

# ସର୍ବଭାରତୀୟ ଖାଉଟି କଲ୍ୟାଣ ସମ୍ମିଳନୀକୁ ନିମନ୍ତ୍ରିତ



ଜଗତସିଂହପୁର,୧୦/୧୧ (ନି.ପ୍ର): ଶନିବାର ଦିନ ଜାମୁ ଓ କାଶ୍ମୀର ଠାରେ ଅନୁଷ୍ଠିତ ହେବାକୁଥିବା ଖାଉଟି ସୁରକ୍ଷା ନିମନ୍ତେ ନୀତି ଆୟୋଗ ଭାରତ ସରକାରଙ୍କ ଅଧିନ 'ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ' ଦ୍ୱାରା ଆୟୋଜିତ ସମିଳନୀରେ ଓଡିଶା ରାଜ୍ୟ ଶାଖା ତରଫରୁ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକର ସାଇଲୋ ଗ୍ରାମ ପଞ୍ଚାୟତ ଅଧିନ ତେରମାଣପୁର (ବାଲିସାହି)ଗ୍ରାମର ଶ୍ରୀଯୁକ୍ତ ସୁନାକର ବେହେରା, ଓଡିଶା ଖାଉଟି କଲ୍ୟାଣ ପରିଷଦର ରାଜ୍ୟ ସଚିବ ଉକ୍ତ ସମିଳନୀରେ ଯୋଗଦେବା ପାଇଁ ଆମନ୍ତ୍ରିତ ହୋଇଛନ୍ତି । ଶ୍ରୀ ବେହେରା ରାଜ୍ୟର ପ୍ରତିନିଧିତ୍ୱ କରିବା ସଙ୍ଗେ ସଙ୍ଗେ ଉକ୍ତ ସର୍ବଭାରତୀୟ ସମ୍ମିଳନୀ ରେ ଖାଉଟି କଲ୍ୟାଣ ସମ୍ବନ୍ଧୀୟ ନିଜର ସନ୍ଦର୍ଭ ଉପସ୍ଥାପନ କରିବେ । ଏହି ସର୍ବ ଭାରତୀୟ ସମ୍ମିଳନୀରେ ଯୋଗଦାନ କରୁଥିବାରୁ ଓଡିଶା ତଥା ଜଗତସିଂହପୁର ଜିଲ୍ଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ କୃତଜ୍ଞତା ପ୍ରଦାନସହିତ ମାନ୍ୟବର ମନ୍ତ୍ରୀ ଜଳସମ୍ପଦ ଓ ସୂଚନା ଲୋକସମ୍ପର୍କ ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ସାଂସଦ ଜଗତସିଂହପୁର ଡାକ୍ତର ରାଜଶ୍ରୀ ମଲ୍ଲିକ,ପାରାଦୀପ ବିଧାୟକ ଶ୍ରୀଯୁକ୍ତ ସମ୍ବିତ ରାଉତରାୟ, ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମୁଦୁଲି,ଜଗତସିଂହପୁର ଜିଲ୍ଲାପାଳ ମହୋଦୟା,କୁଜଙ୍ଗ ବାର ଆସୋସିଏସନ,ତିର୍ତ୍ତୋଲ ବାର ଆସୋସିଏସନର ସମସ୍ତ କର୍ମକର୍ତ୍ତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ , ଜିଲ୍ଲା ଶିଶୁ କଲ୍ୟାଣ ଅଧକ୍ଷା, ଜିଲ୍ଲା ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା,କୁଜଙ୍ଗ ଅତିରିକ୍ତ ତହସିଲଦାର,ପ୍ରେସକ୍ଲବ ରାହାମା, ଶ୍ରୀ ବଂଶୀଧର ଆଚାର୍ଯ୍ୟ-ଜାତୀୟ ଉପ ସଭାପତି, ଖାଉଟି ମହାସଂଘ, ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ, ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନ,ରାଷ୍ଟ୍ରୀୟ ଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବାଜୀ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ,ସ୍ଥାନୀୟ ସରପଞ୍ଚ ସାଇଲୋ ଶ୍ରୀମତୀ ରୋଜାଲ୍ଲିନ ମହାପାତ୍ର,ତାଳପଡା ସରପଞ୍ଚ ମମତା ସାହୁ ଓ ଶୁଭେଚ୍ଛୁ ମାନଙ୍କ ମଧରେ ପୂର୍ବତନ ଜିଲ୍ଲାପରିଷଦ ଅଜୟ କୁମାର ସାହୁ,ଭିକାରି ଚରଣ ସେନାପତି,ବିଜୁ ଜନତା ଦଳର ଜଗତସିଂହପୁର ଜିଲ୍ଲା ସାଧାରଣ ସମ୍ପାଦକ ବ୍ରଜକିଶୋର ମହାରାଜ,ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବଣିକ ସଙ୍ଘର କର୍ମକର୍ତ୍ତା ମାନେ ଶୁଭେଚ୍ଛା ବାର୍ତ୍ତା ଓ ଅଭିନନ୍ଦନ ଜଣାଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୩୮୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୦/୧୧(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୮୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୪୪୨୮ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୩ ହଜାର ୦୨୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୯୮୦ ରହିଛି । ଆଜି ଚିହ୍ନଟ ହୋଇଥିବା ୩୮୭ ଜଣଙ୍କ ମଧ୍ୟରୁ ୨୨୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୯୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୨, ବାଲେଶ୍ୱରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨, ଭଦ୍ରକରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୩୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୫, ଗଜପତି ଜିଲ୍ଲାରେ ୭ ଜଣ ସଂକ୍ରମିତ ହୋଇଥିବାବେଳେ ଗଂଜାମ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ବାଲେଶ୍ୱରରେ ଅମ୍ଳଜାନ କାରଖାନା ଉଦ୍‌ଘାଟିତ



ବାଲେଶ୍ୱର,୧୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନବନିର୍ମିତ ପିଏସଏ (ପ୍ରେସର ସ୍ୱିଙ୍ଗ ଏଡଜର୍ପସନ) ଅମ୍ଳଜାନ କାରଖାନା ବୁଧବାର ଉଦଘାଟିତ ହୋଇଯାଇଛି । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଉଦଘାଟନ କରିଥିଲେ । ପିଏମ କେୟାର୍ସ ଫଣ୍ଡରୁ ମିଳିଥିବା ଅନୁଦାନରେ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନାରେ ନିର୍ମିତ ଏହି ୧ହଜାର ଏଲପିଏମ କ୍ଷମତା ବିଶିଷ୍ଟ ଅମ୍ଳଜାନ କାରଖାନା ବାଲେଶ୍ୱର ସମେତ ପଡ଼ୋଶୀ ଜିଲା ଏବଂ ରାଜ୍ୟର ରୋଗୀଙ୍କ ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ସାଂସଦ ଶ୍ରୀ ଷଡଙ୍ଗୀ ଆଶାବ୍ୟକ୍ତ କରିଥିଲେ । କୋଭିଡ ମହାମାରୀ ସମୟରେ ଅମ୍ଳଜାନ ଅଭାବ ବହୁ ଜୀବନ ଚାଲିଯାଇଥିବା ବେଳେ ଏବେ ବିଭିନ୍ନ ସ୍ଥାନରେ ସ୍ଥାପିତ ଏହିଭଳି କାରଖାନା ଅଭାବ ପୂରଣରେ ସହାୟକ ହେବ ବୋଲି ସେ କହିଥିଲେ । ଭଦ୍ରକ ଲୋକସଭା ସାଂସଦ ମଞ୍ଜୁଲତା ମଣ୍ଡଳ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟର ସବୁ ଜିଲାରେ ଅମ୍ଳଜାନ କାରଖାନା ସ୍ଥାପନ ପାଇଁ ସରକାର ପଦକ୍ଷେପ ନେଇଥିବା କହିଥିଲେ । କୋଭିଡ ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟ ରାଜ୍ୟକୁ ଅମ୍ଳଜାନ ଯୋଗାଇ ଓଡ଼ିଶା ଉଦାହରଣ ସୃଷ୍ଟି କରିପାରିଥିବା ସେ ପ୍ରକାଶ କରିଥିଲେ । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇ ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମ ଯୋଗୁଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲାର ଅନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଯଥେଷ୍ଟ ଉନ୍ନତି ଆସିପାରିଥିବା ମତବ୍ୟକ୍ତ କରିଥିଲେ । ଏହି ଅମ୍ଳଜାନ କାରଖାନା ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ କହିଥିଲେ । ତେବେ ଏହାର ନିୟମିତ ରକ୍ଷାଣବେକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି କାରଖାନାର କୋଠା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣଙ୍କ ଦ୍ୱାରା ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବେଳେ ଯନ୍ତ୍ରାଂଶ ଓ ଆନୁସଙ୍ଗିକ ଉପକରଣ ସ୍ଥାପନରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥାନ(ଡିଆରଡିଓ) ୭୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛି । ଏନେଇ ଉଭୟ ଏନ.ଏଚ.ଏ.ଆଇ. ଏବଂ ଡି.ଆର.ଡି.ଓ.ଙ୍କୁ ଅତିଥିମାନେ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଡିନ ଏବଂ ଅଧ୍ୟକ୍ଷ ପ୍ରଫେସର ଡା. ରାମଚନ୍ଦ୍ର ଗିରି, ଅଧୀକ୍ଷକ ପ୍ରଫେସର ଡା.ସୁଜାତା ମିଶ୍ର, ଜିଲ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁଲାଳ ସେନ ଜଗଦ୍ଦେବଙ୍କ ସମେତ ଅନ୍ୟାନ୍ୟ ଜନ ପ୍ରତିନିଧି, ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନଧି ଉପସ୍ଥିତ ଥିଲେ ।

# କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧିଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବାଲିଆପାଳ,୧୦/୧୧ (ନି.ପ୍ର): ସରକାର ସବୁ ଠିକା କର୍ମଚାରୀ ଓ ଆଉଟ ସୋର୍ସିଂ କର୍ମଚାରୀଙ୍କ ପାରିଶ୍ରମିକ ବଢାଇଛନ୍ତି । ସମସ୍ତଙ୍କୁ ଦୀପାବଳୀରେ ଉପହାର ଦେଇଛନ୍ତି ବୋଲି କହୁଛନ୍ତି ।ମାତ୍ର ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲର କନିଷ୍ଠ ଶିକ୍ଷକଙ୍କୁ ଅଣଦେଖା କରିଥିବା ଅଭିଯୋଗ ହୋଇଛି । ଏନେଇ ରାଜ୍ୟ ବ୍ୟାପି କନିଷ୍ଠ ଶିକ୍ଷକ ମାନେ ପ୍ରତିବାଦ କରିଆସୁଥିବାବେଳେ ଆଜି ବାଲିଆପାଳ ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବ୍ଲକଶିକ୍ଷାଅଧିକାରିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଏହି ଦାବିପତ୍ରରେ କନିଷ୍ଠ ଶିକ୍ଷକ ମାନେ ୬ହଜାର ୫୦୦ ଟଙ୍କାରେ କାମ କରୁଛନ୍ତି । ବର୍ତ୍ତମାନ ଦରଦାମ ବୃଦ୍ଧି ସମୟରେ ଏହି ଅର୍ଥରେ ସେମାନଙ୍କ ପରିବାର ଚଳାଇବା କଷ୍ଟସାଧ ହୋଇପଡିଛି । ଓଡିଶା ବର୍ଗ ଗ ଚୁକ୍ତିନାମା ନିୟମ ୨୦୧୩ ମସିହାରୁ ରାଜ୍ୟ ସରକାରଙ୍କ ଚୁକ୍ତିଭିତ୍ତିକ ଆଇନ ଅନୁସାରେ ନିଯୁକ୍ତି ଦିଆଯାଇଥିଲେ ମଧ ସେହି ଆଇନରେ ସାମିଲ କରାଗଲା ନାହିଁ କିମ୍ୱା ବେତନ ବୃଦ୍ଧି କରାଯାଇ ନାହିଁ । ଏହି ନିୟମକୁ କାର୍ଯ୍ୟକାରୀ କରିବା ସହ କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଅତିକୁଶଳୀ(ତାଲିମପ୍ରାପ୍ତ) ହୋଇଥିବାରୁ ସେମାନଙ୍କ ଦରମା ୧୬ ହଗଜାର ଟଙ୍କା ଲାଗୁ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । ସଂଘ ପକ୍ଷରୁ ବ୍ଲକ ଶିକ୍ଷାଅଧିକାରୀ ନାରାୟଣ ଦାସଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧରେ ବିଆରସିସି ଦୁଃଖିଶ୍ୟାମ ଦାସ,ଏବିଇଓ ନମିତାପ୍ରବା ସାମଲ, ଆରତୀ ଭୂୟାଁ ଉପସ୍ଥିତ ଥିଲେ । ସଂଘର ସଭାପତି ବ୍ୟୋମକେଶ ସାହୁ,ସମ୍ପାଦକ ମନୋରଞ୍ଜନ ପ୍ରଧାନ, ଉପସଭାପତି ସୌରଭ କୁମାର ପାତ୍ର,ସହସଂପାଦକ ଅନୁରାଗ ଭୂୟାଁ,ସଂଯୋଜକ ଜିତୁ କୁମାର ବିଶ୍ୱାଳ ସମେତ ଗୀତାଞ୍ଜଳୀ ରାୟ, ସସ୍ମିତା ଦାସ, ରଞ୍ଜନ କୁମାର ମହାନ୍ତି, ଲକ୍ଷ୍ମୀପ୍ରିୟା ରାଉଳ, ମୃତ୍ୟୁଞ୍ଜୟ ପ୍ରମାଣିକ, ଅସିତ ବେହେରା, ଗଣେଶ ମାଝୀ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀମାନେ ସାମିଲ ହୋଇଥିଲେ ।

# ଇନ୍ଦ୍ରାବତୀ କେନାଲରେ ଜଳ ଯୋଗାଣ ଦାବିରେ ଚାଷୀଙ୍କ ରାସ୍ତାରୋକ

ଭବାନୀପାଟଣା,୧୦/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ କେନାଲରେ ଜଳ ଯୋଗାଣ ଦାବିରେ ଜୟପାଟଣା, କଲମପୁର ବ୍ଲକର ୧୩ ଗୋଟି ପାଣିପଞ୍ଚାୟତର ଚାଷୀ ଆଜି ରାଜରାସ୍ତା ଅବରୋଧ କରିଛନ୍ତି । ଇନ୍ଦ୍ରାବତୀରୁ କେନାଲ ମରାମତି ପାଇଁ ରବି ଋତୁ ଚାଷରେ ଜଳ ଯୋଗାଣ ବନ୍ଦ ନେଇ ମୁଖୀଗୁଡା ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ଚାଷିଙ୍କୁ ପୂର୍ବରୁ ସୂଚନା ଦିଆଯାଇଛି । ହେଲେ କିଛି ଅଞ୍ଚଳ ପର୍ଯ୍ୟନ୍ତ ଜଳ ଯୋଗାଣ ହେବ । ଏ ନେଇ କଲମପୁର ଗୁନଗୁନିଆ ଡିଷ୍ଟ୍ରିବୁଟର ଚାଷି ମାନେ ଜିଲ୍ଲାପାଳଙ୍କୁ ଜଳ ଯୋଗାଣ ଗୁନଗୁନିଆ ଡିଷ୍ଟ୍ରିବୁଟାରି ପର୍ଯ୍ୟନ୍ତ ପାଣି ଦେବାକୁ ଦାବି କରିଥିଲେ । ତେବେ କୌଣସି ପ୍ରତିଶ୍ରୁତି ନ ମିଳିବାରୁ ଆଜି ସକାଳ ୬ ଟା ଠାରୁ ମୋଟେର-ମୁଖୀଗୁଡା ରାଜ୍ୟ ରାଜପଥକୁ ଗୁନଗୁନିଆ ଛକ ନିକଟରେ ଅବରୋଧ କରିଥିଲେ ଚାଷୀ । ଜୟପାଟଣା ଓ କଲମପୁରର ୧୩ ଗୋଟି ପଞ୍ଚାୟତର ଚାଷୀ ମାନେ ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ଦୀର୍ଘ ସମୟ ଧରି ରାସ୍ତାରୋକ ଯୋଗୁଁ ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି ।

# ପାହାଡ ମାଟି ଚୋରି ନେଇ ଥାନାରେ ଅଭିଯୋଗ



ଖଇରା,୧୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡ ର ୧୪୪ଧାରା ଲାଗୁଥିବା ଅଞ୍ଚଳରୁ ମାଟି ପଥର ଆଣି ଖଇରା ସ୍କୁଲ ସମେତ ବିଭିନ୍ନ ସରକାରୀ କାର୍ଯ୍ୟରେ ବ୍ୟବହାର କରାଯିବା ପ୍ରତିବାଦରେ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ତଥା ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ବରିଷ୍ଠ ନାଗରିକ ମଞ୍ଚର ଜୋନ ସମ୍ପାଦକ ଶ୍ରୀଧର ତ୍ରିପାଠୀ, କଇଥଗଡିଆ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ, କମଳାକାନ୍ତ ବିଶ୍ୱାଳଙ୍କ ସମେତ ୩୦ରୁ ଉର୍ଦ୍ଧ ବ୍ୟକ୍ତି ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଚୋରା ଚାଲାଣରେ ବ୍ଲକ,ତହସିଲର କାର୍ଯ୍ୟାଳୟର ବହୁ ଅଧିକାରୀ ମାନଙ୍କର ସଂପୃକ୍ତି ଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି । ପାହାଡରେ ଖଣି ବ୍ୟବହାର ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ତରଫରୁ କଟକଣା ଲଗାଯାଇଥିବା ବେଳେ ପାହାଡରୁ ମାଟି ଓ ପଥରଉତ୍ତୋଳନ କରାଯାଉଥିବାରୁ ତୁରନ୍ତ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରାଯାଇଛି ।

# ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ 'ଜନଜାତୀୟ ଗୌରବ ଦିବସ' ପାଳନ ପାଇଁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୦/୧୧ (ନି.ପ୍ର): ଜନଜାତି ଜନନାୟକ ତଥା ମହାନ୍ ସ୍ୱତନ୍ତ୍ରତା ସେନାନୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଦିବସ ନଭେମ୍ବର ୧୫ ଠାରୁ ୨୨ ନଭେମ୍ବର ପର୍ଯ୍ୟନ୍ତ 'ଜନଜାତୀୟ ଗୌରବ ଦିବସ' ଭାବରେ ପାଳନ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ ତାଙ୍କର ଜୟନ୍ତୀ ଦିବସ ଠାରୁ ପାଖାପାଖି ସପ୍ତାହେ ବ୍ୟାପୀ 'ଜନଜାତୀୟ ଗୌରବ ଦିବସ' ପାଳନ କରିବା ପାଇଁ ଭାରତ ସରକାରଙ୍କ ଏହା ଯୁଗାନ୍ତକରୀ ନିଷ୍ପତି । ଏହି ନିର୍ଣ୍ଣୟ ଓଡ଼ିଶା ସମେତ ଦେଶର ଜନଜାତି ସଂପ୍ରଦାୟଙ୍କ ପୂର୍ବ ବୀରଗାଥା ଏବଂ ଗୌରବମୟ ଇତିହାସକୁ ଉଜ୍ଜିବୀତ କରିବା ସଙ୍ଗେସଙ୍ଗେ ସେମାନଙ୍କ ସଂସ୍କୃତି, ପରମ୍ପରା ସାରା ଭାରତବର୍ଷରେ ଆଦୃତ ହେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ଏହାବ୍ୟତିତ କେନ୍ଦ୍ର କ୍ୟାବିନେଟର ବିଭିନ୍ନ ନିଷ୍ପତି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆଗାମୀ ୨୦୨୧-୨୨ ଆଖୁ ଚାଷ ସମୟରେ ଇଥାନଲ ବ୍ଲେଣ୍ଡିଂ ପ୍ରୋଗ୍ରାମ ଅନ୍ତର୍ଗତ ଆଖୁଛେଦାରୁ ପ୍ରସ୍ତୁତ ଇଥାନଲକୁ ଅଧିକ ମୂଲ୍ୟରେ କିଣିବା ପାଇଁ ନିଷ୍ପତି ନିଆଯାଇଛି । ଏହା ଦ୍ୱାରା ଇଥାନଲ ଯୋଗାଣକାରୀ ଏବଂ ଚାଷୀମାନେ ଅଧିକ ଲାଭବାନ ହେବେ। ସେହିପରି ବର୍ଷ ୨୦୧୪-୧୫ ରୁ ୨୦୨୦-୨୧ ବର୍ଷ ପର୍ଯ୍ୟନ୍ତ କପାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ର କ୍ରୟ ପାଇଁ ଭାରତୀୟ କପା ଆୟୋଗକୁ ସିଧାସଳଖ ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ୧୭ ହଜାର ୪୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ବର୍ଷ ୨୦୨୦-୨୧ ପାଇଁ ପ୍ୟାକେଜିଂରେ ଝୋଟର ନିରନ୍ତର ବ୍ୟବହାରକୁ ମଧ ସ୍ୱୀକୃତି ଦିଆଯାଇଛି। ଏହି ନିଷ୍ପତି ଦ୍ୱାରା ଦେଶର ଲକ୍ଷ ଲକ୍ଷ ଝୋଟ ଏବଂ କପା ଚାଷୀମାନେ ଉପକୃତ ହେବେ। କପା ଏବଂ ଝୋଟ ଉତ୍ପାଦନରେ ଦେଶକୁ ଆତ୍ମନିର୍ଭର କରିବାରେ ସହାୟକ ହେବ ଏବଂ ଏହି ବର୍ଗର ଚାଷୀଙ୍କ ଉତ୍ପାଦକୁ ଉଚିତ୍ ମୂଲ୍ୟ ଦେବା ଓ ବଜାର ଉପଲବ୍ଧ କରିବା ଏବଂ ଆର୍ଥିକ ସମ୍ବଳ ବୃଦ୍ଧି କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

# ବଜାଜ କେଟିଏମର 'ଆରସି-୨୦୦'ର ବଜାର ପ୍ରବେଶ

ବାଲେଶ୍ୱର,୧୦/୧୧ (ନି.ପ୍ର): ବଜାଜ କେଟିଏମ କମ୍ପାନିର ନୂତନ ମଡେଲ ବାଇକ 'ଆରସି-୨୦୦'ର ବାଲେଶ୍ୱର ବଜାର ପ୍ରବେଶ ହୋଇଛି। କମ୍ପାନିର ଅଧିକୃତ ବିକ୍ରେତା ଭୀମପୁରା ଛକସ୍ଥିତ 'ଶୁଭଲକ୍ଷ୍ମୀ ମୋଟର୍ସ' ପକ୍ଷରୁ ନୂତନ ଗାଡ଼ିର ଶୁଭ ଉଦଘାଟନ ସହ ବିକ୍ରି ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ବାଲେଶ୍ୱର ଟ୍ରାଫିକ ଥାନା ଆଇଆଇସି ମୋନାଲିସା କର ଓ ଶୁଭଲକ୍ଷ୍ମୀ ମୋଟର୍ସର ନିର୍ଦ୍ଦେଶକ ସ୍ମାରକ ଦାଶ ଯୋଗଦେଇ ନୂତନ ମଡେଲ ବାଇକ୍ 'ଆରସି-୨୦୦'କୁ ଅନାବରଣ କରିଥିଲେ। ଭାରତୀୟ ସଡ଼କର ସ୍ଥିତି ଅନୁସାରେ ଯୁବଗୋଷ୍ଠୀଙ୍କୁ ରୋମାଞ୍ଚକର ବାଇକ ଚାଳନାର ଅନଭୂତି ପ୍ରଦାନରେ ଏହି ନୂଆ ବାଇକ୍ ବେଶ ସହାୟକ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ କେଟିଏମ ବାଇକ୍‌ର ପୂର୍ବାଞ୍ଚଳ ମୁଖ୍ୟ ସୁବ୍ରତ ମହାପାତ୍ର ଓ କ୍ଷେତ୍ରୀୟ ବିକ୍ରୟ ମ୍ୟାନେଜର ହିମାଂଶୁ ମିଶ୍ର ଏଥିରେ ବରେଣ୍ୟ ଅତିଥିଭାବେ ଯୋଗଦେଇ ନୂତନ ବାଇକ୍‌ର ସଫଳତା କାମନା କରିଥିଲେ। ଶୁଭଲକ୍ଷ୍ମୀ ମୋଟର୍ସର ସୋ-ରୁମ ମ୍ୟାନେଜର ମନୋଜ କୁମାର ନାୟକ ଏହି ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ ନୂତନ ବାଇକର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୦ସିସି ଇଞ୍ଜିନ ସିଙ୍ଗଲ ସିଲିଣ୍ଡର ବିଶିଷ୍ଟ ଏହି ଷ୍ଟାଇଲିଷ୍ଟ ରେସିଙ୍ଗ ବାଇକ୍‌ରେ ୪୦ପ୍ରତିଶତ ବଡ ଏୟାର ବକ୍ସ, ଏଲଇଡି ହେଡ ଲ୍ୟାମ୍ପ, ଉତ୍ତାପ ନିୟନ୍ତ୍ରଣ ପାଇଁ କର୍ଭଡ୍ ରେଡିଏଟର, ଏଲସିଡି ଡିସ୍‌ପ୍ଲେ ପ୍ରଭୃତି ନୂତନ ବୈଶିଷ୍ଟ ରହିଛି। ୨ଲକ୍ଷ ୯ହଜାର ସୋ-ରୁମ ପ୍ରାଇସ୍‌ରେ ବିକ୍ରି ହେଉଥିବା ଏହି ବାଇକ୍‌ରେ ଆରୋହୀ ବେଶ ଆରାମଦାୟକ ଯାତ୍ରାର ମଜା ନେଇପାରିବେ ବୋଲି ଶ୍ରୀ ନାୟକ କହିଥିଲେ । ତେବେ ଅନ୍ୟ ଗାଡି ତୁଳନାରେ ଏହି ବାଇକ୍‌ରେ ମ୍ୟାଂଟେନ୍ୟାନ୍ସ ଖର୍ଚ୍ଚ ବହୁତ କମ୍ ରହିଥିବା ସେ ସୂଚନା ଦେଇଥିଲେ। ତେବେ ଗ୍ରାହକଙ୍କ ସୁବିଧା ପାଇଁ ଫାଇନାନ୍ସ ବ୍ୟବସ୍ଥା ରହିଥିବା ବେଳେ ଗ୍ରାହକ ସେବାକୁ ଏହି ସୋ'ରୁମ୍ ଅଧିକ ଗୁରୁତ୍ୱ ଦେଉଥିବା ଶ୍ରୀ ନାୟକ କହିଥିଲେ। କେଟିଏମ ବାଇକ ଚଳାଉଥିବା ବହୁ ଯୁବ ଗ୍ରାହକ ଏହି ନୂତନ ବାଇକ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ।

# କବି ହରନାରାୟଣ ମିଶ୍ରଙ୍କ ଲିଖିତ ପୁସ୍ତକ 'ଶୁଭାଭିନନ୍ଦନ' ଉନ୍ମୋଚିତ



ବାରିପଦା,୧୦/୧୧ (ନି.ପ୍ର): କବି ହରନାରାୟଣ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ 'ଶୁଭାଭିନନ୍ଦନ' ଉନ୍ମୋଚିତ ହୋଇଯାଇଛି ଓକବିଙ୍କ ବାସଭବନରେ ଅନୁଷ୍ଠିତ ଏକ ନିରାଡମ୍ବର ଉତ୍ସବରେ ଏମ୍ କେ ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତ ମୁଖ୍ୟ ଅତିଥି, ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର ମୁଖ୍ୟ ବକ୍ତା, ମୟୁରଭଞ୍ଜ ସାହିତ୍ୟ ଏକାଡେମୀ ର ସଭାପତି ଡ. ସରୋଜ କୁମାର ନାୟକ ସମୀକ୍ଷକ ଓ ଲେଖକ ବସନ୍ତ କୁମାର ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବିଙ୍କର ମହନୀୟ ଉଦ୍ୟମକୁ ପ୍ରଶଂସା କରିଥିଲେ । କିଶୋର ସାହିତ୍ୟଭିତ୍ତିକ ଏହି ପୁସ୍ତକଟି ଲେଖନୀର ପଦଯାତ୍ରା ସଙ୍କଳନର ଅଷ୍ଟାଦଶ ସଙ୍କଳନ ଓ ପୂର୍ବରୁ କବିଙ୍କର ବହୁ ପୁସ୍ତକ ପାଠକୀୟ ସ୍ୱୀକୃତୀ ଲାଭ କରିଥିବା ବେଳେ 'ଶୁଭାଭିନନ୍ଦନ' ପୁସ୍ତକଟି ଆଦୃତ ହେବ ବୋଲି ମତପ୍ରକାଶ ପାଇଥିଲା ।

# ଗର୍ଭପାତ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପୁରୀ,୧୦/୧୧ (ନି.ପ୍ର): ଗର୍ଭଧାରଣ ପୂର୍ବରୁ ବା ପରେ ଲିଙ୍ଗ ନିରୂପଣ କରି ଗର୍ଭପାତ କରୁଥିବା ଡ଼ାକ୍ତରୀସଂସ୍ଥା,କ୍ଲିନିକ କିମ୍ୱା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ସମର୍ଥ ବର୍ମା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସବ ପରୀକ୍ଷଣ ପଦ୍ଧତି ସଂକ୍ରାନ୍ତୀୟ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ଜିଲ୍ଲାରେ ଏକ ହଜାର ପୁଅଙ୍କ ତୁଳନାରେ ୯୪୯ଜଣ ଜନ୍ମ ଗ୍ରହଣ କରିଛନ୍ତି। ଲିଙ୍ଗ ଅନୁପାତ କମ୍ ରହୁଥିବାରୁ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ବୈଠକରେ ପରାମର୍ଶ ଦେଇଥିଲେ। ପୂର୍ବରୁ ନିମାପଡ଼ା ଅଞ୍ଚଳରେ ଏଭଳି ବେଆଇନ୍ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ପ୍ରସୁତି ବିଭାଗର ଡ଼ାକ୍ତର ବାଚସ୍ପତି ଦାଶଙ୍କୁ ଗତ ଜୁନ୍ ମାସରେ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଗର୍ଭଧାରଣ ପୂର୍ବରୁ ବା ପରେ ଲିଙ୍ଗ ନିରୂପଣ କରି ଗର୍ଭପାତ କରୁଥିବା ଡ଼ାକ୍ତରୀ ସଂସ୍ଥା,କ୍ଲିନିକ କିମ୍ୱା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଏଭଳି ଅଭିଯୋଗ ମିଳିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲା ଶିକ୍ଷାଧିକାରୀଙ୍କ ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟକୁ ପ୍ରଶଂସା ଓ ମାନପତ୍ର ପ୍ରଦାନ




ଜଳେଶ୍ୱର, ୧୦/୧୧(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟି ଅନ୍ତର୍ଗତ ଶାନ୍ତିଆଠାରେ ଅବସ୍ଥିତ ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟକୁ ଜିଲା ଶିକ୍ଷାଧିକାରୀଙ୍କ ପ୍ରଥମ ଗସ୍ତ ଅବସରରେ ପ୍ରଧାନ ଶିକ୍ଷକଙ୍କୁ ପ୍ରଶଂସା ଓ ମାନପତ୍ର ପ୍ରଦାନ କରିଛନ୍ତି । ଏହି ବିଦ୍ୟାଳୟ ୧୯୯୮ ମସିହାରେ ସ୍ଥାପିତ ହୋଇ ମାତ୍ର ୨୩ବର୍ଷ ମଧ୍ୟରେ ଜିଲାରେ ଏକ ପ୍ରମୁଖସ୍ଥାନ ଅଧିକାର କରି ରାଜ୍ୟରେ ୨୦ଟି ବିଦ୍ୟାଳୟ ମଧ୍ୟରେ ସ୍ଥାନୀତ ହୋଇ ବ୍ଲକରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ମୋ ସ୍କୁଲ ଅଭିଯାନରେ ଆଲୁମିନି ମାନଙ୍କ ପକ୍ଷରୁ ୨୭ ଲକ୍ଷ ଟଙ୍କା ଜମାକରି ସରକାରଙ୍କ ପାଖରୁ ପ୍ରାୟ ୮୦ଲକ୍ଷ ଟଙ୍କା ପାଇବାରେ ସକ୍ଷମ ହୋଇ ପାରିଛନ୍ତି । ସମସ୍ତ ଶିକ୍ଷକ, କର୍ମଚାରୀ, ପରିଚାଳନା କମିଟି ଓ ଆନୁମିନି ମାନଙ୍କ ଆପ୍ରାଣ ଚେଷ୍ଟା, ସହଯୋଗ ଓ ସହାୟତାରେ ଏହା ଏକ ମଡେଲ ସ୍କୁଲରେ ପରିଣତ ହେବା ସହିତ ଲଗାତର ୫ବର୍ଷ ଧରି ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିପାରିଛି । ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ସହିତ ବିଭିନ୍ନ ଦିଗରେ ପାରଦର୍ଶିତା ହାସଲ ଓ ଆଦର୍ଶ ଛାତ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଗତ ଅଗଷ୍ଟ ମାସରେ ତତ୍କାଳୀନ ଜିଲାଶିକ୍ଷାଧିକାରୀ ରଂଜନ କୁମାର ଗିରି ପ୍ରଶଂସା ଓ ମାନପତ୍ର ପ୍ରଦାନ କରିଥିଲେ । ନୂତନ ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ଜଳେଶ୍ୱର ପ୍ରଥମ ଗସ୍ତରେ ଏହି ବିଦ୍ୟାଳୟ ପରିଦର୍ଶନ କରି ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବାରିକଙ୍କୁ ପ୍ରଶଂସା ଓ ମାନପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଜଳେଶ୍ୱର ବିଇଓ, ଏବିଇଓ, ମୋ ସ୍କୁଲ ଅଭିଯାନର ଜିଲା ସଂଯୋଜକ, ଜିଲା ବିଜ୍ଞାନ ସଂଯୋଜକ, ସିଆର୍‌ସି ଓ ଶିକ୍ଷକମାନେ ଉପସ୍ଥିତ ଥିଲେ । ଫଳରେ ବିଦ୍ୟାଳୟ ସମସ୍ତ ଶିକ୍ଷକ, କର୍ମଚାରୀ, ପୂର୍ବତନ ଛାତ୍ର ସଂଘ ଓ ପରିଚାଳନା କମିଟି ଶିକ୍ଷାଧିକାରୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି ।

# ଶହ ଶହ ସାଧୁସନ୍ଥଙ୍କ ଉପସ୍ଥିତିରେ ମହନ୍ତ ଭାବେ ଅଭିଷିକ୍ତ ହେଲେ ଶୁଭେନ୍ଦ୍ର ମୁନୀ



ଖଇରା,୧୦/୧୧ (ନି.ପ୍ର):ଶହ ଶହ ସାଧୁସନ୍ଥଙ୍କ ଗହଣରେ ବେଦ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଅମ୍ବିକା ଆଶ୍ରମର ସାନବାବା ତଥା ଦିବଂଗତ ଓଁକାର ମୁନି ଉଦାସୀନଙ୍କ ଶିଷ୍ୟ ଶୁଭେନ୍ଦ୍ର ମୁନୀ ଉଦାସୀନଙ୍କୁ ଆଶ୍ରମର ମହନ୍ତ ଭାବେ ଅଭିଷିକ୍ତ କରାଯାଇଛି । ବୁଧବାର ଆଶ୍ରମ ପରିସରରେ ଆୟୋଜିତ ଅଭିଷେକ ଉତ୍ସବରେ ଓଡିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁ ସନ୍ୟାସୀ ମାନେ ଯୋଗ ଦେଇ ଗୀତା ଭାଗବତ ମହାତ୍ମ୍ୟ,ଗୁରୁଶିଷ୍ୟର ମହାନ ପରମ୍ପରା,ଉଦାସୀନ ସମ୍ପ୍ରଦାୟଙ୍କ ଉତ୍ତର ଦାୟିତ୍ୱ ସମ୍ପର୍କରେଉତତ୍ତ୍ୱଦର୍ଶୀ ବାଣୀ ପ୍ରଦାନ କରିଥିଲେ । ପରେ ଭାରତର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ନିରଞ୍ଜନ ମୁନୀ ଉଦାସୀନ, ମହନ୍ତ ଭରତ ଦାସ, ମହନ୍ତ ଅଗ୍ନିମୁନୀ, ମହନ୍ତ ପୁଷ୍କରାନନ୍ଦ, ମହନ୍ତ ଭଗବାନ ଦାସ, ମହନ୍ତ ରଜରାଜେଶ୍ୱରୀ ପୁରୀ, ମହନ୍ତ ବିନୟାନନ୍ଦ ପୁରୀ, ମହନ୍ତ ଭବାନୀ ଶଙ୍କର ଦାସ, ମହନ୍ତ ମୌନୀ ବାବା, ଗଙ୍ଗା ମୁନୀ ପ୍ରମୁଖ ଉତ୍ତରୀୟ ତିଳକ ଦେଇ ମହନ୍ତ ପଦବୀରେ ଅଭିଷେକ କରାଇଥିଲେ । ଏହା ପରଠାରୁ ଶୁଭେନ୍ଦ୍ର ମୁନୀ ଅମ୍ବିକା ଆଶ୍ରମ ସମେତ ପାହାଳର ଜଗନ୍ନାଥ ମନ୍ଦିରର ସଞ୍ଚାଳକ ପଦ ସମ୍ଭାଳିବେ ବୋଲି ସାଧୁମାନେ ପ୍ରକାଶ କରିଥିଲେ । ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ସ୍ଥିତ ଏହି ଆଶ୍ରମ ୧୯୭୮ ମସିହାରେ ଦିବଂଗତ ଓଁକାର ମୁନୀ ଉଦାସୀନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ବେଳେ ଶୁଭେନ୍ଦ୍ର ମୁନୀ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ । ଏହି ମନ୍ଦିର କୁପାରୀ ପର୍ଯ୍ୟଟନ କ୍ଷେତ୍ର ତଥା ସମଗ୍ର ବାଲେଶ୍ୱର ଜିଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଆସୁଛି । ଉକ୍ତ ଅଭିଷେକ ଉତ୍ସବରେ ବାବାଙ୍କର ବହୁ ଭକ୍ତ ଶିଷ୍ୟ ଯୋଗ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo